

ଅକ୍ଟୋବର, ୧୯୬୩

ଗାନ୍ଧୀ-ଜୟନ୍ତୀ ଓ

ଜାତୀୟ ସଂହତି ବିଶେଷାଙ୍କ

# ଉତ୍କଳ ପ୍ରସଙ୍ଗ

# ଭାରତର

ନୂଆଦିଲ୍ଲୀସ୍ଥ ସର୍ଦ୍ଦାର-ସ୍କୋୟାରରେ ସର୍ଦ୍ଦାର ପଟେଲଙ୍କ ବ୍ରୋଞ୍ଜ-ନିର୍ମିତ ଚତୁଃ ପ୍ରତିମୂର୍ତ୍ତି



# ଲୌହ ମାନବ

ଗାନ୍ଧୀଙ୍କ ସହକର୍ମୀ, ଭାରତର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସେନାପତି ସର୍ଦ୍ଦାର ପଟେଲଙ୍କ ଏହି ପ୍ରତିମୂର୍ତ୍ତି ଗତ ସେପ୍ଟେମ୍ବର ୧୮ ତାରିଖରେ ରାଷ୍ଟ୍ରପତି ଡଃ ରାଧାକୃଷ୍ଣନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

ଚିତ୍ରରେ— ରାଷ୍ଟ୍ରପତିଙ୍କ ପଛପଟେ ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁ ଓ ପାର୍ଲିଆମେଣ୍ଟ ସଦସ୍ୟ ଶ୍ରୀ ବାବୁଭାଇ ପଟେଲ

**ମଲାଟ ପରିଚୟ**—ପ୍ରଥମ ମଲାଟରେ ଦିଆଯାଇଛି—କଲିକତାରେ ସ୍ଥାପିତ ଏକ ବ୍ରୋଞ୍ଜ-ନିର୍ମିତ ଗାନ୍ଧୀମୂର୍ତ୍ତିର ଫଟୋ । ଯଷ୍ଟି ହସ୍ତରେ ଦିନେ ନିରସ୍ତ୍ର ଜନତାର ଏକ ପ୍ରତିନିଧି କେବଳ ଅହିଂସା ଓ ଆତ୍ମବଳର ବାଣୀରେ ଦେଶକୁ ଉଦ୍‌ବୁଦ୍ଧ କରି ଦେଶର ସ୍ୱାଧୀନତା ଆଣିପାରିଥିଲେ । ଗତବର୍ଷଠାରୁ ଭାରତର ସୀମାନ୍ତ ଆକାଶପଟେ ପୀତ-ଚୀନର ଅଗ୍ରାସନ-ମେଘ ହିଂସା-ପ୍ଲାବନର ଆଶଙ୍କା ଜଣାଇ ଥିବାବେଳେ, "ଅହିଂସା ଦୁର୍ବଳର ସାହାଯ୍ୟ ନୁହେଁ; ଏହା ବୀରର ଭୂଷଣ"—ତାଙ୍କର ଏହି ବାଣୀରେ ଉଦ୍‌ବୁଦ୍ଧ ଭାରତର କୋଟି କୋଟି ସନ୍ତାନ ଆଜି ମାତୃଭୂମିର ଅଖଣ୍ଡତା ଓ ସ୍ୱାଧୀନତା ରକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି । ଅନ୍ୟର କ୍ଷତି କରିବା ଅହିଂସ ଭାରତର ଏ ପ୍ରସ୍ତୁତିର ଲକ୍ଷ୍ୟ ନୁହେଁ—ଆତ୍ମରକ୍ଷା ହିଁ ଏହାର ଏକମାତ୍ର ଉଦ୍ଦେଶ୍ୟ ।



ଗତ ସେପ୍ଟେମ୍ବର ୧୪ ତାରିଖ ଦିନ ଚିପିଲିମାଠାରେ ହୀରାକୁଦ ୨ୟ ପର୍ଯ୍ୟାୟର ବିଦ୍ୟୁତ-କକ୍ଷ ଉଦ୍‌ଘାଟନ କରୁଛନ୍ତି ଓଡ଼ିଶାର ରାଜ୍ୟପାଲ ଡଃ ଖୋସଲା । ଏ ସଂପର୍କୀୟ ଗୋଟିଏ ପ୍ରବନ୍ଧ ୪୫ ପୃଷ୍ଠାରେ ପ୍ରକାଶ ପାଇଛି

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକଳାପ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ-ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏଥି ଦ୍ୱାରା ଅନେକ ବିଷୟକୁ ସଂକ୍ଷିପ୍ତ ଆକାରରେ ବି ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେ ଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳପାଠ ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।


ପ୍ରକାଶନ—ପ୍ରତ୍ୟେକ ମାସର ୧୫ ତାରିଖ

ଅସ୍ଥାୟୀ ସଂପାଦକ—ଶ୍ରୀ ମାୟାଧର ମିଶ୍ର, ବି.ଏ.,
ଆଡ଼ିସନାଲ ପ୍ରଡ଼କସନ୍ ଅଫିସର

ମୂଲ୍ୟ—ବାର୍ଷିକ ଟ ୨.୦୦,
ପ୍ରତିସଂଖ୍ୟା ଟ୦.୧୨

ପ୍ରକାଶକ—ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ, ଓଡ଼ିଶା

ଟେଲିଗ୍ରାମ—ପବ୍ଲିସିଟି ଟେଲିଫୋନ୍—ପି. ବି. ଏକ୍ସ. ସେକ୍ରେଟେରିଏଟ୍ ୧୯ ଓ ୨,


ଏ ସଂଖ୍ୟାର ଆକର୍ଷଣ :—


୧ । ମହାତ୍ମାଙ୍କ ଦୃଷ୍ଟିରେ ଆଶ୍ରମ ଜୀବନ ... ୧
୨ । ଗୋଟିଏ ଜାତି—ଗୋଟିଏ ମନ ... ୧୦
୩ । ପ୍ରତିରକ୍ଷା ଶିଳ୍ପର ଉତ୍ପାଦନ ବୃଦ୍ଧି ... ୧୫
୪ । ଏକତା, ମୁକ୍ତି, ପ୍ରଗତିର ପ୍ରତୀକ ଭାରତର ଜାତୀୟ ପତାକା ... ୧୯
୫ । ଗ୍ରାମ ରାଜ୍ୟରେ ପ୍ରଗତିର ପୁରସ୍କାର ... ୨୯
୬ । କ୍ଷେପଣାସ୍ତ୍ର ଓ ରକେଟ୍ ... ୩୩
୭ । ଓଡ଼ିଶାରେ ଜାତୀୟ ସଂହତି କାର୍ଯ୍ୟକ୍ରମ ୩୬
୮ । ଘଟଣାପଞ୍ଜି ... ... ୪୦
୯ । ଚିପିଲିମା ... ... ୪୫
୧୦ । ବନ୍ୟଜନ୍ତୁ ସଂରକ୍ଷଣ ... ... ୫୬
୧୧ । ଆମ ରାଜ୍ୟ ... ... ୬୨
୧୨ । ଜାଣନ୍ତି କି ? ... ... ୬୬



ମୁଦ୍ରାକର
ପଣ୍ଡିତ ଅନସୂୟା ପ୍ରସାଦ ପାଠକ
[illegible] ସମବାୟ ପ୍ରେସ୍, କଟକ



ତା ୧୬ । ୯ । ୬୩ରେ ଯାଜପୁରଠାରେ ଆଚାର୍ଯ୍ୟ ବିନୋବା ଗୋଟିଏ ବିରାଟ ସଭାରେ ଭାଷଣ ଦେଇଥିଲେ । ଏହି ସଭାରେ ପାଞ୍ଚଟି ଗ୍ରାମଦାନର ଘୋଷଣା କରାଯାଇଥିଲା । ଏହାକୁ ମିଶାଇ ସମଗ୍ର ଓଡ଼ିଶାରେ ଗ୍ରାମଦାନ ସଂଖ୍ୟା ୬୫୮ ହେଲା ।



ଯାଜପୁର ସହରରେ ଭକ୍ତ ନଗରବାସୀଙ୍କ ଉଚ୍ଛ୍ୱସିତ ଆଚାର୍ଯ୍ୟ ବିନୋବାଙ୍କ ପ୍ରଥମ ସମ୍ବର୍ଦ୍ଧନା

## ମହାତ୍ମାଙ୍କ ଦୃଷ୍ଟିରେ......

# ଆଶ୍ରମ ଜୀବନ



ସାବରମତୀ ଆଶ୍ରମ

ଏକପକ୍ଷରେ ପାଶ୍ଚାତ୍ୟ-ଶସ୍ତ୍ରାଗାର ସାମରିକ ବନ୍ଧୁକରେ ଶକ୍ତିଶାଳୀ 'ବ୍ରିଟିଶ-କେଶରୀ—ଅନ୍ୟ ପକ୍ଷରେ ଗାନ୍ଧିଜୀଙ୍କ ଅହିଂସା-ମନ୍ତ୍ରରେ ଦୀକ୍ଷିତ ଅର୍ଦ୍ଧ-ଉଲଗ୍ନ' ଭାରତୀୟ ଜାତି—ଏ ଦୁହିଁଙ୍କ ମଧ୍ୟରେ ପାଏ କପାଏ ଅର୍ଦ୍ଧ-ଶତାବ୍ଦୀରୁ ଅଧିକ କାଳ ଲାଗିରହିଥିଲା ଗୋଟାଏ ଅଦ୍ଭୁତ ଧରଣର ସଂଗ୍ରାମ । ଦୁଇ ହାତରେ ଖୋଲା ଛାତି ଦେଖାଇ ଠିଆହେବା ହୁଏତ ଅତି ସାହସୀ କିମ୍ବା ବଡ଼ ପାଗଳପକ୍ଷେ ସମ୍ଭବ । ଅଥଚ ଆମ ମୁକ୍ତି-ସଂଗ୍ରାମର ଇତିହାସରେ ଏଭଳି ଶହ ଶହ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା । ପୁରାଣ-ପୃଷ୍ଠାରୁ ଦେଖିବାକୁ ମିଳେ—ଜଣେ ଜଣେ ଋଷି, ଯୋଗୀ ବା ମନୀଷୀଙ୍କର ଏଭଳି ନିର୍ଭୀକ ଆତ୍ମତ୍ୟାଗର ଦୃଷ୍ଟାନ୍ତ । ହିଂସାର ପ୍ରବାହକୁ ବାଧା ନ ଦେବା ( non-resistance to Evil ) ଓ ପୃଥିବୀକୁ ଓଲଟପାଲଟ କରିଦେବାର ଶକ୍ତି ଥାଇ ମଧ୍ୟ ହିଂସା ସମକ୍ଷରେ ଅହିଂସ ଆଚରଣ କରିବା ଯେତେବେଳେ ହୁଏତ ବ୍ୟକ୍ତିବିଶେଷଙ୍କ ପକ୍ଷେ ସମ୍ଭବ ହୋଇଛି—କିନ୍ତୁ ବ୍ୟାପକଭାବରେ ତାହାର ପ୍ରୟୋଗ ହୋଇଥିବା ଦେଖାଯାଏ ନାହିଁ । କେବଳ ମହାତ୍ମା ଗାନ୍ଧୀ ହିଁ ଏହି ନୀତିକୁ ବ୍ୟାପକଭାବରେ ସମାଜ ଓ ରାଜନୀତି କ୍ଷେତ୍ରରେ ପ୍ରୟୋଗ କରିଥିଲେ । କୋଟି କୋଟି ଲୋକ ଯେତେବେଳେ ତାଙ୍କର ଅହିଂସ ମନ୍ତ୍ରରେ ଦୀକ୍ଷିତ ହୋଇ ଆତ୍ମଶକ୍ତିବଳରେ ମରଣକୁ ତୁଚ୍ଛ ମନେ କଲେ ଓ ଅହିଂସ ସହନଶୀଳତାଦ୍ୱାରା ହିଂସାର ମୁକାବିଲା କଲେ, ସେତେବେଳେ ଯାଇ ଭାରତ ଶେଷରେ ସ୍ୱାଧୀନତାର ଦ୍ୱାର ଫିଟିଗଲା ।

ଗାନ୍ଧିଜୀଙ୍କର ସେହି ଆଶ୍ରମ-ଜୀବନ ସଂପର୍କରେ ତାଙ୍କର ନିମ୍ନଲିଖିତ ମତାମତ କିଛିଟା ଆଲୋକପାତ କରିବ ବୋଲି ଆଶା କରୁଁ ।

—ସଂପାଦକ



ସୌଜନ୍ୟ ଜନତାର ପ୍ରଚ୍ଛଦ

# ଆଶ୍ରମର ଆଦର୍ଶ

"ଲୋକ ଯେତେ ବଡ଼ ହେଉ ପଛକେ, ଯଦି ତାର ପ୍ରତ୍ୟେକ କାର୍ଯ୍ୟ ପଛରେ ଧର୍ମର ସମର୍ଥନ ନ ଥାଏ, ତେବେ ସେ କାର୍ଯ୍ୟରେ ପ୍ରକୃତ ଉନ୍ନତି ହେବ ନାହିଁ । କିନ୍ତୁ ଧର୍ମ କଣ ? ମୁଁ ତ ଏହାର ଉତ୍ତର ଦେଉଛି—ପୃଥିବୀର ସବୁଯାକ ଶାସ୍ତ୍ର ପଢ଼ିବା ପରେ ତୁମେ ଯାହାକୁ 'ଧର୍ମ' ବୋଲି ଭାବୁଛ, ଏ 'ଧର୍ମ' ତାହା ନୁହେଁ । ପ୍ରକୃତ ଧର୍ମର ସ୍ଥାନ ହୃଦୟରେ—ମନରେ ନୁହେଁ ।



ଅମର-ଜ୍ୟୋତି

'ଧର୍ମ' ଏପରି ଏକ ବିଷୟ, ଯାହା କି ଆମର ଅଜଣା ନୁହେଁ । ଆମର ଭିତରୁ ଏହାର ଉଦ୍ଭବ ହୋଇଥାଏ । ଏହା ସବୁବେଳେ ଆମ ହୃଦୟ ଭିତରେ ରହିଛି । କେତେକ ହୁଏତ ଏହାର ଅସ୍ତିତ୍ୱ ସମ୍ପର୍କରେ ସଚେତନ; ଆଉ ଅନେକ ହୁଏତ ଏହାର ଅସ୍ତିତ୍ୱ ବାରିପାରନ୍ତି ନାହିଁ । ତା' ସତ୍ତ୍ୱେ ଏହା ସର୍ବଦା ନିଜ ସ୍ଥାନରେ ରହିଛି । କିନ୍ତୁ କୌଣସି କାର୍ଯ୍ୟ ଠିକ୍ ଭାବରେ କରିବାକୁ ହେଲେ କିମ୍ବା ସ୍ଥାୟୀଭାବରେ କୌଣସି କାର୍ଯ୍ୟ କରିବାକୁ ଇଚ୍ଛା କଲେ ଏହି ଧର୍ମ ସଂଶ୍ଳିଷ୍ଟ ସହଜାତ-ପ୍ରବୃତ୍ତିକୁ ଜାଗରିତ କରିବାକୁ ପଡ଼ିବ । ତାହାକୁ ଜାଗ୍ରତ କରିବା ପାଇଁ ବାହାରର ସାହାଯ୍ୟ ନିଆଯାଉ କିମ୍ବା ଜନ୍ମଗତ ବୃତ୍ତିର ବିକାଶ-ଦ୍ୱାରା ଏହା ସାଧିତ ହେଉ, ସେଥିରେ କିଛି ଯାଏଆସେ ନାହିଁ । ଅସଲ କଥା ହେଲା—ଯେକୌଣସି ପ୍ରକାରେ ଏହାକୁ ଜଗାଇବାକୁ ପଡ଼ିବ ।

ମାନବ-ଜୀବନର ମୂଳତତ୍ତ୍ୱ ସ୍ୱଭାବରେ କେତୋଟି ନିୟମାବଳୀ ଆମର ଶାସ୍ତ୍ର-ପୁରାଣରେ ଲିପିବଦ୍ଧ ହୋଇଛି । ସେଗୁଡ଼ିକ ଆମକୁ ଜଣାଇଦିଏ ଯେ ଏହି ମତ ବା ମୂଳମନ୍ତ୍ରଗୁଡ଼ିକର ଅନୁସରଣରେ ଜୀବନ-ଯାପନ ନ କଲେ ଆମ୍ଭେମାନେ ଧର୍ମର ସ୍ୱରୂପ ଧାରଣା କରିବାରେ ଅସମର୍ଥ ହେଉ । ଆଶ୍ରମ ଜୀବନର ପ୍ରଥମ ନିୟମ ହେଲା—

## ସତ୍ୟର ଶପଥ:

ସାଧାରଣତଃ 'ସତ୍ୟ' ଶବ୍ଦକୁ ଲୋକେ ଯେଉଁ ଅର୍ଥରେ ଗ୍ରହଣ କରନ୍ତି ଏବଂ "ସାଧୁତା ହିଁ ପ୍ରଧାନ ନୀତି" ଏହି ପ୍ରବାଦରୁ ସତ୍ୟର ଯେଉଁ ଆଭାସ ମିଳେ, ସେହି ଅର୍ଥରେ ମୁଁ 'ସତ୍ୟ' ଶବ୍ଦର ବ୍ୟବହାର କରିବାକୁ ଯାଉନାହିଁ । କାରଣ 'ସାଧୁତା ହିଁ ଶ୍ରେଷ୍ଠ ନୀତି' କହିଲେ ସେଥିରେ ଏଇ ଅର୍ଥ ଲୁଚିରହିଛି ଯେ ଯଦି ଏହା ସର୍ବୋତ୍କୃଷ୍ଟ ନୀତି ନ ହୁଏ, ତେବେ ଆମେ ଏହାକୁ ତ୍ୟାଗ କରିପାରୁ । ମୋର କଳ୍ପିତ ସତ୍ୟର

ଅର୍ଥ ହେଉଛି ସେହି ନିୟମ, ଯାହାକୁ ସେହିଁଭଳି ଭାବରେ ଗ୍ରହଣ କଲେ ମଧ୍ୟ ଆମର ଜୀବନଧାରା ନିୟମିତ ହୋଇପାରେ । ଏହି ସଂଜ୍ଞାକୁ ବିଶଦ କରିଦେବା ପାଇଁ ମୁଁ ପ୍ରହ୍ଲାଦଙ୍କ ଜୀବନର ଆଦର୍ଶ ଉପସ୍ଥାପିତ କରୁଛି । ସତ୍ୟ ପାଇଁ ସେ ନିଜର ବାପାଙ୍କ ବିରୁଦ୍ଧରେ ଯିବାକୁ ମଧ୍ୟ ସାହସ କଲେ ଓ ନିଜକୁ ବି ରକ୍ଷା କରିପାରିଲେ । ତାଙ୍କ ବାପା ତାଙ୍କପ୍ରତି ଯେପରି ବ୍ୟବହାର କରିଥିଲେ, ସେହିପରି ବ୍ୟବହାର ଦେଖାଇ ଆତ୍ମରକ୍ଷା କରିବାକୁ ପ୍ରହ୍ଲାଦ ଚେଷ୍ଟା କରି ନ ଥିଲେ । ସେ ସତ୍ୟକୁ ଯେଉଁଭାବରେ ଜାଣିଥିଲେ, ସେହିଭାବରେ ହିଁ ସତ୍ୟରକ୍ଷା କରିବା ନିମନ୍ତେ ବରଂ ମରିବା ପାଇଁ ପ୍ରସ୍ତୁତ ଥିଲେ; କିନ୍ତୁ କେବେହେଲେ ପିତୃ-ପ୍ରଦତ୍ତ ବା ପିତାଙ୍କ ନିର୍ଦ୍ଦେଶରେ ଅନ୍ୟମାନଙ୍କ ପ୍ରଦତ୍ତ ପ୍ରହାରର ପ୍ରତି-ଆଘାତ ଦେବା ପାଇଁ ଚେଷ୍ଟା କରିନାହାନ୍ତି । ଖାଲି ସେତିକି ନୁହେଁ, କୌଣସି ମତେ ମାଡ଼କୁ ଆଉଟେଇବା ପାଇଁ ସେ ଚେଷ୍ଟା କରିନାହାନ୍ତି; ବରଂ ହସ ହସ ମୁହଁରେ ଅଜସ୍ର ନିର୍ଯ୍ୟାତନା ସହିଯାଇଛନ୍ତି ଓ ତା' ଫଳରେ ଶେଷରେ ସତ୍ୟର ବିଜୟ ହୋଇଛି । ନିଜର ଜୀବନ-କାଳ ଭିତରେ ସତ୍ୟବ୍ରତର ଅମୋଘତା କେବେ ନା କେବେ ସମସ୍ତଙ୍କୁ ଦେଖାଇ ଦେଇପାରିବେ ବୋଲି ଆଗରୁ ଜାଣିପାରି ସେ ସେ ଏସବୁ ନିର୍ଯ୍ୟାତନା ସହିଥିଲେ, ତା'ବି ନୁହେଁ । ଅବଶ୍ୟ ସତ୍ୟର ଅନୁଶାସନ ସେଠାରେ ଥିଲା; କିନ୍ତୁ ଏପରିକି ଯଦି ଏହି ନିର୍ଯ୍ୟାତନା ମଧ୍ୟରେ ବି ତାଙ୍କର ପ୍ରାଣବିୟୋଗ ହୋଇଥାନ୍ତା ତଥାପି ସେ ସତ୍ୟକୁ ତ୍ୟାଗ କରି ନ ଥାନ୍ତେ । ମୁଁ ଏହିଭଳି ସତ୍ୟର ଅନୁସରଣ କରିବାକୁ କହୁଁଛି । ଆମ ଆଶ୍ରମରେ ଗୋଟିଏ ନିୟମ କରିଛୁ ଯେ, ଯଦି ପ୍ରକୃତରେ କୌଣସି ବିଷୟରେ ଆମର 'ନା' କହିବାର ଉଦ୍ଦେଶ୍ୟ ଥାଏ, ତେବେ ଫଳାଫଳପ୍ରତି ଦୃଷ୍ଟି ନ ଦେଇ ଆମେ ଅବଶ୍ୟ 'ନା' କହିବୁ ।

ତା' ପରେ ଆସୁଛି—

### ଅହିଂସା ନୀତି :

ଅହିଂସାର ଆକ୍ଷରିକ ଅର୍ଥ ହେଉଛି, ହତ୍ୟା ନ କରିବା । କିନ୍ତୁ ମୋ ପକ୍ଷରେ ଏହାର ଅର୍ଥ ଅସୀମ । ଏହାର ପ୍ରକୃତ ଅର୍ଥ ଏହି ଯେ, ତୁମେ କାହାରି ମନରେ କଷ୍ଟ ଦେବ ନାହିଁ; କାହାରି ସମ୍ପର୍କରେ, ଏପରିକି ଯେ ନିଜକୁ ତୁମର ଶତ୍ରୁ ବୋଲି ବିଚାର କରୁଥିବେ ସେମାନଙ୍କ ସମ୍ପର୍କରେ ମଧ୍ୟ ନିଜ ମନରେ ଅନୁଦାର ଚିନ୍ତା ପୋଷଣ କରିବ ନାହିଁ । ଏହି ନୀତି ଯେଉଁମାନେ ପାଳନ କରିବେ, ସେମାନଙ୍କର କେହି ଶତ୍ରୁ ରହିବାର ଅବକାଶ ନାହିଁ । କିନ୍ତୁ ହୁଏତ କେତେକ ଲୋକ ମନେ ମନେ ତାଙ୍କର ଶତ୍ରୁ ବୋଲି ନିଜକୁ ବିଚାର କରୁଥିବେ । ସେଇଥିପାଇଁ କୁହାଯାଇଛି ଯେ ଏଭଳି ଲୋକମାନଙ୍କ ସମ୍ପର୍କରେ ମଧ୍ୟ ଆମେମାନେ କୁ-ଚିନ୍ତାକୁ ମନରେ ସ୍ଥାନ ଦେବା ଉଚିତ ନୁହେଁ । ଯଦି ଆମେ ମାଡ଼ ବଦଳରେ ମାଡ଼ ଦେଉଁ, ତେବେ ଅହିଂସା-ନୀତିର ବିଲୋପ ହୁଏ । କିନ୍ତୁ ମୁଁ ଆଉ ଟିକିଏ ଆଗକୁ ଯାଉଛି । ଯଦି ଆମେ କୌଣସି ବନ୍ଧୁଙ୍କର କିମ୍ବା ତଥାକଥିତ ଶତ୍ରୁଙ୍କର କାର୍ଯ୍ୟରେ ଆମେ ବିରକ୍ତି ବା ଅକ୍ରୋଶ ପ୍ରକାଶ କରୁ, ତେବେ ଆମେମାନେ ଅହିଂସା-ନୀତିରୁ ବିଚ୍ୟୁତ ହୋଇପଡୁ । ଅବଶ୍ୟ ମୁଁ ଯେତେବେଳେ ଆକ୍ରୋଶ ରଖିବା ଉଚିତ ନୁହେଁ ବୋଲି କହୁଛି, ମୁଁ କହୁନାହିଁ ଯେ ଆମେମାନେ ତାଙ୍କ କାର୍ଯ୍ୟକୁ ମାନିନେବୁ । ଏଠାରେ ଅକ୍ରୋଶ (resents) ଅର୍ଥ ହେଉଛି—ଶତ୍ରୁର କିଛି କ୍ଷତ କରିଯାଉ କିମ୍ବା ଆମ କାର୍ଯ୍ୟାନୁଷ୍ଠାନଦ୍ୱାରା ହେଉ ବା ଅନ୍ୟ କାହାରି, ଏପରିକି ଭଗବତ୍‌ଶକ୍ତିର କାର୍ଯ୍ୟାନୁଷ୍ଠାନଦ୍ୱାରା ହେଉ, ସେ କିପରି ଦୂର ହୋଇଯାଆନ୍ତୁ ବୋଲି ଇଚ୍ଛା କରିବା । ଯଦି ଏଭଳି ଚିନ୍ତା ଆମ ମନରେ ସ୍ଥାନ ପାଏ, ତେବେ ଆମେ ଅହିଂସା ନୀତିରୁ ବିଚ୍ୟୁତ ହେଉ ।

ଆଶ୍ରମବାସୀମାନେ ଏହି ଅର୍ଥକୁ ଅକ୍ଷରେ ଅକ୍ଷରେ ଗ୍ରହଣ କରିବା ଉଚିତ ।

ଏହା ଏଭଳି ଗୋଟିଏ ଆଦର୍ଶ, ଯେଉଁଠି ଆମ୍ଭମାନଙ୍କୁ ନିଶ୍ଚୟ ଉପଗତ ହେବାକୁ ପଡ଼ିବ ଏବଂ ଏପରି କି, ଯେତେ ସମ୍ଭବ ଶୀଘ୍ର ଉପଗତ ହେବା ଦରକାର । କିନ୍ତୁ ଏହା ତ ଏକ ଜ୍ୟାମିତିକ ପ୍ରତିଜ୍ଞା ନୁହେଁ କିମ୍ବା ବୀଜଗଣିତର କୌଣସି କଠିନ ସମସ୍ୟାର ସମାଧାନ ଭଳି ବିଷୟ ନୁହେଁ—ତାହା ଅପେକ୍ଷା ଏହା ବହୁଗୁଣରେ କଷ୍ଟକର । ଏସବୁ ସମସ୍ୟାର ସମାଧାନ ପାଇଁ ଆମ ଭିତରୁ ଅନେକେ ରାତାରାତି ଉଜାଗର ରହି ଅଧ୍ୟୟନ କରୁଛନ୍ତି । କିନ୍ତୁ କେବଳ ଉଜାଗର ରହିଲେ ଚଳିବ ନାହିଁ—ଆହୁରି ଅଧିକ କିଛି କରିବାକୁ ପଡ଼ିବ । ଏହି ଲକ୍ଷ୍ୟରେ ଉପନୀତ ହେବା ତ ଦୂରର କଥା, ଏହାର କିସୀମା ମାଡ଼ିବା ପାଇଁ ମଧ୍ୟ ଅନେକ ରାତ୍ରି-ଜାଗରଣ ଓ ମାନସିକ ଯାତନା ଭିତର ଦେଇ ଯିବାକୁ ହେବ । ଧର୍ମ-ଜୀବନର ପ୍ରକୃତ ଲକ୍ଷ୍ୟ ବୁଝିବାକୁ ହେଲେ ଏ ଲକ୍ଷ୍ୟରେ ଉପନୀତ ହେବା ଆମର ଅବଶ୍ୟ କର୍ତ୍ତବ୍ୟ ।

ଯେ ଏହି ମାର୍ଗର ସଫଳତାରେ ଆସ୍ଥା ସ୍ଥାପନ କରନ୍ତି, ସେମାନେ ପରିଣାମରେ ଏପରି ଗୋଟିଏ ଅବସ୍ଥାକୁ ଆସିବେ, ଯେତେବେଳେ କି ଲକ୍ଷ୍ୟରେ ଉପନୀତ ହେଲାବେଳକୁ ସମଗ୍ର ବିଶ୍ୱ ତାଙ୍କର ପଦାନତ ହେଲା ବୋଲି ବୁଝିପାରିବେ । ଯଦି ତୁମେ ପ୍ରେମ ବା ଅହିଂସାକୁ ଏଭଳି ସ୍ତରରେ ପ୍ରକାଶ କରିବ, ଯେପରି କି ତୁମର ତଥାକଥିତ ଶତ୍ରୁର ମନ ଉପରେ ତାହାର ଅଲିଭା ଦାଗ ରହିଯିବ, ତାହାହେଲେ ସେ ନିଶ୍ଚୟ ତୁମର ପ୍ରେମର ପ୍ରତିଦାନ ଦେବେ । ଏହି ନିୟମ ଅନୁସାରେ ତୁମ ଦେଶ ପାଇଁ କିମ୍ବା ତୁମ ଦାୟିତ୍ୱରେ ଥିବା ଅତି ପ୍ରିୟ ଲୋକମାନଙ୍କ ସମ୍ମାନ ରକ୍ଷା କରିବା ପାଇଁ ସଂଗଠିତ ହତ୍ୟାକାଣ୍ଡ କିମ୍ବା ଖୋଲାଖୋଲି ହତ୍ୟା ଓ ହିଂସାଚରଣ କରିବାର ଅବକାଶ ନାହିଁ । ମୋଟ ଉପରେ ସେମାନଙ୍କ ସମ୍ମାନ ରକ୍ଷା ପାଇଁ ଏହା ଉପଯୁକ୍ତ ଆୟୁଧ ହୋଇପାରିବ ନାହିଁ । ଅହିଂସା-ଶାସ୍ତ୍ର କହେ ଯେ ଯେଉଁ ଲୋକ ନରହତ୍ୟା କରିବାକୁ ଆସୁଛି, ତା' ହାତରେ ଆମ ନିଜ ଜୀବନ ସମର୍ପଣ କରିଦେବାଦ୍ୱାରା ଆମେ ଆମ ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କ ସମ୍ମାନ ରକ୍ଷା କରିପାରିବା । ଦ'ସ୍ୱର ମାହାର ପିଟିବା ପାଇଁ ଯେତିକି ସାହସ ଦରକାର, ଏଥିପାଇଁ ତା' ଅପେକ୍ଷା ବେଶି ସାହସ ଦରକାର । ଯଦି ତୁମେ ପ୍ରତିଆଘାତ ନ କରି ତୁମ ପ୍ରିୟ ଲୋକ ଓ ତାର ପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ଅଟଳ-ଭାବରେ ଛିଡ଼ା ହୋଇ ରହ ଓ ପ୍ରତିଶୋଧ ନ ନେଇ ସବୁପ୍ରକାର ଆଘାତ ଓ ପ୍ରହାର ସହିଯାଅ, ତେବେ କ'ଣ ଘଟିବ ? ମୁଁ ଶପଥ କରି କହିପାରେ ଯେ ଘାତକର ସମସ୍ତ କ୍ରୋଧ ତୁମରି ଉପରେ ଖତମ ପାଇଯିବ ଓ ତୁମ ବନ୍ଧୁଙ୍କ ଦେହରେ ଆଞ୍ଚ ଲାଗିବ ନାହିଁ । ଜୀବନର ଏ ଯୋଜନା ଅନୁସାରେ ଏଭଳି କୌଣସି ଦେଶାତ୍ମବୋଧର କଳ୍ପନା କରାଯାଇ ନ ପାରେ, ଯାହା କି ଆଜିକାଲିର ଇଉରୋପୀୟ ସ୍ୱାର୍ଥକୁ ଯୁକ୍ତିଯୁକ୍ତ ବୋଲି ପ୍ରମାଣ କରିବ ।

ତା' ପରେ ବର୍ଣ୍ଣନୀୟ ହେଉଛି—

## ଜିତେନ୍ଦ୍ରିୟତାର ଶପଥ :

ଯେଉଁମାନେ ଜାତିର ସେବା କରିବାକୁ କିମ୍ବା ପ୍ରକୃତ ଧର୍ମଜୀବନର ଆଲୋକ ପାଇବାକୁ ଚାହାନ୍ତି, ସେମାନଙ୍କୁ ବିବାହିତ ବା ଅବିବାହିତ-ନିର୍ବିଶେଷରେ କାମ-ବର୍ଜିତ ଜୀବନଯାପନ କରିବାକୁ ହେବ । ବିବାହଦ୍ୱାରା କେବଳ ନାରୀ ଓ ନର ପରସ୍ପରର ନିବିଡ଼ ସଂସ୍ପର୍ଶରେ ଆସିଥାନ୍ତି—ସେମାନେ ଗୋଟିଏ ବିଶେଷ ଅର୍ଥରେ ପରସ୍ପରର ବନ୍ଧୁ ହୋଇଯାଆନ୍ତି । ବିବାହଜନିତ ବନ୍ଧୁତ୍ୱ ଇହଜୀବନରେ ବା

ଶରୀରଶ୍ରମକରେ ମଧ୍ୟ ବିଚ୍ଛିନ୍ନ ହୁଏ ନାହିଁ । କିନ୍ତୁ ବିବାହ ପ୍ରଥା ଉଠିଯିବାଦେଲେ ଏଥିରେ କାମଶକ୍ତିର କଥା ଆସିବ ବୋଲି ମୁଁ ତ ବିଶ୍ୱାସ କରୁ ନାହିଁ । ସେ ଯାହା ହେଉ ଆଶ୍ରମବାସୀଙ୍କ ପକ୍ଷେ ଏହା ଏକ ଆଦର୍ଶ ।

ତା'ପରେ ଆସୁଛି—

## ରସନା ସଂଯମର ଶପଥ :

ଜଣେ ଲୋକ ଯଦି ତାର ପାଶବିକ ପ୍ରବୃତ୍ତିଗୁଡ଼ିକୁ ଆୟତ୍ତ କରିବାକୁ ଚାହେଁ, ତେବେ ସେ ଜିହ୍ୱାକୁ ସଂଯତ କଲେ ତାହା ସହଜରେ ଆୟତ୍ତ କରିପାରିବ । ମୋର ଭୟ ହୁଏ ଯେ ଏହି ଶପଥ ପାଳନ କରିବା ସବୁଠାରୁ କଷ୍ଟକର । ଉତ୍ତେଜକ, ଉଦ୍ଦୀପକ ଓ ତୃପ୍ତି-ବର୍ଦ୍ଧକ ସୁସ୍ୱାଦୁ ଖାଦ୍ୟର ଆକର୍ଷଣରୁ ମୁକ୍ତ ହେବା ପାଇଁ ଯଦି ଆମେ ପ୍ରସ୍ତୁତ ନ ଥାଉ, ତାହାହେଲେ ପାଶବିକ ପ୍ରବୃତ୍ତିର ଅତ୍ୟଧିକ ଓ ଅନାବଶ୍ୟକ ଉତ୍ତେଜନାକୁ ଆୟତ୍ତ କରିପାରିବୁ ନାହିଁ—ଅଥଚ ସେଗୁଡ଼ିକୁ ଆୟତ୍ତ ନ କଲେ ଆମେ ଭଗବତ୍-ପ୍ରଦତ୍ତ ଆମ ଶରୀରର ପବିତ୍ରତା ନଷ୍ଟ କରି ଜୀବଜନ୍ତୁ ଓ ପଶୁମାନଙ୍କଠାରୁ ହୀନ ହୋଇପଡ଼ିବୁ । ସେତେବେଳେ ଖାଇବା, ପିଇବା ଓ ପ୍ରବୃତ୍ତି ଚରିତାର୍ଥ କରିବା ଭଳି ପଶୁ-ବୃତ୍ତିଗୁଡ଼ିକରେ ଆମେ ଲିପ୍ତ ହୋଇପଡ଼ିବୁ । କିନ୍ତୁ କେବେ ଘୋଡ଼ା ଓ ଗୋରୁ ରସନେନ୍ଦ୍ରିୟର ଅପବ୍ୟବହାର କରିବା ଦେଖିଛ କି ? ତୁମେ କ'ଣ ମନେ କରୁଛ ଯେ ଅଗଣିତ, ଅଜଣା ଗୁଡ଼ାଏ ଖାଦ୍ୟ-ବସ୍ତୁ ତିଆରି କରିବା ସଭ୍ୟତା ଓ ପ୍ରକୃତ ଜୀବନର ଲକ୍ଷଣ ?

ତାପରେ ଅସ୍ତେୟ—

## କାହାରିକୁ ନ ଠକିବାର ଶପଥ :

ମୋର ମନେ ହୁଏ, ଆମେ ସମସ୍ତେ କୌଣସି ନା କୌଣସି ପ୍ରକାର ଠକାମିରେ ଲିପ୍ତ । ଯେଉଁ ଦ୍ରବ୍ୟ ସାଙ୍ଗେ ସାଙ୍ଗେ ମୋ କାମ ପାଇଁ ଆବଶ୍ୟକ ପଡ଼ୁନାହିଁ, ସେଭଳି ଦ୍ରବ୍ୟ ନେବା ଓ ପାଖରେ ରଖିବାଦ୍ୱାରା ମୁଁ ଅନ୍ୟ କାହାରଠାରୁ ତାହା ଚୋରି କରୁଛି ବୋଲି କହିବାକୁ ହେବ । ପ୍ରକୃତିର ଗୋଟାଏ ମୌଳିକ ନିୟମ ହେଉଛି ଯେ, ଆମର ଦୈନନ୍ଦିନ ଆବଶ୍ୟକତା ପାଇଁ ଯଥେଷ୍ଟ ପରିମାଣରେ ସାମଗ୍ରୀ ପ୍ରକୃତି ଉତ୍ପାଦନ କରିଥାଏ । ଯଦି ପ୍ରତ୍ୟେକ ଲୋକ ନିଜ ପାଇଁ ଯେତିକି ଦରକାର ସେତିକି ନିଅନ୍ତେ, ଆଉ ବେଶି ନିଅନ୍ତେ ନାହିଁ, ତେବେ ସଂସାରରେ ଦାରିଦ୍ର୍ୟ ରହନ୍ତା ନାହିଁ କି ଅନାହାର-ମୃତ୍ୟୁ ଘଟନ୍ତା ନାହିଁ । ମୁଁ ସମାଜବାଦୀ ନୁହେଁ ଓ ଯେଉଁମାନଙ୍କର କିଛି ସମ୍ପତ୍ତି ଅଛି, ସେଥିରୁ ମୁଁ ସେମାନଙ୍କୁ ବେଦଖଲ କରିବାକୁ ଚାହୁଁନାହିଁ । କିନ୍ତୁ ମୁଁ ନିଶ୍ଚୟ କହିବି ଯେ ଆମ ଭିତରୁ ଯେଉଁମାନେ ବ୍ୟକ୍ତିଗତ ଭାବରେ ଅନ୍ଧାରରୁ ଆଲୋକ ଦେଖିବାକୁ ଚାହାନ୍ତି, ସେମାନେ ଏହି ନିୟମ ପାଳନ କରିବା ଉଚିତ । ମୁଁ କାହାରିକୁ ବେଦଖଲ କରିବାକୁ ଚାହେଁନାହିଁ; କାରଣ ତାହାହେଲେ ମୁଁ ଅହିଂସା ନିୟମର ବିରୁଦ୍ଧାଚରଣ କରିବି । ଯଦି ମୋ ଅପେକ୍ଷା କାହାର ଅଧିକ ସମ୍ପତ୍ତି ଅଛି, ତେବେ ସେ ତାହା ରଖୁ; କିନ୍ତୁ ମୋର ନିଜ ଜୀବନ ନିୟନ୍ତ୍ରିତ କଲାବେଳେ ଆବଶ୍ୟକତାଠାରୁ ବେଶି ରଖିବାକୁ ଯିବି କାହିଁକି ? ଭାରତରେ କୋଟି କୋଟି ଲୋକ ଅଛନ୍ତି, ଯେଉଁମାନଙ୍କୁ ଦୈନିକ ଗୋଟିଏ ବଖତ ଖାଇ ସନ୍ତୁଷ୍ଟ ରହିବାକୁ ପଡ଼େ । ସେ ବଖତକ ହୁଏତ ଖଣ୍ଡେ ରୁଟି, ଚିକ୍କଣ ବୋଲି କିଛି ନାହିଁ; ଅଳ୍ପ ଚମୁଟେ ଲୁଣ । ଏହି କୋଟି କୋଟି ଲୋକଙ୍କୁ ଖାଦ୍ୟ ଓ ବସନ ନ ମିଳିବା ପର୍ଯ୍ୟନ୍ତ ଆମର ଯେତିକି ଦରବ ପ୍ରକୃତରେ ରହିଛି, ତା' ଉପରେ ତୁମର ଓ ମୋର କୌଣସି ଅଧିକାର ନାହିଁ । ତୁମେ ଓ ମୁଁ—ଯେଉଁମାନେ ଏ କଥାଟାର ମର୍ମ ବୁଝୁଥାଉଁ, ସେମାନେ ନିଜର ଅଭାବ

ଯେ କୌଣସି ମତେ ତୁଳାଇ ନେଇ ଏହି ଲୋକମାନଙ୍କୁ ଖାଦ୍ୟ ଓ ବସନ ଯୋଗାଇବା ନିମନ୍ତେ ସ୍ୱତଃପ୍ରବୃତ୍ତ ହୋଇ ଦୁଃଖକଷ୍ଟ ବରଣ କରିବା ଉଚିତ ।

ତା ପରେ —

## ସ୍ୱଦେଶୀ-ବ୍ରତ :

ସ୍ୱଦେଶୀ-ମନ୍ତ୍ର ଏକ ସର୍ବବ୍ୟାପକ ଶପଥ । ଯେତେବେଳେ ଆମେ ଆମର ପାଖପଡ଼ଶୀଙ୍କୁ ଛାଡ଼ି ଦୂରସ୍ଥଙ୍କ ସେବାଇବା ସକାଶେ ଅନ୍ୟତ୍ର ଯାଉଁ, ସେତେବେଳେ ଆମେ ଆମ ଅସ୍ତିତ୍ୱର ଏକ ପବିତ୍ର ନିୟମର ଖିଲାପ୍ କରୁଁ । ମନେକର, ତୁମେ ମାଡ୍ରାଜରେ ଜନ୍ମ ହୋଇଛ ଓ ବଢ଼ିଛ । ଯଦି ବମ୍ବେରୁ ଜଣେ ଲୋକ ଆସି ତୁମକୁ କିଛି ଜିନିଷ ବିକ୍ରି କରିବାକୁ ଚାହେଁ ଓ ତୁମ ଦ୍ୱାରମୁହଁରେ ଅନ୍ୟ ବେପାରୀ ସେ ଜିନିଷ ବିକ୍ରି କରୁଥିବାବେଳେ ତୁମେ ଯଦି ବମ୍ବେ ବେପାରୀଠାରୁ ତାହା କିଣ, ତେବେ ବମ୍ବେ ବେପାରୀଙ୍କୁ ତୁମର ଏହି ସମର୍ଥନ ଯୁକ୍ତିଯୁକ୍ତ ହେବ ନାହିଁ ।



ପଞ୍ଚଗନିରେ ଚରଖାଚାଳନା ଓ ବହିପଢ଼ା

ସ୍ୱଦେଶୀ ସମ୍ପର୍କରେ ମୋର ଏହାହିଁ ମତ । ଗାଁରେ ରହିଥିଲେ ତୁମେ ସହରିଆ ଭଣ୍ଡାରୀକୁ ଛାଡ଼ି ନିଜ ଗାଁର ଭଣ୍ଡାରୀକୁ ସମର୍ଥନ କରିବାକୁ ବାଧ୍ୟ । ଅବଶ୍ୟ ଯଦି ତୁମେ ଚାହୁଁଥାଅ ଯେ ତୁମ ଗାଁର ଭଣ୍ଡାରୀ ସହରିଆ ଭଣ୍ଡାରୀ ପରି ବାଳ କାଟୁ, ତେବେ ତୁମେ ତାକୁ ସହରକୁ ପଠାଇ ତାଲିମ କରିପାର; କିନ୍ତୁ ତାହା ନ ହେବା ପର୍ଯ୍ୟନ୍ତ ତୁମେ ଅନ୍ୟ ଭଣ୍ଡାରୀ ପାଖକୁ ଯିବାରେ ଯୁକ୍ତି ନାହିଁ । ଯେତେବେଳେ ଆମେ ଦେଖୁ ଯେ ବହୁ ଜିନିଷ ଆମେ ଭାରତରେ ପାଇ-ପାରୁନାହୁଁ, ସେତେବେଳେ ତାହା ନ ଥାଇ ମଧ୍ୟ ଚଳିଯିବା ପାଇଁ ଚେଷ୍ଟା କରିବା ଉଚିତ । ମନେରଖ, ଯେତେବେଳେ ତୁମ ମନର ବଳ ଏହି ଅବସ୍ଥାକୁ ଆସିଯିବ, ସେତେବେଳେ ତୁମ କାନ୍ଧରୁ ଗୋଟାଏ ବୋଝ ଖସିଗଲା ଭଳି ଲାଗିବ । ଯଦି ତୁମେ ସଙ୍ଗେ

ସଙ୍ଗେ ସ୍ୱଦେଶୀ-ଜୀବନ ଆରମ୍ଭ କରିବ, ତେବେ ବର୍ତ୍ତମାନ ଅପେକ୍ଷା ନିଜକୁ ଅଧିକ ମୁକ୍ତ ବୋଲି ଅନୁଭବ କରି ପାରିବ ।

ଆଉ ମଧ୍ୟ ରହିଛି—

## ନିର୍ଭୀକତାର ଶପଥ :

ଭାରତର ଚାରିଆଡ଼େ ବୁଲି ମୁଁ ଦେଖିଛି ଯେ ମୋ ଦେଶ ଗୋଟାଏ ଆତଙ୍କରେ ଜଡ଼ସଡ଼ ହୋଇ ରହିଛି । ସାଧାରଣଙ୍କ ଆଗରେ ଆମେ ପାଟି ଫିଟାଇ ପାରୁନାହୁଁ; ନିଜ ନିଜ ସମ୍ପର୍କରେ କଥାବାର୍ତ୍ତା ହେଲାବେଳେ କେବଳ ଗୋପନରେ କଥାବାର୍ତ୍ତା କରୁଁ । ଘରର ଚାରିକାନ୍ଥ ଭିତରେ ରହି ତୁମେ ଯାହା ଇଚ୍ଛା ତାହା କରି ପଛକେ, ଜନସାଧାରଣଙ୍କ ପାଇଁ ସେପରି ତାହା ଅଭିପ୍ରେତ ନ ହୁଏ ।

ଅବଶ୍ୟ ଆମେ ଯଦି ମୌନବ୍ରତ ଅବଲମ୍ବନ କରୁଥାନ୍ତେ, ତେବେ ମୋର କିଛି କହିବାର ନ ଥିଲା । ମୁଁ କହିରଖୁଛି ଯେ କେବଳ ଜଣେ ଅଛି, ଯାହାକୁ ସମସ୍ତେ ଡରିବା ଆବଶ୍ୟକ । ସେ ଜଣକ ହେଉଛନ୍ତି ଈଶ୍ୱର । ଈଶ୍ୱର-ଭୟ ରହିଲେ ଆଉ ମନୁଷ୍ୟ-ଭୟ ରହେ ନାହିଁ—ସେ ଯେତେ ମୁଖ୍ୟପଦବୀରେ ଥାନ୍ତୁ ନା କାହିଁକି । ଯଦି ତୁମେ ସତ୍ୟବ୍ରତ ଅବଲମ୍ବନ କରିବାକୁ ଚାହଁ, ତେବେ ନିର୍ଭୀକତା ନିତାନ୍ତ ଆବଶ୍ୟକ । ଭାରତର ଭାଗ୍ୟ-ନିୟନ୍ତ୍ରିତ କରିବାକୁ ଆଶା କରିବା ପୂର୍ବରୁ ଆମମାନଙ୍କୁ ନିର୍ଭୀକତାର ଅଭ୍ୟାସ ଚଳାଇବାକୁ ହେବ ।

ତାପରେ ଆମର ରହିଛି—

## ସ୍ୱଦେଶୀ ଭାଷାରେ ଶିକ୍ଷା :



ସତ୍ୟାଗ୍ରହୀ ଗାନ୍ଧୀଜୀ

ଇଂଲଣ୍ଡରେ ମାର୍ଜିତ ରୁଚିର ପ୍ରତ୍ୟେକ ଲୋକ କେବଳ ଯେ ନିଜ ଭାଷା ଶିଖନ୍ତି ତାହା ନୁହେଁ; ଅନ୍ୟାନ୍ୟ ଭାଷା ମଧ୍ୟ ଶିଖନ୍ତି । ଭାରତରେ ଭାଷା-ସମସ୍ୟାର ସମାଧାନ ପାଇଁ ଆଶ୍ରମବାସୀମାନେ ଯେତେ ଅଧିକ ଭାରତୀୟ ଭାଷା ଶିକ୍ଷା କରିପାରନ୍ତି, ତାହା କରିବେ । ଇଂରେଜୀ-ଭାଷା ଆୟତ୍ତ କରିବା ପାଇଁ ଯେତେ ଶ୍ରମ ଦରକାର ହୁଏ, ତା ତୁଳନାରେ ଏସବୁ ଭାଷା ଶିକ୍ଷା କରିବାର କଷ୍ଟ କିଛି ନୁହେଁ । ଆମ ଶିଶୁ-ଜୀବନର ସବୁ ସ୍ମୃତି ଆମେ ପୋଛି ପକାଇବା ସମ୍ଭବ କି ? ଅଥଚ ଏକ ବିଦେଶୀ ଭାଷା ମାଧ୍ୟମରେ ଉଚ୍ଚତର ଜୀବନଯାପନ କରିବାକୁ ଗଲାବେଳେ ଆମ୍ଭେମାନେ ତାହା ହିଁ

କରିଥାନ୍ତି । ଏହା ଫଳରେ ଆମ ଜୀବନରେ ଗୋଟିଏ ଶୂନ୍ୟସ୍ଥାନ ସୃଷ୍ଟି ହୁଏ—ଯାହା ପାଇଁ ଆମ୍ଭମାନଙ୍କୁ ଅନୁତପ୍ତ ହେବାକୁ ପଡ଼େ ।

**ଖଦଡ଼**

ତୁମେ ପଚାରିପାର—"ଆମେ କାହିଁକି ନିଜ ହାତରେ କାମ କରିବୁ ? ଗରିବର ଲୋକମାନେ ଯିବା ଶାରୀରିକ ଶ୍ରମ କରିବେ; ସାହିତ୍ୟିକ ଓ ରାଜନୈତିକ ପ୍ରବନ୍ଧ ପଢ଼ିବା ତ ଆମ କାମ ।" କିନ୍ତୁ ଆମ୍ଭମାନଙ୍କୁ ଶ୍ରମର ମର୍ଯ୍ୟାଦା ହୃଦୟଙ୍ଗମ କରିବାକୁ ହେବ । ଯଦି ଜଣେ ଭଣ୍ଡାରୀ ବା ମୋଚି କଲେଜରେ ପାଠ ପଢ଼େ, ସେ ନିଜର ମୌଳିକ ବୃତ୍ତି ତ୍ୟାଗ କରିବା ଉଚିତ ନୁହେଁ । ମୋ ମତରେ ଏଭଳି ବୃତ୍ତି ଡାକ୍ତରୀ-ବୃତ୍ତି ଅପେକ୍ଷା କୌଣସି ମତେ ନ୍ୟୂନ ନୁହେଁ ।



ସ୍ୱାବଲମ୍ବନଶୀଳତାର ମନ୍ତ୍ର

ଏହିସବୁ ଆଶ୍ରମ ନିୟମାବଳୀ ମାନିନେବା ପରେ ତୁମର ଜୀବନରେ ଆସିବ—

**ରାଜନୀତିରେ ଧର୍ମ-ସମ୍ବନ୍ଧ ପ୍ରୟୋଗ :**

ଧର୍ମ ଛଡ଼ା ରାଜନୀତିର କୌଣସି ମାନେ ହୁଏ ନାହିଁ । ଯଦି ସମଗ୍ର ଛାତ୍ର-ଜଗତ ଏ ଦେଶର ରାଜନୀତି-ରଙ୍ଗମଞ୍ଚରେ ଠୁଳ ହୁଅନ୍ତି, ତାହା ସେ ଜାତୀୟ ବିକାଶର ଗୋଟିଏ ସୁସ୍ଥ ଚିହ୍ନ ହେବ, ଏପରି କିଛି କଥା ନାହିଁ । ଏହା ବୋଲି ମୁଁ କହୁନାହିଁ ଯେ ତୁମେ ଛାତ୍ର-ଜୀବନରେ ରାଜନୀତି ଅଧ୍ୟୟନ କରିବା ଅନୁଚିତ । ରାଜନୀତି ଆମ ଅସ୍ତିତ୍ୱର ଏକ ଅଙ୍ଗ । ଆମ ଅନୁଷ୍ଠାନଗୁଡ଼ିକୁ ଆମ୍ଭମାନେ ବୁଝି-ରଖିବା ଉଚିତ; ଏପରି କି ଆମର ଶିଶୁ-ଜୀବନରେ ମଧ୍ୟ ଆମେ ଏହା କରିପାରୁଁ । ତେଣୁ ଆମର ଆଶ୍ରମରେ ପ୍ରତ୍ୟେକ ଶିଶୁକୁ ଆମ ଦେଶର ରାଜନୀତିକ ଅନୁଷ୍ଠାନମାନଙ୍କ ସମ୍ପର୍କରେ ଧାରଣା ଦିଆଯାଏ । ତାକୁ ଜଣାଇ ଦିଆଯାଏ, କିପରି ଏ ଦେଶ ନୂଆ ଭାବ, ନୂଆ କାର୍ଯ୍ୟ ଓ ନୂଆ ଜୀବନରେ ପ୍ରବୁଦ୍ଧ ହେଉଛି । କିନ୍ତୁ ଆମେ ଚାହୁଁ, ଗୋଟିଏ ଅବିଚ୍ଛିନ୍ନ ଆଲୋକ—ଧର୍ମବିଶ୍ୱାସର ଅବିସମ୍ବାଦୀ ଆଲୋକ । ଏହା ବୁଦ୍ଧିକୁ ପାଇବା ଭଳି ଗୋଟିଏ ସାଧାରଣ ବିଶ୍ୱାସ ନୁହେଁ; କିନ୍ତୁ ହୃଦୟରେ ଅଲିଭା ଅକ୍ଷରରେ ଅଙ୍କିତ ହୋଇଥିବା ଗୋଟିଏ ବିଶ୍ୱାସ । ପ୍ରଥମତଃ ଆମେ ଆମର ରାଜନୀତିକ



'ସର୍ଦ୍ଦାରଜୀ ଓ ବାପୁଜୀ'

ଚେତନାକୁ ହୃଦୟଙ୍ଗମ କରିବାକୁ ଦିଅନ୍ତୁ । ତାହା ହୋଇଯିବା ପରେ ପରେ ଜୀବନର ସମଗ୍ର ଦିଗ ଆମ ପାଇଁ ଖୋଲିଯିବ । ସେତେବେଳେ ଧର୍ମ-ବିଶ୍ୱାସ ସମସ୍ତଙ୍କ ପୂର୍ଣ୍ଣ ସୁଯୋଗର ବିଷୟ ହୋଇପଡ଼ିବ । ତାହାହେଲେ ଯୁବକମାନେ ଯେତେବେଳେ ଗୃହସ୍ଥ ହୋଇଯିବେ, ସେମାନେ ଜୀବନ-ସଂଗ୍ରାମ ପାଇଁ ଉପଯୁକ୍ତଭାବେ ପ୍ରସ୍ତୁତ ହୋଇ-ପାରିଥିବେ । କିନ୍ତୁ ଆଜି କ'ଣ ଘଟୁଛି ? ବାଳକମାନଙ୍କ ଜୀବନର ଅଧିକାଂଶ ଭାଗ ପୁସ୍ତକମାନଙ୍କଠାରେ ସୀମାବଦ୍ଧ । କିନ୍ତୁ ସେମାନେ ଛାତ୍ର-ଜୀବନ ଛାଡ଼ିବା ସଙ୍ଗେ ସଙ୍ଗେ କେଉଁଠି ଖଣ୍ଡେ-ଅଧେ ଶ୍ଳୋକ ଆଦର ମୁହଁଚପା ଦେଉଛନ୍ତି । ଈଶ୍ୱରଙ୍କ ସମ୍ପର୍କରେ ତଥା ସତେଜ ବାୟୁ, ଉଜ୍ଜ୍ୱଳ ଆଲୋକ ଓ ବାସ୍ତବ ଶକ୍ତିବହୁଳ ସ୍ୱାଧୀନତା ସମ୍ପର୍କରେ କିଛି ଜାଣୁ ନାହାନ୍ତି । ଏହିସବୁ ଜଣାଇଦେବା ପାଇଁ ହିଁ ଆଶ୍ରମ ଜୀବନର ପରିକଳ୍ପନା । *

* ସି. ଏଫ୍. ଆଣ୍ଡ୍ରୁଜଙ୍କ ସହିତ ଗାନ୍ଧିଜୀଙ୍କ ଆଲୋଚନାରୁ

ଅନ୍ୟର ସ୍ୱାଧୀନତା ଅପହରଣ ପାଇଁ ଚେଷ୍ଟା ନ କରି ବା ଅନ୍ୟର ମୁକ୍ତିଲାଭର ଉଦ୍ୟମରେ ବାଧା ନ ଦେଇ ନିଜ ବାଟରେ ନିଜର କଲ୍ୟାଣସାଧନ ଦିଗରେ ଆମ୍ଭମାନଙ୍କୁ ଯେଉଁ ସ୍ୱାଧୀନତା ସୁଯୋଗ ଦେଇଥାଏ, ତାହାହିଁ ଏକମାତ୍ର ସ୍ୱାଧୀନତା ।

—ଜନ୍ ଷ୍ଟୁଆର୍ଟ ମିଲ୍

# ଗୋଟାଏ ଜାତି—ଗୋଟିଏ ମନ

ଆମେ ଗୋଟିଏ ଜାତି—ଭାରତୀୟ ଜାତି। ଆମର ହୃଦୟ ଏକ—ଭାରତୀୟର ହୃଦୟ। ଧର୍ମ, ଭାଷା, ଲିପି, ସଂପ୍ରଦାୟ ପ୍ରଭୃତି ବିଭେଦ ସତ୍ତ୍ୱେ ଏହି ମୌଳିକ ଐକ୍ୟ ଆମର ଅନ୍ତର୍ନିହିତ। ଆମ ଭିତରେ ଦେଖାଦେଉଥିବା ଉପରସ୍ଥ 'ବିଭେଦ'କୁ ଦୂର କରି ସମସ୍ତ ଜାତିର ମୌଳିକ ଐକ୍ୟକୁ ଦୃଢ଼ମୂଳ କରିବା ପାଇଁ ଗତ ବର୍ଷ ଗାନ୍ଧି-ଜୟନ୍ତୀ ଦିନ ସାରା ଜାତି ସଂହତିର ଶପଥ ନେଇଥିଲା। ଏପର୍ଯ୍ୟନ୍ତ ଆମ ରାଜ୍ୟରେ ଜାତୀୟ ସଂହତି ସାଧନ ଦିଗରେ କି ଉଦ୍ୟମ ହୋଇଛି, ତାହାର ଏକ ମୋଟାମୋଟି ବିବରଣ ଏ ସଂଖ୍ୟାରେ ଅନ୍ୟତ୍ର ଦିଆଯାଇଛି। ଗତ ଚୀନ-ଅଭିଯାନର ବର୍ଷିକ ପରେ ଆସନ୍ତା ଅକ୍ଟୋବର ୨୦ ତାରିଖକୁ "ଜାତୀୟ ସଂହତି ଦିବସ"ରୂପେ ପାଳନ କରିବାର ସ୍ଥିର ହୋଇଛି। ସେହି ଉପଲକ୍ଷେ ଜମ୍ମୁରେ ଜାତିର ନେତା ପ୍ରଧାନମନ୍ତ୍ରୀ ନେହରୁଙ୍କ ଭିନ୍ନ ଅଭିଭାଷଣକୁ ସଂଗୃହିତ କେତେକ ମତ ଉଲ୍ଲେଖ କରିବା ସମୀଚୀନ ମନେ ହୁଏ।

—ସଂପାଦକ

ମୋର ମନେ ହୁଏ ଯେ, ଯଦି ଆମେ ଜଣେ ଜଣେ ବ୍ୟକ୍ତି ହିସାବରେ ନୁହେଁ—ଭାରତର ବିଭିନ୍ନ ଗୋଷ୍ଠୀ ହିସାବରେ ଆମ ଦେଶର ତଥା ସମୂହର ସେବା କରୁଁ, ତେବେ ଆମେ ପୃଥିବୀର ସେବା କରିବା ଅବସ୍ଥାକୁ ଆସିପାରିବୁଁ।

ଅତୀତରେ ମାନବଜାତିର କେତୋଟି ଗୁଣ ଏ ଜାତିକୁ ଉଠାଇଥିଲା। ଭାରତ ଇତିହାସରେ ତାହାକୁ ଆମେ ପ୍ରଖ୍ୟାତ-ଯୁଗ ବୋଲି କହୁଁ। ସେଗୁଡ଼ିକ କେବଳ ଦିଗ୍‌ବିଜୟୀ ରାଜା-ମହାରାଜାଙ୍କ ଯୁଗ ନୁହେଁ; ପରନ୍ତୁ କଳାବିକାଶର ଯୁଗ।

ସ୍ୱାଧୀନତା ପରେ ଆମେ ଆମର ୪୦ କୋଟି ଲୋକଙ୍କ ଉନ୍ନତି ପାଇଁ ବିଭିନ୍ନ ଆର୍ଥନୀତିକ ସମସ୍ୟା ସହିତ ସଂଗ୍ରାମ ଚଳାଇଛୁଁ। ଯଦି ଆମେ ସଫଳକାମ ହେବାକୁ ଇଚ୍ଛା କରୁଁ ଓ ଏ ଜାତି ବିକାଶଲାଭ କରିବାକୁ ଇଚ୍ଛା କରେ, ତେବେ ଆମ ଲୋକଙ୍କଠାରେ କେତେକ ନିର୍ଦ୍ଦିଷ୍ଟ ଗୁଣର ବିକାଶ ହେବା ଉଚିତ।

ଭାରତରେ ଆମ୍ଭେମାନେ ଏକ ବିରାଟ ବିଭିନ୍ନତାର ସମ୍ମୁଖୀନ ହେଉଛୁଁ। ଉତ୍ତରରେ ତୁଷାରାବୃତ ହିମାଳୟଠାରୁ ଦକ୍ଷିଣରେ କନ୍ୟାକୁମାରୀ ପର୍ଯ୍ୟନ୍ତ ଆମେ ଦେଖିବାକୁ ପାଉ—ପ୍ରାକୃତିକ ଓ ଭୂତାତ୍ତ୍ୱିକ ସଂଗଠନ, ଜଳବାୟୁ, ମନୁଷ୍ୟ ଓ ଅନ୍ୟାନ୍ୟ ଅନେକ ବିଷୟରୁ ଏଠାରେ ବିରାଟ ବିଭିନ୍ନତା ରହିଛି। ରାଜନୀତି ଦୃଷ୍ଟିରୁ ଆମେ ଗୋଟିଏ ରାଷ୍ଟ୍ର ହିଁନା; କିନ୍ତୁ ଏସବୁ ବିଭିନ୍ନତା ଏବେ ବି ରହିଛି। ସେଗୁଡ଼ିକ ଆମ୍ଭର ନିବିଡ଼ଭାବରେ ପରସ୍ପର ସହିତ ମିଶାଇଦେବାକୁ ଆମେ ଚାହୁଁ।

ସାମରିକ ବଳରେ ଏସବୁ ହୋଇପାରିବ ବୋଲି ଆମେ ଭାବୁଁନାହିଁ। ଭାରତର ମାଟିରୁ ଯେଉଁ ସାଂସ୍କୃତିକ ବିଭିନ୍ନତାର ଉଦ୍ଭବ ହୋଇଛି, ସେଗୁଡ଼ିକୁ

ସେହିପରି ରହିବାକୁ ଆମେ ଚାହୁଁ । ତା ସଙ୍ଗେ ସଙ୍ଗେ ଭାରତର ଶକ୍ତିଗୁଡ଼ିକୁ ବୁଦ୍ଧି ଓ ଭାବ ଦୃଷ୍ଟିରୁ ଏକତ୍ର କରିବା ଏବଂ ଆମ୍ଭମାନଙ୍କୁ ପୃଥକ୍ କରୁଥିବା ସବୁପ୍ରକାର ସାମ୍ପ୍ରଦାୟିକ ଧର୍ମ ବା ଜାତିଗତ ବିଭେଦ ଦୂର କରିବାକୁ ଆମେ ଚାହୁଁ ।

ଯଦି ଆମେ ପ୍ରକୃତରେ ବଡ଼ ବଡ଼ କାମ କରିବାକୁ ଚାହୁଁ, ତାହାହେଲେ ଆମର ମନ ଓ ହୃଦୟ ସବୁଠାରୁ ବଡ଼ ହେବା ଦରକାର ।

## ବୃହତ୍ତର ପରିବାର

ଭାରତର ଏକତା ଓ ବିଭିନ୍ନତା—ଏ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ । ବିଭିନ୍ନତା ହିଁ ଏ ସମୃଦ୍ଧି ଓ ଏକତା ହେଉଛି ଅତ୍ୟାବଶ୍ୟକ । ଭାରତରେ ଏକତା ହିଁ ଏକମାତ୍ର ମୌଳିକ ବିଷୟ, ତାହାର ଅଳ ମୂଲ୍ୟ ରହିଛି । ଏଥିପାଇଁ ଏ ବିରାଟ ଦେଶରେ ବାସ କରୁଥିବା ଆମେ ସମସ୍ତେ ହେଉଛୁଁ ଭାରତର ନାଗରିକ—କୌଣସି ଗୋଟିଏ ରାଜ୍ୟର ବା ଅଞ୍ଚଳର ନୋହୁଁ ।

ଯଦି ତୁମେ କୌଣସି ବିଦେଶୀ ରାଜ୍ୟକୁ ଯାଅ, ତେବେ ତୁମକୁ ସେଠାରେ ଭାରତୀୟ ସାଧାରଣତନ୍ତ୍ରର ଜଣେ ନାଗରିକ ବୋଲି ସମସ୍ତେ ସ୍ୱୀକାର କରିବେ । ତୁମ ହାତରେ ଥିବ ଭାରତୀୟ ଗଣତନ୍ତ୍ରର ପାସ୍‌ପୋର୍ଟ; ତାହା ଫଳରେ ଅନ୍ୟାନ୍ୟ ଦେଶର ଲୋକେ ତୁମ ପ୍ରତି ସମ୍ମାନଜନକ ବ୍ୟବହାର କରିବେ । ବିଦେଶରେ ଅଧିକାଂଶ ଲୋକ କେହି ତ ଭାରତର ବିଭିନ୍ନ ରାଜ୍ୟକୁ ଜାଣନ୍ତି ନାହିଁ; କିନ୍ତୁ ଭାରତକୁ ସେମାନେ ଜାଣନ୍ତି । ତେଣୁ ଆମେ ଭାରତର ମୌଳିକ ଏକତାକୁ ସର୍ବଦା ବଜାୟ ରଖିବା ଆବଶ୍ୟକ ।

ଯଦି ଆମେ ଅଗ୍ରଗତି କରିବାକୁ ଚାହୁଁ, ତେବେ ସମଗ୍ର ଭାରତର ଅଗ୍ରଗତି ହାସଲ କରିବାକୁ ହେବ—ଭାରତର କୌଣସି ଅଂଶବିଶେଷର ନୁହେଁ । ଯଦି ଭାରତ ବଞ୍ଚିଯାଏ, ତେବେ ଆମେ ସମସ୍ତେ ବଞ୍ଚିବା ।

## ଏକତାର ଆଦର୍ଶ

ଆମେ ସମସ୍ତେ ସବୁବେଳେ ଏକତାବଦ୍ଧ ହୋଇ । ଆମେ ଭିନ୍ନ ଭିନ୍ନ ହୋଇପଡ଼ୁଛୁଁ ଏବଂ ଆମ ଭିତରେ ବିଭେଦ ଓ ବିସମ୍ବାଦ ଲାଗିରହିଛି । ଆମେ ରାଷ୍ଟ୍ରର ଏକତା ଭୁଲିଯାଉଛୁଁ ଓ ଗାନ୍ଧିଜୀ ଆମ୍ଭମାନଙ୍କୁ ଶିକ୍ଷା ଦେଇଥିବା ମୌଳିକ ଏକତାକୁ ମଧ୍ୟ ଭୁଲିଯାଉଛୁଁ ।

ଯେତେବେଳେ ଆମେ ଭାରତର ସ୍ୱାଧୀନତା ପାଇଁ ଯୁଦ୍ଧ କରୁଥିଲୁଁ, ତାହା ସମଗ୍ର ଭାରତର ମୁକ୍ତି ପାଇଁ ଉଦ୍ଦିଷ୍ଟ ଥିଲା । ଯେତେବେଳେ ଆମେ ସ୍ୱାଧୀନତା ହାସଲ କଲୁଁ, ସେତେବେଳେ ମଧ୍ୟ ସମଗ୍ର ଭାରତର ସ୍ୱାଧୀନତା ହାସଲ ହୋଇଥିଲା—କୌଣସି ରାଜ୍ୟବିଶେଷର ନୁହେଁ । ଆମେ ସେହି ଭାରତୀୟ ସାଧାରଣତନ୍ତ୍ର ପ୍ରତିଷ୍ଠା କଲୁଁ, ବିଭିନ୍ନ ରାଜ୍ୟ ତହିଁର ଅଂଶ ମାତ୍ର । ଯଦି ଆମେ ଏହି ମହାଭାରତୀୟ ଆଦର୍ଶ ଭୁଲିଯାଇ କୌଣସି ରାଜ୍ୟ ବା ସମ୍ପ୍ରଦାୟ, ଜାତି ବା ଭାଷାଦୃଷ୍ଟିରୁ ବିଚାର କରୁ, ତେବେ ଆମେ ବିପଥଗାମୀ ହୋଇ ଭ୍ରାନ୍ତପଥରେ ଧାବିତ ହେବୁଁ ।

ଆମ ଜାତୀୟ ସଂଗ୍ରାମବେଳେ ଆମ ଭିତରେ ଏକତା ରହିଥିଲା । ପ୍ରତ୍ୟେକ ରାଜ୍ୟ, ପ୍ରତ୍ୟେକ ଧର୍ମ, ପ୍ରତ୍ୟେକ ଜାତି ଓ ପ୍ରତ୍ୟେକ ଭାଷାଗୋଷ୍ଠୀର ଲୋକଙ୍କୁ ଏହି ଏକତା ବାନ୍ଧିରଖିଥିଲା । ଏହାର ଫଳରେ ଆମର ସ୍ୱାଧୀନତା ଆସିଲା । ବର୍ତ୍ତମାନ ତ ଆମେ ଅର୍ଥନୈତିକ ଅଗ୍ରଗତି ହାସଲ ପାଇଁ ଭାରତର ଦାରିଦ୍ର୍ୟ ବିରୁଦ୍ଧରେ ଗୋଟାଏ ନୂଆ ସଂଗ୍ରାମ ଚଳାଉଛୁଁ । ତେଣୁ ଯଦି ଆମେ ଏଥିରେ ସଫଳ ହେବାକୁ ଚାହୁଁ, ତେବେ ସେଥିପାଇଁ ଦରକାର ସମ୍ମିଳିତ ସଂଗ୍ରାମ ।

ଏ ଦେଶରେ ବହୁ ଧର୍ମ ରହିଛି ଓ ହଜାର ହଜାର ବର୍ଷ ଧରି ସେଗୁଡ଼ିକ ପରସ୍ପର ଶାନ୍ତିରେ ରହି ଆସିଛନ୍ତି । ଗୋଟିଏ ଧର୍ମର ଲୋକ ଅନ୍ୟ ଧର୍ମର ଲୋକଙ୍କ ଉପସ୍ଥିତି ସହ୍ୟ କରିବା ଭାରତର ପରମ୍ପରା ହୋଇଆସିଛି; ଅଥଚ ଏହା ସତ୍ତ୍ୱେ କେତେକ ଲୋକ ଅଛନ୍ତି, ସେ ମାନେ ପରସ୍ପର ମଧ୍ୟରେ ଯୁଦ୍ଧ ଲଗାଇଦେବା ପାଇଁ ଧର୍ମକୁ ଆଳ କରୁଛନ୍ତି । ଏହା ଫଳରେ ଧର୍ମର ଅଧୋଗତି ହେଉଛି । କେତେକ ଲୋକ ସାଂପ୍ରଦାୟିକ ସଂଗଠନମାନ ଗଢ଼ି ଧର୍ମକୁ ରାଜନୀତିରେ ବୁଡ଼ାଉଛନ୍ତି । ଏହା ଫଳରେ ଦେଶର ବିଶେଷ କ୍ଷତି ହେଉଛି । ଏଣୁ ଆମ୍ଭେମାନେ କେବଳ ଯେ ଆମ ଧର୍ମକୁ ସମ୍ମାନ ଦେଖାଇବୁ ତାହା ନୁହେଁ, ସବୁରି ଧର୍ମକୁ ମଧ୍ୟ ସମ୍ମାନ ଦେଖାଇବୁ ।

ଗତ କେତେ ଶହ ବର୍ଷ ମଧ୍ୟରେ ଜାତିଭେଦ ଆମ ପକ୍ଷେ ଗୋଟିଏ ଅଭିଶାପ ହୋଇପଡ଼ିଛି । ଏହା ଭାରତକୁ ଦୁର୍ବଳ କରିଛି ଓ ଜାତିଟାକୁ ଫଟାଇ ଦେଇଛି । ଏହାର ଫଳରେ ବିଦେଶୀ ବିଜେତାମାନଙ୍କ ନିକଟରେ ଆମେ ଦାସ ହୋଇପଡ଼ିଥିଲୁ । ହୁଏତ ଦିନେ ଜାତିବିଭାଗର କେତେକ ଭଲ ଫଳ ଥିଲା; କିନ୍ତୁ ଆଜିକାର ଦୁନିଆରେ ତାହାର ସ୍ଥାନ ନାହିଁ ।

ମନେରଖ ଯେ ଯାହା କିଛି ଆମ୍ଭମାନଙ୍କୁ ପୃଥକ୍ କରେ କିମ୍ବା ଆମ ମଧ୍ୟରେ ବିଭେଦ ସୃଷ୍ଟି କରେ, ତାହା ନିତାନ୍ତ ଖରାପ—ଯାହା ଆମ୍ଭମାନଙ୍କୁ ଏକତାବଦ୍ଧ କରେ, ତାହା ଭଲ ।

ଆପଣମାନେ ସ୍ପଷ୍ଟରୂପେ ହୃଦୟଙ୍ଗମ କରନ୍ତୁ ଯେ ଆମର ପ୍ରଧାନ ଶତ୍ରୁ ବାହାରେ ନାହିଁ—ତାହା ହେଉଛି ଆମ ଭିତରର ଦୁର୍ବଳତା, ବିଭେଦ ।

ଅବଶ୍ୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ରହିବା ସ୍ୱାଭାବିକ । କିନ୍ତୁ ସାବାଳକ ଭୋଟଦ୍ୱାରା ପରିଚାଳିତ କୌଣସି ଗଣତାନ୍ତ୍ରିକ ସଂସ୍ଥାରେ ଏହି ସଂଘର୍ଷ ବା ମତଭେଦଗୁଡ଼ିକର ସମାଧାନ ସାଧାରଣ ବୈଧାନିକ ପନ୍ଥାରେ ହେବା ଉଚିତ ।

ଭାରତରେ ପ୍ରାଦେଶିକତା ବା ଭାଷା-ଭିତ୍ତିରେ ସଂଘର୍ଷ ଘଟିଯିବାର ଦୁଃଖଦାୟକ ଦୃଶ୍ୟ ବହୁତ ଦେଖିବାକୁ ମିଳୁଛି । ପ୍ରଧାନତଃ ଶ୍ରେଣୀସ୍ୱାର୍ଥର ସଂଘର୍ଷ ହିଁ ଆଜି ଜାତି ଆଗରେ ଗୋଟିଏ ବଡ଼ ସମସ୍ୟା ହୋଇ ଠିଆହୋଇଛି; ଅଥଚ ଭାରତରେ ତ ପୂର୍ବେ ରାଜା ମହାରାଜା ଓ ଜମିଦାର ଭଳି ଶକ୍ତିଶାଳୀ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନଙ୍କୁ ଶାନ୍ତିପୂର୍ଣ୍ଣ ଉପାୟରେ ହଟାଇ ଦିଆଯାଇଥିଲା । ତେଣୁ ଭାରତରେ ଶ୍ରେଣୀ-ସଂଘର୍ଷ ରହିଛି ବୋଲି ସ୍ୱୀକାର କରିବା ସଙ୍ଗେ ସଙ୍ଗେ କାହିଁକି ଶାନ୍ତିପୂର୍ଣ୍ଣ ଉପାୟରେ ଆମେ ସେଗୁଡ଼ିକର ସମାଧାନ ନ କରିବା, ତାହାର କୌଣସି କାରଣ ନାହିଁ ।

## ଭାଷାଗତ ସଂଘର୍ଷ ଅବାସ୍ତବ

ଆମ ଭାଷାମାନଙ୍କ ମଧ୍ୟରେ କୌଣସି ପ୍ରକୃତ ସଂଘର୍ଷ ମୁଁ ଦେଖିପାରୁ ନାହିଁ । ଅବଶ୍ୟ ଗୋଟିଏ ଗୋଟିଏ ଭାଷା ଅନ୍ୟ ଭାଷାଭାଷୀ ଅଞ୍ଚଳ ମଧ୍ୟକୁ ମାଡ଼ିଯାଉଛି—କିନ୍ତୁ ତାହା ତ କ୍ଷତିକର ନୁହେଁ; ବରଂ ତାହାଦ୍ୱାରା ଦୁଇଟିଯାକ ଭାଷା ଉପକୃତ ହେବେ । ଭାଷା-ପ୍ରଶ୍ନ ଉଠିଲେ ସବୁମତେ ସଂଘର୍ଷ ଏଡ଼ାଇବା ଆମର ଲକ୍ଷ୍ୟ ହେବା ଉଚିତ । ଭାଷାଗୁଡ଼ିକ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିବାରେ କେତେକ ବିପଦ ଅଛି । ଆମ୍ଭମାନଙ୍କୁ ଏହିଭଳି ମନୋବୃତ୍ତି ବିରୁଦ୍ଧରେ ସଂଗ୍ରାମ ଚଳାଇବାକୁ ହେବ । କିନ୍ତୁ ସଂଗ୍ରାମ କଲାବେଳେ ଆମେ ଯେପରି ଆଞ୍ଚଳିକ ଭାଷାର ବିକାଶପଥରେ କଣ୍ଟକ ନ ହେବୁଁ । ବରଂ ଆମେ ସବୁରି ପୂର୍ଣ୍ଣବିକାଶକୁ ତ୍ୱରାନ୍ୱିତ କରିବା ଉଚିତ । ମୋର ବିଶ୍ୱାସ ଯେ ଏହିଭଳି ବିକାଶଦ୍ୱାରା ଭାଷାଗୁଡ଼ିକ ପରସ୍ପରର ନିକଟବର୍ତ୍ତୀ ହୋଇପାରିବେ । ଫଳତଃ କୌଣସି ଭାଷା ଅନ୍ୟ ଭାଷାକୁ ଚାପିଦେବାକୁ ଇଚ୍ଛାକଲେ, ତାହା ହୋଇ ପାରିବ ନାହିଁ ।

ମୁଁ ଇଂରେଜୀଭାଷାର ପକ୍ଷପାତୀ । ଆଧୁନିକ ଦୁନିଆର ଏହା ହେଉଛି ପ୍ରଧାନ ଝରକା । ଏହି ଝରକାକୁ ବନ୍ଦ କରିବା ଅର୍ଥ ଆମ ଭବିଷ୍ୟତକୁ ବନ୍ଦ କରିବା ।

ଆଉ ମଧ୍ୟ ଦେଶର ଜନତାଙ୍କ ପ୍ରତି ମୋର ପକ୍ଷପାତିତା ଅଛି । କୋଟି କୋଟି ଲୋକଙ୍କୁ ଯେ ଆମ ସଙ୍ଗରେ ନେବାକୁ ପଡ଼ିବ, ତାହା ମୁଁ ଭୁଲିପାରୁ ନାହିଁ । କିନ୍ତୁ ତାଙ୍କ ନିଜ ଭାଷାର ସାହାଯ୍ୟ ନ ନେଲେ ଆମ୍ଭେମାନେ ସେମାନଙ୍କୁ ବାସ୍ତବରେ ମନପ୍ରାଣ ଓ ଭାବପ୍ରବଣତା ଦୃଷ୍ଟିରୁ ସଙ୍ଗରେ ନେଇପାରିବୁ ନାହିଁ । ଭାରତର ଭାଗ୍ୟ ଯେ ଅଣହିନ୍ଦୀ ଭାଷାଭାଷୀଙ୍କ ଦ୍ୱାରା ନିୟନ୍ତ୍ରିତ ହେବ, ତାହା ଭୁଲିଗଲେ ତ କିଛି ଲାଭ ହେବ ନାହିଁ । କାରଣ ସେହିମାନେ ହିଁ ସଂଖ୍ୟାଧିକ; ତେଣୁ ସେମାନଙ୍କ ଭାଷାକୁ ଉତ୍ସାହିତ କରିବାକୁ ହେବ ।

ଆମ ଭାଷା ସଂପର୍କୀୟ ଆଭିମୁଖ୍ୟ ନମନୀୟ ହେବା ଉଚିତ । ଯେଉଁ ମୁହୂର୍ତ୍ତରେ ଏଥିରେ କଡ଼ାକଡ଼ି କଟକଣା ଆସିଯିବ, ସେଇ ମୁହୂର୍ତ୍ତରେ ଚାରିଆଡ଼ୁ ଅସୁବିଧା ଓ ପ୍ରତିବନ୍ଧକ ମାଡ଼ି ଆସିବ । ଯଦି ଆମେ ଏ ସଂପର୍କରେ କୋହଳ ଆଭିମୁଖ୍ୟ ଗ୍ରହଣ କରୁ, ତେବେ ଆମର ଭାଷାକ୍ଷେତ୍ରରେ ପ୍ରାଚୀନ ଓ ନବୀନର ସମନ୍ୱୟ ସହଜ ହେବ ।

## ସରକାରୀ କର୍ମଚାରୀମାନଙ୍କ କର୍ତ୍ତବ୍ୟ

ରାଷ୍ଟ୍ରୀୟ ଏକତା ଓ ଆମ ଲୋକଙ୍କ ଭାବଗତ ସଂହତିର ଉନ୍ନତି ପାଇଁ ଧାରାବାହିକଭାବରେ ମୁଁ ସମସ୍ତଙ୍କୁ ନିବେଦନ କରୁଛି । ଆମେ ବୁଝିରଖିବା ଉଚିତ ଯେ ସହନଶୀଳତା ଓ ସହଯୋଗ ଉପରେ ହିଁ ଭାରତର ଭବିଷ୍ୟତ ନିହିତ ।

ଆମର ସମ୍ବିଧାନରେ ଉଲ୍ଲେଖ ରହିଛି ଯେ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର । ତା'ର ଅର୍ଥ ନୁହେଁ ଯେ ଭାରତ ଧର୍ମଛଡ଼ା ହୋଇପଡ଼ିଛି । ତା'ର ଅର୍ଥ ହେଉଛି, ଲୋକେ ଯେ ଯେଉଁ ଧର୍ମ-ବିଶ୍ୱାସର ଅନୁବର୍ତ୍ତୀ ହୁଅନ୍ତୁ ପଛକେ ସମସ୍ତଙ୍କୁ ଏକାଭଳି ସମ୍ମାନ ଓ ସୁଯୋଗ ଦିଆଯିବା ଆବଶ୍ୟକ । ଯେଉଁମାନେ ଜଣେ ଭାରତୀୟଙ୍କଠାରୁ ଅନ୍ୟ ଜଣଙ୍କର ବିଭେଦ କାମନା କରନ୍ତି ଓ ଯେଉଁମାନେ ବିଭେଦମୂଳକ ମନୋଭାବ ସୃଷ୍ଟି କରନ୍ତି, ସେମାନେ ଭାରତ ବା ତାର ସଂସ୍କୃତିର ଉଦ୍ଦେଶ୍ୟ ପୂରଣ କରନ୍ତି ନାହିଁ । ସେହିମାନଙ୍କ ଲାଗି ଆମେ ଘରେ ଦୁର୍ବଳ ହୋଇପଡ଼ୁ ଓ ବାହାରେ ଅପମାନିତ ହେଉ । ତେଣୁ ଭାବଗତ ସଂହତି ପାଇଁ କାର୍ଯ୍ୟ କରିବା ପ୍ରତି ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ । ବିଭିନ୍ନ ଭାଷାପକ୍ଷରେ ମଧ୍ୟ ଏହି ମତ ପ୍ରଯୁଜ୍ୟ ।

## ସାମ୍ପ୍ରଦାୟିକତା

ସମସ୍ତଙ୍କର ବୁଝିରଖିବା ଉଚିତ ଯେ ସାମ୍ପ୍ରଦାୟିକତା ଖାଲି ଭାରତକୁ ଧ୍ୱଂସ କରିଦେବ । ସାମ୍ପ୍ରଦାୟିକତା ଆଧୁନିକ ଯୁଗର ଭୂଷଣ ନୁହେଁ; ଏହା ଅନଗ୍ରସର ରାଷ୍ଟ୍ରର କଳଙ୍କ ମାତ୍ର । ନିଜ ନିଜ ଧର୍ମବିଶ୍ୱାସରେ ଅଟଳ ରହିବା ପାଇଁ ଲୋକମାନଙ୍କର ଅବଶ୍ୟ ଅଧିକାର ରହିଛି । କିନ୍ତୁ ରାଜନୀତିର ସୀମା ମଧ୍ୟକୁ ସାମ୍ପ୍ରଦାୟିକତାର ଆମଦାନି ହେଲେ ଦେଶର ଧ୍ୱଂସ ଅନିବାର୍ଯ୍ୟ ।

ଆଜି ଭାରତର ପ୍ରତ୍ୟେକ ବ୍ୟକ୍ତି ନିଜକୁ ପଚାରନ୍ତୁ —"ଭାରତ କଣ ହେଉ ବୋଲି ମୁଁ ଇଚ୍ଛା କରୁଛି ? ଗୋଟିଏ ଦେଶ ଓ ଗୋଟିଏ ଜାତି; ନା— ୧୦, ୨୦ ବା ୨୫ଟା ଜାତି ? ସେ କ'ଣ ଗୋଟିଏ ଭଙ୍ଗାଭୁଙ୍ଗା, ବସ୍ତୁବଳକ୍ତ ଶକ୍ତିହୀନ ଓ ପ୍ରାଣହୀନ ଜାତି ହେବ—ଯେ କି ସାମାନ୍ୟ ଆଘାତରେ ମଧ୍ୟ ଭାଙ୍ଗି ଚୂରମାର ହୋଇଯିବ ?" ତାହାହେଲେ ପ୍ରତ୍ୟେକେ ଏହାର ଠିକ୍ ଉତ୍ତରଟି ଜାଣିଯିବେ ।

## ଜାତୀୟ ସଂହତି

କୌଣସି ଆତଙ୍କ ବା ଭବିଷ୍ୟତର ବିପଦ ଆଶଙ୍କାରେ ମୁଁ ଏ କଥା କହୁନାହିଁ । ଆଜି ଆମେ

ଭାରତର ଲୋକମାନେ ଆମ ସୁଦୀର୍ଘ ଇତିହାସରେ ସର୍ବଶ୍ରେଷ୍ଠ ପରିବର୍ତ୍ତନର ସନ୍ଧିସ୍ଥଳ ଦେଇ ଗତି କରୁଛୁ । ତେଣୁ ଜାତୀୟ ସଂକଟ ଆମ ପ୍ରତି ଗୋଟାଏ ଆହ୍ୱାନ । ଏହି ଦୃଷ୍ଟିକୋଣରୁ ମୁଁ ବିଷୟଟି ବିଚାର କରୁଛି । ଅବଶ୍ୟ ଏହି ପରିବର୍ତ୍ତନ ସମୟରେ କେତେକ ଅବାଞ୍ଛିତ ଘଟଣା ଯେ ଘଟିଯାଉଛି, ଏଥିରେ ବିସ୍ମିତ ହେବାର ନାହିଁ । ବସ୍ତୁତଃ ଏଭଳି ସଙ୍କଟ ମୁହୂର୍ତ୍ତରେ ଦୁଃଖ-କଷ୍ଟ, ଏପରି କି ବାଧା-ପ୍ରତିବନ୍ଧକ ନ ଥାଇ ଅଗ୍ରଗତି ହେବା ଅସମ୍ଭବ ।

ଆମର କେତେକ ଅସୁବିଧା ଅତୀତରୁ ବଂଶ-ପରମ୍ପରାକ୍ରମେ ଲଭି ଆସିଛୁ—ଆଉ କେତେକ ହେଉଛି ଆମ ଅଗ୍ରଗତିର ଫଳ; ତେଣୁ ସେଥିରେ ଘାବଡ଼ାଇଯିବା ଅନୁଚିତ ।

ଏସବୁ ଅସୁବିଧା ସମସ୍ତଙ୍କୁ ଜଣା । ସେଗୁଡ଼ିକ ମୋଟାମୋଟି ହେଉଛି—ସାମ୍ପ୍ରଦାୟିକତା, ବର୍ଣ୍ଣ-ବିଭେଦ, ଆଞ୍ଚଳିକତା ଓ ଭାଷାଗତ ବିଭେଦ । ଏଗୁଡ଼ିକ ଆମମାନଙ୍କୁ ସଂକୀର୍ଣ୍ଣମନା କରିଦେଉଛି । କୌଣସି ସମୟରେ ସଂକୀର୍ଣ୍ଣମନା ହେବା ତ ସବୁବେଳେ ଖରାପ । ତା' ଉପରେ ଆଜି ଯେତେବେଳେ ସାରା ଦୁନିଆ ମଧ୍ୟରେ ବ୍ୟବଧାନ-ବୋଧ କମିଯାଉଛି, ସେତେବେଳେ ସଂକୀର୍ଣ୍ଣମନା ହେବା ଆହୁରି ଖରାପ ।

ସଂହତିର ପ୍ରଶ୍ନ ଭିତରେ ଜୀବନର ପ୍ରାୟ ସବୁ ବିଷୟ ରହିଯାଉଛି । ସର୍ବୋପରି ଏଥିରେ ରହିଛି ଶିକ୍ଷା; ଅର୍ଥାତ୍ ଦେଶବାସୀ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉପଯୁକ୍ତ ତାଲିମ ଦେବା ।

## ନୂତନ ଯୁଗର ଅଭିଯାତ୍ରୀ

ମୁକ୍ତି-ସଂଗ୍ରାମରେ ସମଗ୍ର ଜାତିକୁ ଗାନ୍ଧିଜୀ ଅନୁପ୍ରାଣିତ କରିଥିଲେ । ସେଦିନମାନଙ୍କରେ ସେ କୋଟି କୋଟି ଲୋକଙ୍କର ହୃଦୟ ପରିବର୍ତ୍ତନ ଘଟାଇ ଥିଲେ, ତାହା ବିସ୍ମୟଜନକ । ଆଜି ମୁଁ ଏହିଭଳି କଲ୍ପି ଗୋଟାଏ ଅଭିଜ୍ଞତାର ଅଭାବ ଅନୁଭବ କରୁଛି, ଯାହା କି ସମଗ୍ର ଜାତିକୁ ସଂକଳ୍ପବଦ୍ଧ ଓ ଏକତାବଦ୍ଧ କରନ୍ତା ।

ଆମର ସ୍ୱାଧୀନତା ରକ୍ଷା କରିବା ନିମନ୍ତେ ଆମମାନଙ୍କୁ ମୂଲ୍ୟ ଦେବାକୁ ପଡ଼ିବ । ଭାବ ନାହିଁ ଯେ ଥରେ ସ୍ୱାଧୀନତା ଆସିଗଲେ ତାହା ସବୁବେଳ ବଜାୟ ରହେ । ସ୍ୱାଧୀନତାର ରକ୍ଷା ପାଇଁ ଆମମାନଙ୍କୁ ଏହି ମୂଲ୍ୟ ଦେବାକୁ ପଡ଼ିବ । ସାମାନ୍ୟ ଅବହେଳା ବା ଅସାବଧାନତା ଆମର ସ୍ୱାଧୀନତା ଉପରେ ଆଞ୍ଚ ଆଣିପାରେ । ଆମର ଇତିହାସରେ ଏହାର ଭୂରି-ଭୂରି ପ୍ରମାଣ ରହିଛି ।

ଚୀନାମାନଙ୍କ ଆକ୍ରମଣ ଗୋଟାଏ ଅଭିଶାପଠାରୁ କୌଣସି ମତେ କମ୍ ନୁହେଁ । କେତେକ ଦୃଷ୍ଟିରୁ ଏହା ଛଦ୍ମବେଶୀ ଆଶୀର୍ବାଦସ୍ୱରୂପ । ଏହା ଫଳରେ ଆମର ତନ୍ଦ୍ରା କଟିଯାଇଛି ଓ ଆମେ ବାସ୍ତବତାର ଉପଲବ୍ଧି କରୁଛୁ । ଆମେ ଜାଣୁ ଯେ, ଯେତେବେଳେ ଆମେ ଗୋଟିଏ ଜାତି ଭାବରେ ଏକଜୁଟ ହୋଇ କୌଣସି ଉଦ୍ଦେଶ୍ୟ ସିଦ୍ଧି ପାଇଁ ଏକାଠି କାର୍ଯ୍ୟ କରୁ, ସେତେବେଳେ ଯାଇ ଆମର ପ୍ରକୃତ ଶକ୍ତି ଆସିଥାଏ । ସେଇଥିପାଇଁ ତ ମୋର ମନେ ହୁଏ ଯେ ଚୀନ-ଆକ୍ରମଣର ଅଭିଜ୍ଞତାରୁ ଆମର ଲାଭ ହେବ ।

ଚୀନ-ଆକ୍ରମଣର ଆହ୍ୱାନରୁ ଆମର ପ୍ରଥମ ଶିକ୍ଷଣୀୟ ବିଷୟ ହେଉଛି ଯେ ଆମ ଭିତରେ ଯେଉଁ ଭେଦଭାବକାରୀ ମନୋଭାବ ଜାଗିଉଠୁଛି, ତାକୁ ଲୋପ କରିବାକୁ ହେବ । ବିଭିନ୍ନ ଅଞ୍ଚଳ ମଧ୍ୟରେ ହେଉ ବା ବିଭିନ୍ନ ଭାଷା ମଧ୍ୟରେ ହେଉ, ଆଜିକା ପରିସ୍ଥିତିରେ ଆଭ୍ୟନ୍ତରୀଣ ଦଳାଦଳି ବା କଳିକଜିଆର କୌଣସି ସ୍ଥାନ ନାହିଁ । ଜାତିର ସଂକଟକାଳ ଦାବି କରୁଛି ଯେ ଆମେ ଏସବୁ ବିଷୟ ପଛକୁ ପକାଇ ଦେଇ ଆମ ସାମନାରେ ଥିବା ଅଧିକ ବିପଦ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ଚିନ୍ତା କରିବା ।

# ପ୍ରତିରକ୍ଷା ଶିଳ୍ପର ଉତ୍ପାଦନ ବୃଦ୍ଧି

●

କେନ୍ଦ୍ର ଦେଶରକ୍ଷାମନ୍ତ୍ରୀ ଶ୍ରୀ ୱାଇ. ବି. ଚଭନ ଗତ ସେପ୍ଟେମ୍ବର ୯ ତାରିଖରେ ପାର୍ଲାମେଣ୍ଟରେ ଏକ ବିବୃତ୍ତି ଦେଇ କହିଲେ ଯେ ଆମର ଉତ୍ତର-ସୀମାକୁ ଲାଗିଥିବା ଘାଟୀ ସ୍ଥାନମାନଙ୍କରେ ଚୀନ ତରଫରୁ ବହୁ ସୈନ୍ୟ ନିୟୁକ୍ତ କରାଯାଇଛି । ଏହା-ଛଡ଼ା ଏ ଅଞ୍ଚଳରେ ଯୁଦ୍ଧ ପାଇଁ ପ୍ରସ୍ତୁତିମୂଳକ ଅନ୍ୟାନ୍ୟ ଅନେକ ନିର୍ମାଣକାର୍ଯ୍ୟ ମଧ୍ୟ ଚାଲିଛି । ଆମ ସୀମା ନିକଟରେ ସୈନ୍ୟଙ୍କ ପାଇଁ ବ୍ୟାରକ, ଅସ୍ତ୍ରଶସ୍ତ୍ରର ଗୋଦାମଘର, ରାସ୍ତା ଓ ବିମାନଘାଟୀ ଆଦି ଚୀନଦ୍ୱାରା ନିର୍ମାଣ କରାଯାଉଛି । ଏଭଳି ସୈନ୍ୟ-ସମାବେଶ ଓ ଅସ୍ତ୍ରଶସ୍ତ୍ର ଏକତ୍ରୀକରଣରୁ ଜଣାଯାଉଛି, ହୁଏତ ଭାରତ ଉପରେ ଚୀନ ପୁଣି ଥରେ ଆକ୍ରମଣ ଚଳାଇପାରେ ।

## ପାକିସ୍ଥାନ ସହ ସମ୍ପର୍କ

ପାକିସ୍ଥାନରେ ଇତିମଧ୍ୟରେ କେତେକ ଘଟଣା ଘଟିଯାଇଛି । ପାକିସ୍ଥାନ ନେତୃବର୍ଗ ଜାଣନ୍ତି ଯେ ଆମ ଉତ୍ତରସୀମା ଆଡ଼ୁ ଆକ୍ରମଣର ପ୍ରତିରୋଧ ପାଇଁ ଭାରତରେ ସାମରିକ ପ୍ରସ୍ତୁତି ଚାଲିଛି । କିନ୍ତୁ ଆମର ଏଇ ସାମରିକ ପ୍ରସ୍ତୁତି ପାକିସ୍ଥାନର ନିରାପତ୍ତା ପକ୍ଷେ ବିପଦ ବୋଲି ସେମାନେ ଭିତ୍ତିହୀନ ପ୍ରଚାର ଚଳାଇଛନ୍ତି । ଆସାମ ଓ ପୂର୍ବ-ପାକିସ୍ଥାନ ସୀମାରେ ପାକିସ୍ଥାନ ତରଫରୁ କିପରି ସୈନ୍ୟ-ସମାବେଶ କରାଯାଉଛି, ତାହା ମଧ୍ୟ ଆମେ ଜାଣିଛୁଁ ।

ଆମେ ପୁନର୍ବାର ଘୋଷଣା କରୁଛୁ ଯେ କୌଣସି ଦେଶ ବିରୁଦ୍ଧରେ ଆମର ଆକ୍ରମଣାତ୍ମକ ମନୋଭାବ ନାହିଁ ଏବଂ ଆମ ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହ ଆମେ ସମସ୍ତ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଚାହୁଁ । ଗତ ବର୍ଷ ଅକ୍ଟୋବର ଓ ନଭେମ୍ବର ମାସରେ ଭାରତ ଉପରେ ଆକ୍ରମଣ କରି ଚୀନ ଯେଉଁ ଜଟିଳ ପରିସ୍ଥିତି ଓ ଗଡ଼ସନ୍ଧ ଅବସ୍ଥା ସୃଷ୍ଟି କରିଛି, ତାହାର ସମ୍ମୁଖୀନ ହୋଇ ସୁଦ୍ଧା ଆମେ ଯୁଦ୍ଧବନ୍ଦ-ବ୍ୟବସ୍ଥାର ଦୃଢ଼ୀକରଣ ପାଇଁ ନିରପେକ୍ଷ କଲମ୍ବୋ ଶକ୍ତି-ମାନଙ୍କର ପ୍ରସ୍ତାବ ଗ୍ରହଣ କରିଛୁ । ଆମେ ଏଇ ଆଶା ରଖି ପ୍ରସ୍ତାବ ଗ୍ରହଣ କରିଛୁ ଯେ ପ୍ରସ୍ତାବଟି ଚୀନଦ୍ୱାରା ମଧ୍ୟ ଗୃହୀତ ହୋଇ ପ୍ରକୃତ କ୍ଷେତ୍ରରେ କାର୍ଯ୍ୟକାରୀ ହେବ ଏବଂ ଏହାଫଳରେ ଯେଉଁ ଶାନ୍ତିର ବାତାବରଣ ସୃଷ୍ଟି ହେବ, ସେଥିରେ ଆମେ ସୀମାସଂକ୍ରାନ୍ତ ବିବାଦର

ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆଲୋଚନା ଓ ଉଦ୍ୟମ କରିବୁଁ ।

ପ୍ରଧାନମନ୍ତ୍ରୀ ସେହିଦିନ ଆହୁରି ମଧ୍ୟ ଜଣାଇଥିଲେ, ଚୀନ ସରକାରଙ୍କୁ ଜଣାଇ ଦିଆଯାଇଛି ଯେ ପ୍ରତ୍ୟକ୍ଷ ଆଲାପ-ଆଲୋଚନାଦ୍ୱାରା ଯଦି ଆମ ଭିତରେ ବିବାଦର ମୀମାଂସା ନ ହୋଇପାରେ, ତେବେ ଏ ବିଷୟ 'ହେଗ୍'ର ଆନ୍ତର୍ଜାତିକ ଅଦାଲତରେ ପଠାଇବାକୁ ଅଥବା ପରସ୍ପରଦ୍ୱାରା ଗ୍ରହଣୀୟ ଓ ଆନ୍ତର୍ଜାତିକ କ୍ଷେତ୍ରରେ ସ୍ୱୀକୃତ ମଧ୍ୟସ୍ଥଙ୍କ ଜରିଆରେ ଏହାର ବିଚାର କରିବାକୁ ଆମେ ପ୍ରସ୍ତୁତ ଅଛୁ । ପାକିସ୍ଥାନକୁ ପୁଣି ଥରେ ଅନାକ୍ରମଣ ଚୁକ୍ତିର ପ୍ରସ୍ତାବ ଦିଆଯାଇଛି । ପାକିସ୍ଥାନ ସହ ସର୍ବଦା ବନ୍ଧୁତାପୂର୍ଣ୍ଣ ଓ ସହଯୋଗ-ମୂଳକ ସମ୍ପର୍କ ରଖିବା ଏବଂ ଆମ ଭିତରେ ସମସ୍ତ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କରିବା ଆମର ଇଚ୍ଛା ବୋଲି ପାକିସ୍ଥାନକୁ ପୁଣି ଜଣାଇ ଦିଆଯାଇଛି ।

ଶାନ୍ତିପୂର୍ଣ୍ଣ ଆଲୋଚନା ପାଇଁ ଉପଯୁକ୍ତ ବାତାବରଣ ଥିବାବେଳେ ଆମେ ଶାନ୍ତିପୂର୍ଣ୍ଣ ଉପାୟରେ ନିଜର ସମସ୍ତ ବିବାଦର ସମାଧାନ ପାଇଁ ଉଦ୍ୟମ କରିବୁ; ଏହାହିଁ ଆମର ପ୍ରଧାନ ଉଦ୍ଦେଶ୍ୟ । ହେଲେ ଏହି ଉଦ୍ଦେଶ୍ୟ ପ୍ରତି ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ, ବର୍ତ୍ତମାନର ଶତ୍ରୁତାପୂର୍ଣ୍ଣ ଓ ଉତ୍ତେଜନାମୂଳକ ବାୟୁ-ମଣ୍ଡଳରେ ଆମକୁ ଆକ୍ରମଣ ବିରୁଦ୍ଧରେ ଦେଶର ଆଞ୍ଚଳିକ ଐକ୍ୟ ଓ ଅଖଣ୍ଡତା ରକ୍ଷା କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବାକୁ ହିଁ ପଡ଼ିବ । ଆମର ଉତ୍ତର-ସୀମାନ୍ତବର୍ତ୍ତୀ ପଡ଼ୋଶୀ ରାଷ୍ଟ୍ରଦ୍ୱାରା ହଠାତ୍ ଅତର୍କିତ ଭାବରେ ଆମ ଦେଶ ଯେପରି ଆକ୍ରାନ୍ତ ହେଲା, ସେ ଦୃଷ୍ଟିରୁ ଏ ବ୍ୟବସ୍ଥା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି ।

## ନୂଆ ଡିଭିଜନ ଗଠନ

ଆମ ଦେଶରକ୍ଷା-ପ୍ରସ୍ତୁତିର ପ୍ରଥମ କାର୍ଯ୍ୟକ୍ରମ ହେଲା ଆମ ସଶସ୍ତ୍ରବାହିନୀର ସମ୍ପ୍ରସାରଣ । ଛଅଟି ଡିଭିଜନ ଗଠନ ପାଇଁ ଆମେ ପରିକଳ୍ପନା କରୁଛୁ ବୋଲି ମୁଁ ଜଣାଇଥିଲି । ବର୍ତ୍ତମାନ ମୁଁ ଆନନ୍ଦର ସହିତ ଜଣାଇଦେବାକୁ ଚାହେଁ ଯେ ସେଥିମଧ୍ୟରୁ ତିନୋଟି ଡିଭିଜନ ଗଠନ କରାସାରିଲୁଣି । ଅବଶିଷ୍ଟ ଡିଭିଜନ ନିର୍ଦ୍ଧାରିତ ସମୟାନୁଯାୟୀ ଗଠନ କରାଯାଉଛି ।

ଜରୁରି ପରିସ୍ଥିତି ସୃଷ୍ଟି ହେବା ଦିନଠୁ ୩,୧୭୫ ଜଣ ଅଫିସର କମିଶନ ପ୍ରାପ୍ୟ ପାଇସାରିଲେଣି ଏବଂ ଚଳିତ ମାସ ଶେଷ ସୁଦ୍ଧା ଆଉ ପ୍ରାୟ ୨,୬୭୭ ଜଣ ଅଫିସର କମିଶନ ପ୍ରାପ୍ୟ ପାଇସାରିଥିବେ । ଆସନ୍ତା ବର୍ଷର ପ୍ରଥମ ଭାଗ ବେଳକୁ ୮,୦୦୦ରୁ ଅଧିକ ଅଫିସରଙ୍କୁ ଆମେ କମିଶନ ପ୍ରାପ୍ୟ ଦେଇସାରିଥିବୁ ।

ଇଞ୍ଜିନିୟରିଂ ଓ ଡାକ୍ତରୀ ବିଭାଗ ଭଳି ବୈଷୟିକ ଶାଖାରେ ଅଫିସର ନିଯୁକ୍ତିରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି । ମେଡ଼ିକାଲ ନିଯୁକ୍ତି ଦିଗରେ ୧୯୬୩-୬୪ ପାଇଁ ଆମର ଯେତେ ଅଫିସର ଦରକାର, ସେଥିମଧ୍ୟରୁ ଆମେ ଶତକଡ଼ା ମାତ୍ର ୪୦ ଭାଗ ନିଯୁକ୍ତ କରିଛୁ । ଇଞ୍ଜିନିୟରିଂ ଗ୍ରାଜୁଏଟ୍ ନିଯୁକ୍ତି ଆଦୌ ସନ୍ତୋଷଜନକ ହୋଇନାହିଁ ବୋଲି ମୁଁ ଦୁଃଖର ସହିତ ଜଣାଉଛି । ସୈନ୍ୟ ବିଭାଗକୁ ଇଞ୍ଜିନିୟରିଂ ଓ ମେଡ଼ିକାଲ ଗ୍ରାଜୁଏଟ୍‌ମାନଙ୍କୁ ଆକର୍ଷଣ କରିବା ପାଇଁ ଆମେ ଅନେକଗୁଡ଼ିଏ ପରିକଳ୍ପନା ପ୍ରବର୍ତ୍ତନ କରିଛୁ । ଏହା ଫଳରେ ମେଡ଼ିକାଲ ଓ ଇଞ୍ଜିନିୟରିଂ ଗ୍ରାଜୁଏଟ୍ ନିଯୁକ୍ତିରେ ଉନ୍ନତି ଘଟିବ ବୋଲି ଆଶା କରାଯାଉଛି ।

ମୋଟ ଉପରେ କହିବାକୁ ଗଲେ ବୈଷୟିକ କର୍ମଚାରୀମାନଙ୍କୁ ଛାଡ଼ିଦେଲେ ଅନ୍ୟାନ୍ୟ କ୍ଷେତ୍ରରେ ନିଯୁକ୍ତି ଓ ତାଲିମ ବ୍ୟବସ୍ଥା ନିର୍ଦ୍ଧାରିତ ଗତିରେ ଚାଲିଛି । କେବଳ ବୈଷୟିକ କର୍ମଚାରୀ ନିଯୁକ୍ତିରେ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି ।

## ତାଲିମ-ବ୍ୟବସ୍ଥାର ବ୍ୟାପକ ସଂପ୍ରସାରଣ

ସୈନ୍ୟବାହିନୀର ସମ୍ପ୍ରସାରଣ କରିବାକୁ ହେଲେ ଅଫିସର ଓ ସୈନିକମାନଙ୍କର ତାଲିମ ବ୍ୟବସ୍ଥାର ସମ୍ପ୍ରସାରଣ ମଧ୍ୟ ଅତ୍ୟାବଶ୍ୟକ । ଗତ ଅକ୍ଟୋବର-ନଭେମ୍ବରରେ ଡେରାଡୁନରେ ଥିବା ଭାରତୀୟ ସାମରିକ ଏକାଡେମୀରେ ୧,୮୦୦ ଜଣ ଅଫିସର ତାଲିମ ପାଇବାର ବ୍ୟବସ୍ଥା ଥିଲା । ବର୍ତ୍ତମାନ ଏଠାରେ ୩,୨୦୦ ଜଣ ତାଲିମ ପାଇବାର ବ୍ୟବସ୍ଥା କରାଗଲାଣି । ଜରୁରି ପରିସ୍ଥିତି ସୃଷ୍ଟି ହେବା ପରେ ପୁନା ଓ ମାଦ୍ରାଜଠାରେ ଅଫିସର ତାଲିମ ପାଇଁ ଆମେ ଦୁଇଟି ସ୍କୁଲ ଖୋଲିଛୁ । ଏ ପ୍ରତ୍ୟେକ ସ୍କୁଲରେ ୪୫୦ ଜଣ ଲେଖାଏ ଅଫିସର ତାଲିମ ପାଇବାର ବ୍ୟବସ୍ଥା ଥିଲା । ବର୍ତ୍ତମାନ ପ୍ରତ୍ୟେକ ସ୍କୁଲରେ ୧,୨୦୦ ଜଣ ଅଫିସର ତାଲିମ ପାଇପାରିବା ଭଳି ସେ ଦୁଇଟିର ସମ୍ପ୍ରସାରଣ କରାଯାଇଛି । ଜୁନିଅର କମିଶନ ପାହ୍ୟା ଅଫିସର ଓ ଅନ୍ୟାନ୍ୟ ପାହ୍ୟା ଅଫିସରମାନଙ୍କୁ ଉଚ୍ଚ ଅଫିସର ପାହ୍ୟାରେ ନିଯୁକ୍ତି ଉଦ୍ଦେଶ୍ୟରେ ତାଲିମ ଦେବା ପାଇଁ ନଉଗଙ୍ଗଠାରେ ଯେଉଁ ସୈନିକ ସ୍କୁଲଟି ଥିଲା, ସେଠାରେ ୨୩୦ ଜଣ ତାଲିମ ପାଇବାର ବ୍ୟବସ୍ଥା ହୋଇଥିଲା । ବର୍ତ୍ତମାନ ସେଠାରେ ୭୫୦ ଜଣ ତାଲିମ ପାଇବାର ବ୍ୟବସ୍ଥା ହେଲାଣି । ଆମେ ବରୋଦାଠାରେ ଗୋଟିଏ ନୂଆ ସାମରିକ ଇଂଜିନିୟରିଂ ସ୍କୁଲ ମଧ୍ୟ ଖୋଲିଛୁ । ସେଠାରେ ୮୦୦ ଜଣ ତାଲିମ ପାଇ ପାରିବେ । ୧୯୬୩ ଗ୍ରୀଷ୍ମଋତୁରେ ଅତି ଉଚ୍ଚ ସ୍ଥାନରେ ଯୁଦ୍ଧ ଚଳାଇବା ସମ୍ପର୍କରେ ଶିକ୍ଷା ଦେବା ପାଇଁ ଥିବା ସ୍କୁଲର କ୍ଷମତା ମଧ୍ୟ ଦୁଇଗୁଣ କରାଯାଇଛି ।

ଅନ୍ୟାନ୍ୟ ପାହ୍ୟାର କର୍ମଚାରୀମାନଙ୍କ ପାଇଁ ବିଶିଷ୍ଟ ତାଲିମର ପ୍ରୟୋଜନୀୟତା ପୂରଣ ଲାଗି ୧୬ଟି ନୂଆ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ତା ସଙ୍ଗେ ସଙ୍ଗେ ବର୍ତ୍ତମାନ ଥିବା ତାଲିମ କେନ୍ଦ୍ରଗୁଡ଼ିକର କ୍ଷମତା ମଧ୍ୟ ବଢ଼ାଇ ଦିଆଯାଇଛି ।

ସଂପ୍ରସାରଣ କରାଯାଇଥିବା ଅନ୍ୟ କେତୋଟି ପ୍ରତିଷ୍ଠାନର କଥା ମୁଁ ଏଠାରେ ଉଲ୍ଲେଖ କଲି । କିନ୍ତୁ ପ୍ରକୃତରେ ସ୍ଥଳବାହିନୀ ଓ ବିମାନବାହିନୀର ଯେତେ-ଗୁଡ଼ିଏ ତାଲିମ ପ୍ରତିଷ୍ଠାନ ଅଛି, ସବୁଠାରେ ତାଲିମ ବ୍ୟବସ୍ଥାର ଏହିଭଳି ସମ୍ପ୍ରସାରଣ କରାଯାଇଛି । ତା ସଙ୍ଗେ ସଙ୍ଗେ ଆମର ନୂତନ ପ୍ରୟୋଜନୀୟତା ପୂରଣ କରିପାରିବା ଭଳି ପାଠ୍ୟକ୍ରମକୁ ମଧ୍ୟ ଆବଶ୍ୟକୀୟ ରୂପରେଖ ଦିଆଯାଇଛି ।

## ସାଂଗଠନିକ ଉନ୍ନୟନ

ନିଜର କର୍ତ୍ତବ୍ୟ ସୁସମ୍ପାଦନ ଯେପରି କରିପାଇ-ପାରେ, ସେ ଉଦ୍ଦେଶ୍ୟରେ ସ୍ଥଳବାହିନୀର ସାଂଗଠନିକ ଉନ୍ନୟନ ମଧ୍ୟ କରାଯାଉଛି । ବର୍ତ୍ତମାନର ପ୍ରୟୋଜନୀୟତାକୁ ଦୃଷ୍ଟି ପ୍ରଦାନକ ବାହିନୀର ଗଠନ ଶୈଳୀରେ ପରିବର୍ତ୍ତନ କରାଯାଇଛି । ଗୋଟିଏ ନୂଆ କେନ୍ଦ୍ରୀୟ କମାଣ୍ଡ ପ୍ରତିଷ୍ଠା କରାଯାଇଛି । ସ୍ଥଳବାହିନୀ ହେଡ୍‌କ୍ୱାର୍ଟରସ୍‌ରେ ମଧ୍ୟ କେତେକ ପୁନର୍ଗଠନ କରାଯାଇଛି । ବିଭିନ୍ନ ସ୍ତରରେ ଥିବା କମାଣ୍ଡର-ମାନଙ୍କୁ ସେମାନଙ୍କ ଦାୟିତ୍ୱ ବିଷୟରେ ସଚେତନ କରି ଦିଆଯାଇଛି ।

## ନେଫାରୁ ଉପଯୁକ୍ତ ଶିକ୍ଷା ମିଳିଛି

ଆମ ପ୍ରସ୍ତୁତି ସମ୍ପର୍କରେ ଆଉ କେତେକ କଥା ଆଲୋଚନା କରିବା ପୂର୍ବରୁ 'ନେଫା ତଦନ୍ତ' ଦୃଷ୍ଟିରୁ ଆମ ପକ୍ଷରୁ କି କି ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ କରାଯାଇଛି, ତାହା ମୁଁ ଜଣାଇଦେବାକୁ ଚାହେଁ । ଅତୀତରେ ମୁଁ ବହୁଥର କହିଛି, ସାମରିକ ଦୃଷ୍ଟିରୁ ଶିକ୍ଷାଲାଭ କରିବା 'ନେଫା ତଦନ୍ତ'ର ମୂଳ ଉଦ୍ଦେଶ୍ୟ ଥିଲା । ବର୍ତ୍ତମାନ ଏହି ଶିକ୍ଷା ମିଳିଛି ଏବଂ ଉପଯୁକ୍ତ ଭାବରେ ମିଳିଛି ବୋଲି ମୁଁ ନିର୍ଭରଭାବରେ କହି

ଭୁଲୁଛୁ । ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନରୂପେ ଆମେ ବର୍ତ୍ତମାନ କେତେକ ବ୍ୟବସ୍ଥା ଗ୍ରହଣ କରୁଛୁ ।

ଉଦାହରଣ ସ୍ୱରୂପ, ଚୀନ ପକ୍ଷରୁ ଯେଉଁ ଧରଣର ଯୁଦ୍ଧ ଲଢ଼ାଗଲା, ତା ପକ୍ଷରୁ ପୁଣି ସେହିଭଳି ଯୁଦ୍ଧ କରାଗଲେ ତା'ର ଉପଯୁକ୍ତ ମୁକାବିଲା କରିବା ଲାଗି ଆମର ସବୁ ପାହ୍ୟାର ସାମରିକ କର୍ମଚାରୀଙ୍କୁ ଉପଯୁକ୍ତ ତାଲିମ ଦିଆଯାଉଛି । ବ୍ୟକ୍ତିଗତ ଓ ମିଳିତ ଯୁଦ୍ଧ-ତାଲିମ ବ୍ୟବସ୍ଥାକୁ ମଧ୍ୟ ବଢ଼ାଇ ଦିଆଯାଉଛି ।

ଯେଉଁ ଅଞ୍ଚଳରେ ଆମର ସୈନ୍ୟମାନଙ୍କୁ ଯୁଦ୍ଧ କରିବାକୁ ପଡୁଛି, ସେ ଅଞ୍ଚଳକୁ ଖାପଖାଇଲା ଭଳି ସୈନ୍ୟମାନଙ୍କ ସ୍ୱାସ୍ଥ୍ୟ ଓ ଉପଯୁକ୍ତତା ପ୍ରତି ଦୃଷ୍ଟି ଦିଆଯାଉଛି । ସେସବୁ ଅଞ୍ଚଳର ଜଳବାୟୁରେ ରହିବାକୁ ସୈନ୍ୟମାନେ କିଭଳି ଅଭ୍ୟସ୍ତ ହେବେ, ସେ ସମ୍ପର୍କରେ ବୈଜ୍ଞାନିକ ଅଧ୍ୟୟନ କରାଯାଉଛି ଏବଂ ନିର୍ଦ୍ଦିଷ୍ଟ ଯୋଜନାନୁଯାୟୀ ସେ ଦିଗରେ ଆବଶ୍ୟକୀୟ ବ୍ୟବସ୍ଥାମାନ ଗ୍ରହଣ କରାଯାଉଛି । ସବୁ ସ୍ତରର ଅଫିସରମାନଙ୍କ ଶାରୀରିକ ଯୋଗ୍ୟତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ।

## ସମଗ୍ର ସୈନ୍ୟବାହିନୀ ପାଇ ଅସ୍ତ୍ରଶସ୍ତ୍ର

ଅସ୍ତ୍ରଶସ୍ତ୍ର ଓ ସାଜସରଞ୍ଜାମ ଦୃଷ୍ଟିରୁ ବିଚାର କଲେ କେବଳ ନୂଆ ଡିଭିଜନଗୁଡ଼ିକୁ ଅସ୍ତ୍ରଶସ୍ତ୍ର ଯୋଗାଣ ବିଷୟ ଉଠୁନାହିଁ—ସମଗ୍ର ସୈନ୍ୟବାହିନୀକୁ ଆଧୁନିକ ଧରଣର ଏବଂ ପାର୍ବତ୍ୟ ଅଞ୍ଚଳର ଯୁଦ୍ଧ ପାଇଁ ଉପଯୁକ୍ତ ଅସ୍ତ୍ରଶସ୍ତ୍ର ଓ ସାଜସରଞ୍ଜାମ ଯୋଗାଇବାକୁ ହେବ । ପୁଣି ବୈଦେଶିକ ମୁଦ୍ରା ତଥା ଶିଳ୍ପ-କ୍ଷମତାର ଅଭାବ ପରିପ୍ରେକ୍ଷୀରେ ତାହା କରିବାକୁ ହେବ ।

ଅଳ୍ପ କେତେକ ଦିଗରେ ଅଭାବ ଥିଲେ ମଧ୍ୟ ଅସ୍ତ୍ରଶସ୍ତ୍ର, ସାଜସରଞ୍ଜାମ, ପୋଷାକପତ୍ର ଓ ଅନ୍ୟାନ୍ୟ ଉପକରଣ ଯୋଗାଣ ଦିଗରେ ଯଥେଷ୍ଟ ଉନ୍ନତି ଘଟିଛି । ଦେଶରେ ଏ ସବୁର ଆବଶ୍ୟକୀୟ ଉତ୍ପାଦନ-କ୍ଷମତା ମଧ୍ୟ କ୍ରମଶଃ ବୃଦ୍ଧି କରାଯାଉଛି ଏବଂ ତା' ସଙ୍ଗେ ସଙ୍ଗେ ଖୁବ୍ ଉଚ୍ଚ ସ୍ଥାନରେ ସୈନ୍ୟମାନଙ୍କୁ ଯେଉଁସବୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ, ସେ ସମ୍ପର୍କରେ ବ୍ୟାପକ ଗବେଷଣା ମଧ୍ୟ କରାଯାଉଛି ।

ସୈନ୍ୟମାନଙ୍କୁ ଯେଉଁସବୁ ଉପକରଣ ଯୋଗାଯାଉଛି, ଗୁଣରେ ଓ ପରିମାଣରେ ତାର ଯେପରି ଉନ୍ନତି ଘଟେ ସେଥିପାଇଁ ଗତ ବର୍ଷଠାରୁ ପ୍ରବଳ ପ୍ରୟାସ ଚାଲିଛି । ଅସ୍ତ୍ରଶସ୍ତ୍ର ଉତ୍ପାଦନ ପାଇଁ ଦେଶର ଯେତିକି କ୍ଷମତା, ତାହା ଆମର ବଢ଼ନ୍ତା ଚାହିଦା ମେଣ୍ଟାଇବା ଦୃଷ୍ଟିରୁ ମଧ୍ୟ ସୀମାବଦ୍ଧ । ତେଣୁ ବିଦେଶରୁ ଅସ୍ତ୍ରଶସ୍ତ୍ର ଆଣିବା ଦରକାର ହୋଇପଡ଼ୁଛି ।

## ବନ୍ଧୁ ରାଷ୍ଟ୍ରମାନଙ୍କଠାରୁ ସାହାଯ୍ୟ


ସାହାଯ୍ୟ ପାଇଁ ଆମେ ଯେଉଁ ଅନୁରୋଧ କରିଥିଲୁ, ତାହା ଫଳରେ ବହୁ ବନ୍ଧୁ ରାଷ୍ଟ୍ରଙ୍କଠାରୁ ଯେଉଁ ସହଯୋଗ ମିଳିଛି, ତାହା ସମସ୍ତେ ଜାଣନ୍ତି । ଯୁକ୍ତରାଷ୍ଟ୍ର ଯେଉଁ ପରିମାଣରେ ସାହାଯ୍ୟ କରିବ ବୋଲି କଥା ଦେଇଥିଲା, ସେଥିରୁ ଅର୍ଦ୍ଧାଧିକ ମିଳିଗଲାଣି ଏବଂ ଅବଶିଷ୍ଟ ନିକଟରେ ମିଳିଯିବ ବୋଲି ଆଶା କରାଯାଉଛି । ସେହିପରି ବ୍ରିଟେନ ମଧ୍ୟ ଯେଉଁ ସାହାଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା, ସେଥିରୁ ଅଧିକାଂଶ ମିଳିସାରିଲାଣି । ଏହାଛଡ଼ା ସୋଭିଏଟ୍ ଋଷ, ଅଷ୍ଟ୍ରେଲିଆ, କାନାଡ଼ା, ଫ୍ରାନ୍ସ, ଇଟାଲି, ନିଉଜିଲାଣ୍ଡ, ରୋଡେସିଆ, ପଶ୍ଚିମ ଜର୍ମାନୀ ଓ ଯୁଗୋସ୍ଲାଭିଆ ଭଳି ଅନ୍ୟାନ୍ୟ ବନ୍ଧୁ ରାଷ୍ଟ୍ରମାନଙ୍କଠାରୁ ବିଭିନ୍ନ ଆକାରରେ ଆମେ ସାହାଯ୍ୟ ପାଇଛୁ ।

ଯଥାସମୟରେ ଆମକୁ ସାହାଯ୍ୟ କରିଥିବାରୁ ଏଇସବୁ ଦେଶ ନିକଟରେ ଆମ୍ଭେମାନେ ଅତି କୃତଜ୍ଞ ।

କେତେକ ମହଲ କହୁଛନ୍ତି ଯେ ବିଦେଶରୁ ଆମେ ଯେଉଁସବୁ ଅସ୍ତ୍ରଶସ୍ତ୍ର ଆଣୁଛୁ, ତାହା ସମ୍ମୁଖଭାଗରେ

( ୨୭ ପୃଷ୍ଠା ଦେଖନ୍ତୁ )

୪୦ କୋଟି ଭାରତୀୟ ଜନସାଧାରଣଙ୍କ.....



ଏକତା

ମୁକ୍ତି

ପ୍ରଗତିର

# ପ୍ରତୀକ

## ଭାରତର
## ଜାତୀୟ ପତାକା

[illegible] ଭାର [illegible] । ପ୍ରତ୍ୟେକେ ସେଥିପାଇଁ [illegible] ଏ [illegible] ।

—ଏହି ମୋର ଜନ୍ମଭୂମି ଏଇ ମୋର ଧ୍ୱଜା



୧୯୬୨ ଅକ୍ଟୋବର ୨୦ ରେ ହିମାଳୟର ତୁଷାର-ସ୍ନିଗ୍ଧ ଭଙ୍ଗି ଭାରତ-ଜନନୀର ଅଗ୍ନିସ୍ନାନ ହୋଇଥିଲା—ଚୀନାମାନଙ୍କ ବିଶ୍ୱାସଘାତକତାରେ । ନିଜର ସମ୍ମାନ ଓ ମାତୃଭୂମିର ମର୍ଯ୍ୟାଦା ରକ୍ଷା କରିବା ପାଇଁ ସାରା ଜାତି ଜାଗିଉଠିଲା । ରାଷ୍ଟ୍ରୀୟ ମୌଳିକ ଏକତାର ବିଦେଶବ୍ୟାପୀ ଅନୁଭୂତି ମଧ୍ୟରେ ସେଦିନ ଲୁଚିଯାଇଥିଲା ଚୀନା ଧୂମକେତୁର କାଳଦୃଷ୍ଟି—ଆକାଶଚୁମ୍ବୀ ହିମାଳୟର ଶିଖର-ଦେଶରେ ।

ଆମ ଲୋକଙ୍କର ଏକତା ହିଁ ରାଷ୍ଟ୍ରୀୟ ଶକ୍ତିର ମୂଳଦୁଆ । ଯୁଗ-ଯୁଗର ଇତିହାସ ଏ ମୂଳଦୁଆକୁ ରୂପ ଦେଇଛି । ଜାତୀୟ ଆଦର୍ଶ ଓ ଉଚ୍ଚାଭିଳାଷ ଏହାକୁ ବଜ୍ରଠାରୁ ବଳ ଦାନ କରିଛି ।

ଆମେ ଭାରତର ଲୋକେ ହୁଏତ ଗୋଟାଏ ବର୍ଣ୍ଣର, ଗୋଟିଏ ସଂସ୍କୃତିର, ଗୋଟାଏ ଭାଷାର କିମ୍ବା ଗୋଟିଏ ଧର୍ମର ନ ହୋଇପାରୁ; କିନ୍ତୁ ଆମେ ଗୋଟିଏ ଜାତି—ମହାଭାରତୀୟ ଜାତି । ଏହି ବିଶେଷତ୍ୱ-ଯୋଗୁଁ ଯୁଗ-ଯୁଗର ଆକ୍ରମଣ, ଅତ୍ୟାଚାର ଓ ନିପୀଡ଼ନ ସତ୍ତ୍ୱେ ଏ ଜାତି ତାର ସ୍ୱତନ୍ତ୍ର ସତ୍ତା ହରାଇ ନାହିଁ ।

ଆମେ ଜାଣୁ—
- ମାତୃଭୂମି ପ୍ରତି ଶ୍ରଦ୍ଧା
- ଗଣତାନ୍ତ୍ରିକ ଅନୁଷ୍ଠାନ ପ୍ରତି ଆନୁଗତ୍ୟ
- ମୁକ୍ତି ପାଇଁ ଆତ୍ମୋତ୍ସର୍ଗ...

...ଦୃଷ୍ଟିରୁ, ଆମ ଭିତରେ କୌଣସି ପ୍ରକାର ଫରକ ନାହିଁ—ବିଭେଦ ନାହିଁ ।

ସେଦିନ ଚୀନା ଅବସାନର ଅଗ୍ନିସ୍ନାନ ମଧ୍ୟରେ ଏ ଜାତି ଏକଥାର ଶପଥ ନେଇଛି—କାଳକାଳକୁ । ଜାତିର ପୂର୍ଣ୍ଣ ପୌରୁଷ ଆଜି ଜାଗିଉଠିଛି ।

ଗୋଟାଏ ପଟେ କାଶ୍ମୀରରୁ କନ୍ୟାକୁମାରୀ ଯାଏଁ—ଅନ୍ୟପଟେ ଦ୍ୱାରକାରୁ ନେଫା ଯାଏ ଆମ ୪୫ କୋଟି ଲୋକଙ୍କୁ ଆଜ ଏକାଠି ବାନ୍ଧି ରଖିଛି—ଏଇ ତିନୋଟି ନମସ୍କାର ଯୋଗ୍ୟ :



## • ଜାତୀୟ ପତାକା

## • ଜାତୀୟ ସଙ୍ଗୀତ

ଜନଗଣମନ ଅଧିନାୟକ ଜୟ ହେ
ଭାରତ - ଭାଗ୍ୟ - ବିଧାତା !
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାଏ ତବ ଜୟଗାଥା ।
ଜନଗଣମଙ୍ଗଳ-ଦାୟକ ଜୟ ହେ !
ଭାରତ - ଭାଗ୍ୟ - ବିଧାତା !
ଜୟ ହେ, ଜୟ ହେ, ଜୟ ହେ, ଜୟ ଜୟ ଜୟ ଜୟ ହେ !


## • ଜାତୀୟ ସଙ୍କେତ



सत्यमेव जयते

ଏ ତିନୋଟିର ପଛରେ ଅଛି—ଯୁଗ-ଯୁଗର ଇତିହାସ, ଆମର ପ୍ରାଚ୍ୟ ପରମ୍ପରା ଓ ଆତ୍ମତ୍ୟାଗର ମହାନସ୍ମୃତି । ବଂଶାନୁକ୍ରମେ ସମଗ୍ର ଜାତି ତଥା ପ୍ରତ୍ୟେକ ବ୍ୟକ୍ତିପକ୍ଷେ ଏ ତିନୋଟି ଗୋଟିଏ ଗୋଟିଏ ପବିତ୍ର ନ୍ୟାସ ବା ଦାୟ; ସେଗୁଡ଼ିକର ସୁରକ୍ଷା ପାଇଁ ଏ ଜାତି ଯୁଗେ ଯୁଗେ ପ୍ରାଣ ପଣକରି ଆସିଛି, କରୁଛି ଓ କରୁଥିବ । ନିଜର ବିଶ୍ୱାସରେ ଅଟଳ ରହି ଯେଉଁ ଜାତି ଯୂପକାଠରେ ହସି ହସି 'ଶିର' ଦେଇପାରେ; ଯାର ଶତ୍ରୁକୁ କ୍ରୁଦ୍ଧଦୃଷ୍ଟିରେ ଦେଖି ସେ ବିଶ୍ୱମଞ୍ଚରେ ନିରପେକ୍ଷତାର ମଶାଲ ଜାଳି ଧରେ; ଯାର ଆତ୍ମଶକ୍ତି ଆଗରେ ସର୍ବୋଚ୍ଚମୁନ ମଥା ନତ କରେ—ତାର ଆତ୍ମା ଅଜେୟ, ଅମର ।

# ଆମର ପତାକା



—ଜଗତିର ଶ୍ରଦ୍ଧେୟ ସମସ୍ତେ ଜାଣନ୍ତୁ ।

ଏହାହିଁ ଆମର ତ୍ରିରଙ୍ଗ ପତାକା—ଉପରେ କେଶର ରଙ୍ଗ, ତଳେ ସବୁଜ ଶସ୍ୟ-ସମ୍ଭାରର ଘନ ସବୁଜ ରଙ୍ଗ—ମଝିରେ ଶୁଭ୍ର ରଙ୍ଗର ପଟି ଉପରେ ନୀଳ ରଙ୍ଗର ଗୋଟିଏ ଚକ୍ର-ଚିହ୍ନ ।

ଅଗଷ୍ଟ ୧୫ ତାରିଖରେ ତୁମେ ଏହାକୁ ଘରେ ଘରେ ଉଡ଼ାଇ ତା'ର ଜୟଗାନ କରିଥିଲ—ପୁଣି ଅକ୍ଟୋବର ୨ ତାରିଖରେ ଉଡ଼ାଇବାକୁ ଯାଉଛ ।

ତୁମେ ଏହାକୁ ପ୍ରଣତ ଜଣାଅ, ଶ୍ରଦ୍ଧା କର ଓ ଏହା ପ୍ରତି ଆଜୀବନ ଆନୁଗତ୍ୟର ଶପଥ ନିଅ ।

**କାହିଁକି ?**

କାରଣ ଏହାହିଁ ଆମର ଜାତୀୟ ପତାକା ।

କିନ୍ତୁ ପ୍ରଶ୍ନ ହୋଇପାରେ—କାହିଁକି ଆମେ ଏହାକୁ ଭଲ ପାଉଁ ?

ଉତ୍ତର—ପତାକା ତ ଖାଲି କପଡ଼ା ଖଣ୍ଡେ ନୁହେଁ, ଏହା ଗୋଟିଏ ପ୍ରତୀକ । ରାଷ୍ଟ୍ରୀୟ ପତାକା ଜାତିର ଶ୍ରେଷ୍ଠତମ ପ୍ରତୀକମାନଙ୍କ ମଧ୍ୟରୁ ଏକତମ । ତାହା ଆମକୁ ସ୍ମରଣ କରାଇଦିଏ ଯେ ଆମେ ସମସ୍ତେ ଗୋଟିଏ ବଡ଼ ପରିବାର; ଅର୍ଥାତ୍ ଏହି ବିରାଟ ଜାତିର ଜଣେ ଜଣେ ବ୍ୟକ୍ତି ।

ପ୍ରତ୍ୟେକ ସ୍ୱାଧୀନ ଜାତିର ଗୋଟିଏ ଜାତୀୟ (ରାଷ୍ଟ୍ରୀୟ) ପତାକା ଥାଏ । ଜାତିର ସ୍ୱାଧୀନତା ଓ ସାର୍ବଭୌମତ୍ୱ ଏଥିରୁ ସୂଚିତ ହୁଏ, ଜାତିର ଆଦର୍ଶ ଓ ଆକାଂକ୍ଷାର ଏହା ଏକ ପ୍ରତୀକ । ବସ୍ତୁତଃ ପତାକାକୁ ଭକ୍ତି କରିବା ଅର୍ଥ ସମଗ୍ର ଜାତିକୁ ଭକ୍ତି କରିବା ।

ଭାରତର ଜାତୀୟ ପତାକା ଆମ୍ଭମାନଙ୍କ ଆଦର୍ଶ ଓ ଆକାଂକ୍ଷାର ପ୍ରତୀକ । ପ୍ରଥମ ହୋଇ ୧୯୪୭ ଅଗଷ୍ଟ ୧୫ ତାରିଖରେ ଏହା ଉଡ଼ାଯାଇଥିଲା । ସେଦିନ සାରା ଦୁନିଆ ଆଗରେ ଆମ ପତାକା ଘୋଷଣା କରିଦେଲା ଯେ ଭାରତ ଗୋଟିଏ ମୁକ୍ତ ଓ ସ୍ୱାଧୀନ ରାଷ୍ଟ୍ର ।

ତୁମେ ଜାଣ, ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶରେ ପରିଚାଳିତ ଭାରତର ଜାତୀୟ କଂଗ୍ରେସର ନେତୃତ୍ୱରେ ଏହି ଜାତି ଦୀର୍ଘକାଳ ଧରି ସଂଗ୍ରାମ ଚଳାଇଥିଲା । ସେ ସଂଗ୍ରାମର ସ୍ମାରକରେ ଜାତୀୟ କଂଗ୍ରେସ ସମଗ୍ର ମୁକ୍ତି-ସଂଗ୍ରାମର ପ୍ରତୀକରୂପେ ଗ୍ରହଣ କରିଥିଲା ଏହି ପତାକାକୁ, ୧୯୩୧ ମସିହାରେ । ଦେଶର ସବୁ ଅଞ୍ଚଳର, ସବୁ ଧର୍ମର, ସବୁ ଶ୍ରେଣୀର କୋଟି କୋଟି ଲୋକ ଦେଶକୁ ସ୍ୱାଧୀନ କରିବା ପାଇଁ ଅସୀମ ଦୁଃଖକଷ୍ଟ ବରଣ କରିଥିଲେ; ଏପରି କି ନିଜର ପ୍ରାଣକୁ ମଧ୍ୟ ଦେଇଥିଲେ । ସେଇଥିପାଇଁ ସେମାନେ ଗାଉଥିଲେ, "ରେ ପତାକା ଜାତିର ଜୀବନ, ଜାତିର ଗୌରବ ବରଣ ତୁମ୍ଭ ରେ ।" ବସ୍ତୁତଃ ପତାକାର ଇତିହାସ ହିଁ ଏ ଜାତିର ତ୍ୟାଗ, ଦୁଃଖ ଓ ଆଶା-ଆକାଂକ୍ଷାର ଇତିହାସ ହୋଇ ରହିଛି ।

କିନ୍ତୁ ସେ ପତାକା ଓ ଆମ ଜାତୀୟ ପତାକା ମଧ୍ୟରେ ଗୋଟିଏ ତଫାତ୍ ରହିଛି । ସେ ପତାକା ମଝିରେ ଥିଲା ଗୋଟିଏ 'ଚରଖା' ( ଅରଟ ); ଏବେ ଜାତୀୟ ପତାକାର ସେହି ସ୍ଥାନରେ ରହିଛି 'ଚକ୍ର' ।

ସ୍ୱାଧୀନତା ହାସଲ ହେବାର ଅବ୍ୟବହିତ ପୂର୍ବରୁ ଲୋକପ୍ରତିନିଧିମାନେ ସ୍ୱାଧୀନ ଭାରତର ସମ୍ବିଧାନ ରଚନା ପାଇଁ ଗୋଟିଏ ସମ୍ବିଧାନ-ସଭା ଗଠନ କରିଥିଲେ । ଆମର ଜାତୀୟ ପତାକା କଣ ହେବା ଉଚିତ, ଏହି ସମ୍ବିଧାନ-ସଭା ସ୍ଥିର କରିଥିଲା । ୧୯୪୭ ଅଗଷ୍ଟ ୧୪ ତାରିଖ ଅର୍ଦ୍ଧରାତ୍ରରେ ଭାରତକୁ ଏକ ମୁକ୍ତ, ସ୍ୱାଧୀନ ଦେଶ, ବୋଲି ଘୋଷଣା କରାଗଲା ଓ ସମ୍ବିଧାନ-ସଭାକୁ ପ୍ରଥମ ଜାତୀୟ ପତାକା ଉପହାର ଦିଆଗଲା । ଅଗଷ୍ଟ ୧୫ ତାରିଖ ସକାଳେ ଦେଖାଗଲା ଯେ ମୁକ୍ତ ଭାରତର ସ୍ନିଗ୍ଧ ବାୟୁ ପରଶରେ ଜାତୀୟ ପତାକା ଫରଫର ହୋଇ ଉଡୁଛି ।

ଆମ ପତାକାର ତିନୋଟି ରଙ୍ଗ ଓ ଚକ୍ର-ଚିହ୍ନ କେଉଁ କ୍ରମରେ ରହିଛି, ଦେଖିଛ କି ? ସବା ଉପରେ ରହିଛି ଗାଢ଼ ଗେରୁଆ ରଙ୍ଗ । ଆମ ଦେଶର ଇତିହାସରେ ଯୁଗେ ଯୁଗେ ସାଧୁ-ସନ୍ନ୍ୟାସୀମାନେ ଏହି ରଙ୍ଗର ଲୁଗା ପିନ୍ଧିଆସୁଛନ୍ତି । ରାଜପୁତ ଜାତିର ସେନାବାହିନୀ ଯୁଦ୍ଧକୁ ଗଲାବେଳେ ଏହି ରଙ୍ଗର ପୋଷାକ ପିନ୍ଧି ଯାଉଥିଲେ । କାରଣ ଏହି ରଙ୍ଗଟି ସାହସ, ତ୍ୟାଗ ଓ ବାସନାବର୍ଜନର ପ୍ରତୀକ । ଏହି ରଙ୍ଗ ଦେଖିଲେ ମନେପଡ଼େ—ଭାରତ କଣ ଥିଲା ଓ କଣ ହେବାକୁ ଇଚ୍ଛା କରୁଛି । ତ୍ୟାଗପୂତ ଜୀବନ ଓ ଉଚ୍ଚକୋଟିର ନୈତିକ ସାହସ ପାଇଁ ଏହା ଲୋକଙ୍କୁ ଆହ୍ୱାନ ଦେଉଛି ।

ତା' ପରବର୍ତ୍ତୀ ରଙ୍ଗଟି ହେଉଛି ଧଳା । ଧଳା ରଙ୍ଗ ସତ୍ୟ ଓ ପବିତ୍ରତାର ସଙ୍କେତ । ବାପୁ-ମହାତ୍ମାବାକ୍ୟରେ ସତ୍ୟ ଓ ପବିତ୍ରତା ଅନୁସରଣ କରିବା ଭାରତର ଆଦର୍ଶ ।

ତୃତୀୟ ପଟିଟି ଗାଢ଼ସବୁଜ ବର୍ଣ୍ଣ । ସବୁଜ ରଙ୍ଗ ହେଉଛି ଜୀବନ-ସ୍ୱାଚ୍ଛନ୍ଦ୍ୟ ଓ ସମୃଦ୍ଧିର ପ୍ରତୀକ । ଏହା ଆମ୍ଭମାନଙ୍କୁ ସୂଚନା ଦେଉଛି ଯେ, ପ୍ରକୃତି ଉର୍ବର ମୃତ୍ତିକା ଓ ପ୍ରଚୁର ଜଳରାଶି ଦେଇ ଆମ ଦେଶକୁ ଆଶୀର୍ବାଦ କରୁଛି—ଆମେ ତା'ର ସର୍ବାଧିକ ଉପଯୋଗ କରିବା ଉଚିତ । ଆମର କଠିନ ଶ୍ରମ ମାଧ୍ୟମରେ ଏ ଭୂମି ସ୍ୱର୍ଣ୍ଣପ୍ରସୂ ହେବ ।

ଆଚ୍ଛା, ଏ ରଙ୍ଗଗୁଡ଼ିକୁ ଏପରି କ୍ରମରେ ସଜାଇବାରେ କିଛି ସାର୍ଥକ୍ୟ ଅଛି କି ?

—ହଁ ଅଛି; ଏ ସଂସାରରେ ବଞ୍ଚିରହିବାକୁ ହେଲେ ପ୍ରଥମେ ଦରକାର ସବୁଜ ଶସ୍ୟ-ସମ୍ଭାର । ଖାଇପିଇ ସୁସ୍ଥ-ସବଳ ହେଲେ ତା ପରେ ଲୋକ ଖୋଜେ ମାନସିକ ଓ ଆଧ୍ୟାତ୍ମିକ ପବିତ୍ରତା, ସତ୍ୟ ଓ ଜ୍ଞାନ । ଏହି ଅବସ୍ଥା ପରେ ମାନବ-ଜୀବନର କାମ୍ୟ ହେଉଛି ଆଦର୍ଶ ତ୍ୟାଗବ୍ରତ ଓ ସେବାଭାବରେ ଆଶ୍ରମବାସୀ ପରି ଜୀବନ କଟାଇବା ।

ତା'ପରେ ଆସେ ଚକ୍ରର ପ୍ରଶ୍ନ । ଏ ଚକ୍ର କଣ ?

ଏହାର ଉତ୍ତର ଆମେ ଇତିହାସରୁ ପାଇବା । ଥରେ ଦେଶରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇ ଦେଶକୁ ସତ୍ୟ, ଧର୍ମ ଓ ନ୍ୟାୟର ଶାସନ ଦେଇଥିଲେ ।

ଦୁଇ ହଜାର ବର୍ଷ ପୂର୍ବେ ସେ ସାରା ଭାରତରେ ବହୁ ସ୍ତୂପ ଓ ସ୍ତମ୍ଭ ନିର୍ମାଣ କରିଥିଲେ । ସେଥିରୁ ଗୋଟିଏ ସ୍ତମ୍ଭ ରହିଛି ବାରାଣସୀ ନିକଟବର୍ତ୍ତୀ ସାରନାଥଠାରେ । ସେହି ସ୍ତୂପର ଶୀର୍ଷଦେଶରେ ରହିଛି—ଗୋଟିଏ ବେଦୀ ଉପରେ ୪ଟି ସିଂହମୂର୍ତ୍ତି ।

ଏହି କେନ୍ଦ୍ରରେ ଅଙ୍କିତ ହୋଇଛି ଗୋଟିଏ ଚକ୍ର । ସେଥିରେ ୨୪ଟି 'ଅର' ରହିଛି । ସେହି ଚକ୍ର-ଚିହ୍ନକୁ ଆମେ ପତାକାରେ ଗ୍ରହଣ କରିଛୁ ।

## କାହିଁକି ?

ଚକ୍ର ହେଉଛି ଗତି ଓ ଗତିଶୀଳତାର ସଙ୍କେତ । ଚକ୍ର କେବଳ ଯେ ନିଜେ ଗଡ଼ି ଚାଲେ, ତାହା ନୁହେଁ, ଏହା ଏଥି ସଂଲଗ୍ନ ଅନ୍ୟ ଦ୍ରବ୍ୟକୁ ମଧ୍ୟ ଚଳାଏ । ଏହା ପ୍ରଗତିର ଚିହ୍ନ । ଏହା ଆମମାନଙ୍କ ମନେ ପକାଇ ଦେଉଛି ଯେ, ଭାରତର ଲୋକେ ଆଗକୁ ମାଡ଼ିଯିବା ପାଇଁ ସଂକଳ୍ପବଦ୍ଧ । ଆଉ, ସେମାନେ ମହତ୍ତ୍ୱଗୁଡ଼ିକ ଏହି ଅଗ୍ରଗତିକୁ ନିୟନ୍ତ୍ରିତ କରିବ—ତାହା ହେଉଛି ଶାନ୍ତି, ସହିଷ୍ଣୁତା, ସତ୍ୟ, ନ୍ୟାୟ, ଶୀଳ, ପ୍ରୀତି, ସାହସ ଓ ତ୍ୟାଗର ମତ ।

୧୯୪୭ ଜୁଲାଇ ୨୨ ତାରିଖରେ ସମ୍ବିଧାନ-ସଭା ଏହି ପତାକାର ବୈଶିଷ୍ଟ୍ୟ ବିଶେଷଭାବେ ବିଶ୍ଳେଷଣ କରିଥିଲେ । ପତାକାର ତିନୋଟି ରଙ୍ଗ ଓ ଚକ୍ରର ରଙ୍ଗ ଏଥିରେ ନିର୍ଦ୍ଦିଷ୍ଟ କରାଗଲା । ଆଉ ମଧ୍ୟ ସ୍ଥିର କରାଗଲା ଯେ ପତାକାର ଦୈର୍ଘ୍ୟ ଓ ପ୍ରସ୍ଥ ମଧ୍ୟରେ ୩ : ୨ ଅନୁପାତ ରହିବ ।

ପରେ ଏଥିପାଇଁ ଆବଶ୍ୟକ ଠିକ୍ ଠିକ୍ ମାପ ଓ ଛାଞ୍ଚ ପ୍ରସ୍ତୁତ କରାଗଲା । ସରକାରୀ ପତାକାରେ ବ୍ୟବହାର୍ଯ୍ୟ କନା ଗାନ୍ଧୀଙ୍କ ଅତି ପ୍ରିୟ ହାତକଟା ସୂତାର ହାତବୁଣା ଖଦି ହେବ ଏବଂ କେବଳ ୩୬"/୨୪"; ୭୨"/୪୮"; ୧୪୪"/୯୬" ଓ ୨୧୬"/୧୪୪" ଦୈର୍ଘ୍ୟ ଓ ପ୍ରସ୍ଥର ପତାକାମାନ ତିଆରି କରାଯିବ ବୋଲି ସ୍ଥିର କରାଗଲା ।

## ପତାକା-ନିୟମ—ଭାରତ

ଜାତୀୟ ପତାକାର ଗୌରବ ଓ ସମ୍ମାନଦୃଷ୍ଟିରୁ ଏହା ଠିକ୍‌ରୂପେ ଓ ସମ୍ମାନର ସହିତ ବ୍ୟବହୃତ ହେବା ଆବଶ୍ୟକ ।

ସେଥିପାଇଁ ଭାରତ ସରକାର ନିମ୍ନଲିଖିତ ପତାକା-ନିୟମ ଜାରି କରିଛନ୍ତି ।

- ଜାତୀୟ ପତାକାର ଊର୍ଦ୍ଧ୍ୱରେ କିମ୍ବା ତାର ଡାହାଣରେ ଅନ୍ୟ କୌଣସି ପତାକା ବା ସଙ୍କେତକୁ ରଖାଯିବ ନାହିଁ ।
- ଯଦି ଅନେକ ପତାକା ଏକରେଖାରେ ଝୁଲିଯାଏ, ତେବେ ଅନ୍ୟ ସବୁ ପତାକା ଜାତୀୟ ପତାକାର ବାମରେ ସ୍ଥାନ ପାଇବେ ।
- ଯେତେବେଳେ ପତାକାମାନ ଉଡ଼ାଯାଏ, ସେତେବେଳେ ଜାତୀୟ ପତାକା ସର୍ବୋଚ୍ଚ ହୋଇ ଉଡ଼ିବ ।
- ଯେତେବେଳେ ଜାତୀୟ ପତାକାକୁ ଶୋଭାଯାତ୍ରା ବା ପରେଡ୍‌ରେ ନିଆଯାଏ, ସେତେବେଳେ ଏହା ଶୋଭାଯାତ୍ରାର ଡାହାଣ ପଟେ କିମ୍ବା ଯଦି ଅନ୍ୟାନ୍ୟ ପତାକା ସହ ଏକରେଖାରେ ଥାଏ, ତେବେ ଶୋଭାଯାତ୍ରାର ସାମନା କେନ୍ଦ୍ରରେ ରହିବ ।
- ସାଧାରଣତଃ କେବଳ ପ୍ରଧାନ ପ୍ରଧାନ ସରକାରୀ କୋଠାବାଡ଼ି ଉପରେ ଏହା ଉଡ଼ାଯିବା ଉଚିତ ।

- ଅବଶ୍ୟ କେତେକ ବିଶେଷ ଘଟଣା; ଯଥା—ଜନତନ୍ତ୍ର-ଦିବସ, ସ୍ୱାଧୀନତା ଦିବସ, ଗାନ୍ଧି-ଜୟନ୍ତୀ ପ୍ରଭୃତି ଜାତୀୟ ଉତ୍ସବରେ ଜାତୀୟ ପତାକାର ବ୍ୟବହାର ଉପରେ କଟକଣା ରଖାଯାଏ ନାହିଁ ।

- ତଥାପି ଏସବୁ ଘଟଣାରେ ମଧ୍ୟ ମଟର-କାର ପ୍ରଭୃତି ଉପରେ ଜାତୀୟ ପତାକା ଉଡ଼ାଯିବ ନାହିଁ ।

- ବ୍ୟବସାୟ, ବାଣିଜ୍ୟ ବା କୌଣସି ପେଶା ଉଦ୍ଦେଶ୍ୟରେ ଜାତୀୟ ପତାକା କିମ୍ବା ଏହାର କୌଣସି ନକଲ ବ୍ୟବହୃତ ହେବ ନାହିଁ ।

- ସବୁଦା ସନ୍ଧ୍ୟା ସମୟରେ ଜାତୀୟ ପତାକା ଅବନମିତ ହେବ ।

ତେଣୁ ନିଜ ଦେହ ଉପରେ ପତାକା ଜଡ଼ାଇବା କିମ୍ବା ପୋଷାକ ସଜାଇବାରେ ପତାକାକୁ ବ୍ୟବହାର କରିବା ଅନୁଚିତ । ଏପରି କି, ଯଦି ପତାକା ପୁରୁଣା, ମଇଳା ଓ ଚିରା ହୋଇଯାଏ, ତାକୁ ସାଧାରଣ ଜନାଙ୍କର ପୋଷାକ ହେବା ଅନୁଚିତ । କାରଣ ପତାକା ସବୁଦା ପବିତ୍ର । ସେଥିପାଇଁ ମଧ୍ୟ ପତାକା ଉଡ଼ାଇଲାବେଳେ ଯଥାଯଥ ବିଧି ରକ୍ଷା କରିବା ଆବଶ୍ୟକ ।

ପତାକା ହେଉଛି ଜାତିର ମୁକ୍ତି, ଐକ୍ୟ ଓ ସମ୍ମାନର ପ୍ରତୀକ । ଏଗୁଡ଼ିକର ପ୍ରତିରକ୍ଷା ପାଇଁ ସିନା ଆମର ଯବାନମାନେ ତୁଙ୍ଗ ହିମାଳୟର ପ୍ରବଳ ଶୀତ ମଧ୍ୟରେ ଜାଗ୍ରତ ଥାଇ ରହିଛନ୍ତି, ଆମର ଲୋକେ ଅଧିକ ଉତ୍ପାଦନ ପାଇଁ କ୍ଷେତ-ଖମାର କାରଖାନାରେ ଖଟୁଛନ୍ତି । ତେଣୁ ଏହି ପତାକାତଳେ ମାତୃଭୂମିର ସେବା ପାଇଁ ସତତ ପ୍ରସ୍ତୁତ ରହିବାକୁ ପଡ଼ିବ ।

## ଗାନ୍ଧି ବାଣୀ

"ମୋ କଥାର କେହି ଭୁଲ୍ ଅର୍ଥ ନ କରନ୍ତୁ । ଶାରୀରିକ ସାମର୍ଥ୍ୟରୁ ଶକ୍ତି ଜାତ ହୁଏ ନାହିଁ; ଅଦମ୍ୟ ଇଚ୍ଛାରୁ ଶକ୍ତିର ଜନ୍ମ । ଜୁଲୁ ଜାତିର ଯେକୌଣସି ଲୋକର ଶାରୀରିକ ସାମର୍ଥ୍ୟ ସାଧାରଣ ଇଂରେଜର ଶାରୀରିକ ସାମର୍ଥ୍ୟରୁ ଯଥେଷ୍ଟ ଅଧିକ; କିନ୍ତୁ ଇଂରେଜ ବାଳକଟିଏ ଦେଖିଲା ମାତ୍ରେ ଜୁଲୁ ପଳାଇଯାଏ । କାରଣ ବାଳକ ବା ତାର ସ୍ୱଜାତି ହାତରେ ଥିବା ରିଭଲଭର୍ ବନ୍ଧୁକକୁ ତାର ଭୟ । ଜୁଲୁର ହୃଷ୍ଟପୁଷ୍ଟ ଶରୀର ଥିଲେ କ'ଣ ହେବ, ମରଣକୁ ତାର ଢେର୍ ଭୟ । ୩୦ କୋଟି ଭାରତୀୟଙ୍କୁ ମୋଟେ କେତେ ଜଣ ଇଂରେଜ ଯେ ତରଉଇ-ଅରେଇ ରଖିଛନ୍ତି ତାହା ଅସମ୍ଭବ, ଏକଥା ବୁଝିବାକୁ ଭାରତୀୟମାନଙ୍କୁ ମୁଣ୍ଡ ଖେଳି ମାନ ଲାଗିବ ନାହିଁ । ନିଜର ଶକ୍ତିକୁ ନ ବୁଝିଲା ପର୍ଯ୍ୟନ୍ତ ଭାରତୀୟମାନେ କ୍ଷମା କରିବେ କଣ ? ଭାରତୀୟମାନେ ଯେତେବେଳେ ନିଜର ଶକ୍ତିକୁ ଜାଣି ପାରିବେ, ଯେତେବେଳେ ମାନସିକ ଶକ୍ତିବଳରେ ସେମାନେ ଦୁର୍ଦ୍ଧର୍ଷ ହୋଇପାରିବେ । ସେମାନଙ୍କୁ ଦଣ୍ଡିବା ଓ କ୍ଷମିବା ଉଭୟ ଶକ୍ତି ଆସିଯିବ । ହେଜାୟତ, ଡାୟାର ବା ଫ୍ରାଙ୍କ୍ ଜନସନ୍ ଯେତେବେଳେ ସେମାନଙ୍କୁ ଅପମାନ ଦେବା ଅସମ୍ଭବ ହୋଇ ପଡ଼ିବ । ମୋ କଥାର ମର୍ମ ଯଦି ଲୋକେ ଠିକ୍ ଧରି ପାରୁ ନ ଥିବେ, ମୁଁ ଅଧୈର୍ଯ୍ୟ ହେବି ନାହିଁ । ବ୍ରିଟିଶ୍ ଜାତି ଆମମାନଙ୍କୁ ଏପରି ମାତ୍ରା ମହତ ଭାବୁ ଭୟ କରିଛନ୍ତି ଯେ, ଆମ୍ଭେମାନେ ରାଗିବା ବା ପ୍ରତିହିଂସା ନେବା କଥା ଭାବି ପାରୁ ନ ଥାଉଁ; ତଥାପି ମୁଁ କହିବି ସେ ଦୋଷୀକୁ ଦଣ୍ଡ ନ ଦେଇ କ୍ଷମା ଦେଲେ ପରିଣାମରେ ଭାରତ ଲାଭବାନ ହେବ । ଭାରତର ଲୋକାର୍ଥ ମଙ୍ଗଳର କାର୍ଯ୍ୟ କରିବାକୁ ଅଛି; ଜଗତକୁ ଭାରତ ଗୋଟିଏ ମହତ୍ ଶିକ୍ଷା ଦେବ ।

—ଗାନ୍ଧିଜୀ

# ସାବଧାନ ! ସାବଧାନ !

ସାବଧାନ, ସାବଧାନ,
ସାବଧାନ, ହେ ଭାରତବାସୀ ! ସାବଧାନ, ସାବଧାନ ।
ଚିରଶାଶ୍ୱତ, ସତତ ଶାନ୍ତ, ହିମାଚଳ କନ୍ଦର
ଜମାଟ ବରଫ ଶେଯରେ ଜମାଟ ବାନ୍ଧେ ଯବାନ୍ ରୁଧିର
ଶେଲ ଗୁଳି ଭାଲ କମାଣ ଚଳାଏ ବିଶ୍ୱାସଘାତୀ ଖଣ୍ଡ,
ସ୍ୱାର୍ଥଖୋର 'ମାଓ' ଶାନ୍ତି ନାମରେ ପିଟେ ସଂଗ୍ରାମ-ଘଣ୍ଟ
ଶାନ୍ତିର ଗୀତେ ଚୀନା ସରକାର ରଚେ ଯିବା ଅବସାନ,
ସାବଧାନ, ସାବଧାନ ।
ଆମ ବନ୍ଧୁତା ପ୍ରତିଦାନେ ଯେଉଁ
ଜାଳିଛି ରେ ଆଜ ବହ୍ନି,
ଆମ ବୁକୁପାଶେ ତାହାକୁ କି ଆମେ
ନ ରଖିବା ଆଜ ଚିହ୍ନି ?
ଜାଗ୍ରତ ହେବ କଇଲାସ ପୁଣି ଜାଗିବ ରଣରୁଦ୍ର
ହୁଙ୍କାର-ହୁଙ୍କୁରେ ଫୁଟାଇବୁ ଆମେ ଡ୍ରାଗନ୍-ରକ୍ତ କରସା;
ବରିଷ୍ଠ ଜାତିର ଦାୟାଦ ଆମେ ରେ, ହେବା କି ରେ ମ୍ରିୟମାଣ ?
ସାବଧାନ, ସାବଧାନ ।
ଗୋଟିଏ ମାଆର ସନ୍ତାନ ସବୁ ଆମେ ରେ ଚାଳିଶି କୋଟି,
ଆମ ଦେହେ ଥାଉଁ ରକତ, ମାଆର ମାନ କି ଯିବ ରେ ଲୋଟି ?
ହୋଇଯାଉ ଛିଂ ଯାଉଛୁ ସେ ଯିବା ଦୁନିଆର କଥା ଦେଇ
ଚୀନ ସରକାର କଅଁଳ କଥାରେ ନ ଭୁଲିବ ଦେଶଭାଇ;
ଗୋଟିଏ ଯବାନ୍ ସଙ୍ଗରେ ଆମେ ରେ ଲଢ଼ିବା ଶହେ ଯବାନ୍ ।
ସାବଧାନ, ସାବଧାନ ।

ବ୍ରଜମୋହନ ପଟ୍ଟନାୟକ
(ଜିଲ୍ଲା ଲୋକସଂପର୍କ ଅଫିସର, ଗଞ୍ଜାମ)

( ୧୮ ପୃଷ୍ଠାର ଅବଶିଷ୍ଟାଂଶ )

ଥିବା ସୈନ୍ୟମାନଙ୍କୁ ତୁରନ୍ତ ଯୋଗାଇ ଦିଆଯାଉ ନାହିଁ । କିନ୍ତୁ ଏହା ଆଦୌ ଠିକ୍ ନୁହେଁ ବୋଲି ମୁଁ ନିର୍ଭୟରେ କହିପାରେ । କାରଣ ସେସବୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯିବା ପୂର୍ବରୁ ସେଗୁଡ଼ିକୁ ପରୀକ୍ଷା କରାଯିବା ଦରକାର ଏବଂ ସେସବୁ କିପରି ବ୍ୟବହାର କରାଯିବ, ତାହା ମଧ୍ୟ ଭଲଭାବରେ ଜାଣିବା ଦରକାର । କାରଣ ସେଥିମଧ୍ୟରୁ କେତେକ ଅସ୍ତ୍ରଶସ୍ତ୍ର ଆମ ସୈନ୍ୟମାନଙ୍କ ନିକଟରେ ସଂପୂର୍ଣ୍ଣ ନୂଆ । ତେବେ ଏସବୁ କାମ ବହୁ ଦିନରୁ ଶେଷ ହୋଇଗଲାଣି ଏବଂ ବର୍ତ୍ତମାନ ସବୁ କାଳବ୍ୟାପୀରେ ସେମାନଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପହଞ୍ଚିପାରୁଛି ।

ଭବିଷ୍ୟତରେ ଆମ ସଶସ୍ତ୍ର ଫୌଜର ଶକ୍ତି ବୃଦ୍ଧି ଦିଗରେ ଆମେ ଆମ ନିଜ ପ୍ରଚେଷ୍ଟା ଉପରେ ନିର୍ଭର କରିପାରିବୁ ବୋଲି ଏ ଗୃହ ନିଶ୍ଚୟ ମୋ ସଙ୍ଗରେ ଏକମତ ହେବ । ଏଥିପାଇଁ ଆମ ପ୍ରତିରକ୍ଷା ଶିଳ୍ପର ଆଧୁନିକୀକରଣ ଓ ସଂପ୍ରସାରଣ ଆବଶ୍ୟକ । ଏ ଦୃଷ୍ଟିରୁ ଗତ କେତେଟି ଗୁରୁତ୍ୱପୂର୍ଣ୍ଣ ଦିଗରେ ଆମ ପ୍ରଚେଷ୍ଟାର ଫଳ କ'ଣ ହୋଇଛି, ତାହା ଏଠାରେ ଉଲ୍ଲେଖ କରିବି ।

ବର୍ତ୍ତମାନ ଆମର ଯେଉଁ ଅସ୍ତ୍ରଶସ୍ତ୍ର ନିର୍ମାଣ କାରଖାନାଗୁଡ଼ିକ ଅଛି, ସେସବୁର କ୍ଷମତା ବୃଦ୍ଧି ଦିଗରେ ଯଥେଷ୍ଟ ଦୃଷ୍ଟି ଦିଆଯାଉଛି । ଜରୁରୀ ପରିସ୍ଥିତି ପୂର୍ବରୁ ଯେଉଁ ପରିମାଣର ଉତ୍ପାଦନ ହେଉଥିଲା, ବର୍ତ୍ତମାନ ତାର ଦୁଇ ଗୁଣ ଉତ୍ପାଦନ ହେଉଛି । ଆମର ଅସ୍ତ୍ରଶସ୍ତ୍ର-କାରଖାନାରେ କାମ କରୁଥିବା କର୍ମଚାରୀ-ମାନଙ୍କ ଦେଶପ୍ରୀତିଯୋଗେ ଏହା ସମ୍ଭବ ହୋଇଛି । ଉତ୍ପାଦନ ବୃଦ୍ଧି ପାଇଁ ସେମାନେ ବହୁ ସମୟ ଧରି କାରଖାନାରେ କାମ କରୁଛନ୍ତି ।

ଅସ୍ତ୍ରଶସ୍ତ୍ର କାରଖାନାରେ ବସିଥିବା କଳ ଓ ଯନ୍ତ୍ରପାତିଗୁଡ଼ିକ ଆମେ ପରୀକ୍ଷା କରି ଦେଖିଛୁ ଏବଂ ଯେଉଁଗୁଡ଼ିକ ପୁରୁଣାକାଳିଆ ହୋଇଗଲାଣି, ସେଗୁଡ଼ିକର ପରିବର୍ତ୍ତନ ପାଇଁ ବ୍ୟବସ୍ଥା କରାଯାଉଛି । ଉତ୍ପାଦନର କେତେକ ନୂଆ ସ୍ରୋତ ମଧ୍ୟ ଏହିସବୁ କାରଖାନାରେ ପ୍ରବର୍ତ୍ତନ କରାଯାଉଛି ।

## ଅର୍ଦ୍ଧ-ସ୍ୱୟଂଚାଳିତ ରାଇଫଲ ନିର୍ମାଣ

ଇଛାପୁର ରାଇଫଲ୍ ତିଆରି କାରଖାନାରେ ଅର୍ଦ୍ଧ-ସ୍ୱୟଂଚାଳିତ ରାଇଫଲ୍‌ମାନ ବର୍ତ୍ତମାନ ତିଆରି କରାହେଉଛି । ୧୯୬୦ ମସିହା ବେଳୁ ଏ ଦିଗରେ ସାମାନ୍ୟ ଉଦ୍ୟମ ହୋଇଥିଲା; କିନ୍ତୁ ତାହା ଉଭୟ ସୈନିକ ଓ ପ୍ରତିରକ୍ଷା ଦପ୍ତରର ହୃଦ୍‌ବୋଧ ହୋଇ ନ ଥିଲା । କିନ୍ତୁ ବର୍ତ୍ତମାନ ଏହି ରାଇଫଲ୍ ଉତ୍ପାଦନରେ ସନ୍ତୋଷଜନକ ଅଗ୍ରଗତି ଦେଖାଦେଇଛି । ପ୍ରକୃତରେ ଆମ ଦେଶରେ ପ୍ରସ୍ତୁତ ହେଉଥିବା ଏହି ରାଇଫଲ୍ ପୃଥିବୀର ଅନ୍ୟାନ୍ୟ ଦେଶରେ ତିଆରି ହେଉଥିବା ରାଇଫଲ୍‌ଠାରୁ ଉତ୍କୃଷ୍ଟ ।

## ବ୍ରିଟିଶ ଓ ଆମେରିକା ସାହାଯ୍ୟ

ଆମର ସୈନ୍ୟବାହିନୀକୁ ଅଧିକ ହାଲୁକା ଓ କ୍ଷମତାଶୀଳ ମାରଣାସ୍ତ୍ରଦ୍ୱାରା ସଜ୍ଜିତ କରିବା ବର୍ତ୍ତମାନ ଆମର ପ୍ରଧାନ ଲକ୍ଷ୍ୟ ହୋଇଛି । ସେଥିପାଇଁ ବନ୍ଧୁ ରାଷ୍ଟ୍ରମାନଙ୍କ ସାହାଯ୍ୟରେ ଆମେ ଦୁଇଟି ସାମରିକ ଅସ୍ତ୍ରଶସ୍ତ୍ର ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବୁ । ଏଥିପାଇଁ ପ୍ରାଥମିକ ବ୍ୟବସ୍ଥା ହୋଇଗଲାଣି ଓ ଆବଶ୍ୟକ ଗୃହ-ନିର୍ମାଣ କାର୍ଯ୍ୟ ଚାଲିଛି ।

ଶସ୍ତ୍ର ଓ ହାଲୁକା ସାମରିକ ଯନ୍ତ୍ରପାତି ନିର୍ମାଣ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ସରକାରଙ୍କ ସଙ୍ଗରେ ଏକ କାରଖାନା ବସାଇବା ସମ୍ପର୍କରେ କଥାବାର୍ତ୍ତା ହୋଇଛି ଏବଂ ସେମାନେ ସେଥିରେ ରାଜି ଅଛନ୍ତି । ସେହିପରି ଅନ୍ୟ ଏକ କାରଖାନା ପାଇଁ ବ୍ରିଟିଶ ସରକାର ଆବଶ୍ୟକୀୟ ଅର୍ଥ ସାହାଯ୍ୟ ଦେବେ

ବୋନ ପ୍ରତ୍ୟାଖ୍ୟାନ ଦେଇଛନ୍ତି । ସେଥିପାଇଁ ଅନ୍ୟ ଦେଶରେ କାରଖାନା ସ୍ଥାପନ ସମ୍ପର୍କରେ କଥାବାର୍ତ୍ତା ଚାଲିଛି । ତାହା ସଫଳ ନ ହେଲେ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟୟ-ସଙ୍କୋଚ କରି ଆମକୁ ଏହି କାରଖାନାମାନ ପ୍ରତିଷ୍ଠା କରିବାକୁ ହେବ ।

## ମିଗ୍ କାରଖାନା

ମିଗ୍ କାରଖାନା ପାଇଁ ଗୃହନିର୍ମାଣ ପ୍ରଭୃତି ପ୍ରାରମ୍ଭିକ କାର୍ଯ୍ୟମାନ ଶେଷ ହେଲାଣି ଓ ସେ ସ୍ଥାନକୁ ରେଲଲାଇନଦ୍ୱାରା ସଂଯୋଗ କରିବା କାର୍ଯ୍ୟ ବହୁ ଦୂର ଅଗ୍ରସର ହେଲାଣି ।

ଏଥିପାଇଁ କେତେକ ବ୍ୟକ୍ତିଙ୍କୁ ବର୍ତ୍ତମାନ ବୈଷୟିକ ତାଲିମ ଦିଆଯାଉଛି । ସୋଭିଏଟ୍ ରୁଷ ସରକାରଙ୍କ ସହଯୋଗକ୍ରମେ ଏହି କାରଖାନା ସ୍ଥାପନ କରାଯାଉଛି ।

## ସୀମାନ୍ତ ରାସ୍ତା ନିର୍ମାଣ

ସୀମାନ୍ତ ଅଞ୍ଚଳରେ ଆମ ଯବାନମାନଙ୍କ ଚଳାଚଳ ପାଇଁ ବର୍ତ୍ତମାନ ଥିବା ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ କରିବା ଓ ନୂତନ ରାସ୍ତା ନିର୍ମାଣ କରିବା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି । ସୀମାନ୍ତ ରାସ୍ତା ଉନ୍ନୟନ ବୋର୍ଡଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ ହେଉଛି ।

ଏହି ବୋର୍ଡ ୨୨୦୦ ମାଇଲ ନୂଆ ରାସ୍ତା ନିର୍ମାଣ ପାଇଁ ସର୍ଭେ କରିସାରିଛନ୍ତି ଓ ୭୦୦ ମାଇଲ ରାସ୍ତା ନିର୍ମାଣ କରିଛନ୍ତି । ଏମାନେ ୧୬୦୦ ମାଇଲର ରାସ୍ତା ୧୯୬୩ ମସିହା ଜୁନ ମାସ ସୁଦ୍ଧା ସୈନ୍ୟ ଚଳାଚଳ ପାଇଁ ଉପଯୁକ୍ତ ପ୍ରସ୍ତୁତ କରିଛନ୍ତି । ଏହା ବ୍ୟତୀତ ୩୦୦୦ ମାଇଲ ନୂଆ ରାସ୍ତା ନିର୍ମାଣ ଓ ୩୦୦୦ ମାଇଲ ପୁରୁଣା ରାସ୍ତା ମରାମତି ପାଇଁ ଏହି ବୋର୍ଡ ଗୋଟିଏ ଯୋଜନା କରିଛନ୍ତି । ୩୦୦ ମାଇଲ ପର୍ଯ୍ୟନ୍ତ ରାସ୍ତାକୁ ଚଉଡ଼ା କରିବା ପାଇଁ ମଧ୍ୟ ଯୋଜନା ହୋଇଛି ।

## ବିମାନବାହିନୀର ପ୍ରଶଂସନୀୟ କାର୍ଯ୍ୟ

ସୀମାନ୍ତ ଅଞ୍ଚଳ ପାଇଁ ଆମେ ବର୍ତ୍ତମାନ ପ୍ରଧାନତଃ ଭାରତୀୟ ବିମାନବାହିନୀ ଉପରେ ନିର୍ଭର କରୁଛୁ । ବିମାନବାହିନୀରେ କାର୍ଯ୍ୟ କରୁଥିବା ଯୁବକ ଅଫିସରମାନେ ନିଜ ଜୀବନ ତୁଚ୍ଛ କରି ଅସୀମ ସାହସର ସହିତ ଯେଉଁ କାର୍ଯ୍ୟ କରୁଛନ୍ତି, ତାହା ବାସ୍ତବିକ ପ୍ରଶଂସନୀୟ ।

ସୀମାନ୍ତ ଅଞ୍ଚଳକୁ ଆବଶ୍ୟକୀୟ ଯନ୍ତ୍ରପାତି ପ୍ରଭୃତି ବୋହିନେବା ପାଇଁ ଆମେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟ୍ ବ୍ରିଟେନ, କାନାଡ଼ା ଓ ସୋଭିଏଟ୍ ରୁଷଠାରୁ ପରିବହନ ବିମାନ ସାହାଯ୍ୟ ପାଇଛୁ ।

## ସି-୧୩୦ ବିମାନ

ଗତ ବର୍ଷ ନଭେମ୍ବର ମାସଠାରୁ ସୀମାନ୍ତ ଅଞ୍ଚଳକୁ ଭାରୀ ଦ୍ରବ୍ୟ ବୋହିନେବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ସରକାର ଏକ ସ୍କ୍ୱାଡ୍ରନ ଉଚ୍ଚକ୍ଷମତା-ସମ୍ପନ୍ନ ପରିବାହୀ ବିମାନ ଯୋଗାଇଥିଲେ । ଏବେ ଆମର ପରିବହନଶକ୍ତି ବୃଦ୍ଧି ପାଇବାରୁ ଆମେ ବର୍ତ୍ତମାନ ସେସବୁ ଫେରାଇଦେବା ପାଇଁ ସ୍ଥିର କରିଛୁ । ଏହି ବିମାନ ପରିଚାଳନା କରୁଥିବା ପାଇଲଟ୍‌ମାନଙ୍କର ଉଦ୍ୟମ ଓ କାର୍ଯ୍ୟଦକ୍ଷ ଶକ୍ତି ବାସ୍ତବିକ ପ୍ରଶଂସନୀୟ ।


## ଯବାନମାନଙ୍କର ପୃଷ୍ଠପୋଷକତା

ପ୍ରତିରକ୍ଷା ପ୍ରସ୍ତୁତିର ଅନ୍ୟ ଏକ ପ୍ରଧାନ ଅଙ୍ଗ ହେଉଛି ଯବାନମାନଙ୍କର ମନୋବଳ ଦୃଢ଼ କରିବା । ଏହି ଦୁର୍ଗମ ଅଞ୍ଚଳରେ କାର୍ଯ୍ୟ କରୁଥିବା ଯବାନମାନେ ଯେତେବେଳେ ଜାଣିବେ ଯେ ସେମାନଙ୍କ ପଛରେ ଆଜି ସମଗ୍ର ଦେଶ ଜାଗ୍ରତ ହୋଇ ଠିଆ ହୋଇଛି, ସେତେବେଳେ ସେମାନଙ୍କ ମନୋବଳ ଯଥେଷ୍ଟ ବଢ଼ିଯିବ ବୋଲି ପ୍ରତିରକ୍ଷା-ମନ୍ତ୍ରୀ ପ୍ରକାଶ କରିଥିଲେ ।




ତା ୨୨ । ୯ । ୮୩ରେ ଭୁବନେଶ୍ୱର କଳାମଣ୍ଡପରେ ରାଜ୍ୟପାଳ ଡକ୍ଟର ଖୋସଲା ଗୋଟିଏ ପୁସ୍ତକ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ । ପ୍ରଦର୍ଶନୀଟି କଟକର ପୁସ୍ତକ-ବ୍ୟବସାୟୀ ଶ୍ରୀ ପି· କେ· ମହାପାତ୍ରଙ୍କଦ୍ୱାରା ଆୟୋଜିତ ହୋଇଥିଲା ।

ଚିତ୍ରରେ—ରାଜ୍ୟପାଳ ପ୍ରଦର୍ଶନୀ ମଣ୍ଡପରେ କେତେକ ପୁସ୍ତକ ପରୀକ୍ଷା କରୁଛନ୍ତି



ଗତ ୨୧।୯।୮୩ ତାରିଖରେ ସେକ୍ରେଟେରିଏଟ୍ ସମ୍ମିଳନୀ-କକ୍ଷରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜକୁ ପଟ୍ଟନାୟକ କୃଷି ଓ ଭୂତାତ୍ତ୍ୱିକ ଗେଜେଟେଡ୍ ଓ ବୈଷୟିକ ଅଫିସରମାନଙ୍କ ଆସୋସିଏସନ ଉଦ୍‌ଘାଟନ କରିଥିଲେ

ଚିତ୍ରରେ—ମୁଖ୍ୟମନ୍ତ୍ରୀଙ୍କ ଭାଷଣ



୨୧।୪।୬୩ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ପୌରୋହିତ୍ୟରେ ରାଜ୍ୟ ହରିଜନ-କଲ୍ୟାଣ ଉପଦେଷ୍ଟା ବୋର୍ଡର ଚତୁର୍ଥ ଅଧିବେଶନ ସେକ୍ରେଟେରିଏଟ୍ ସମ୍ମିଳନୀ କକ୍ଷରେ ବସିଥିଲା

ଚିତ୍ରରେ—ବୋର୍ଡର ସଭ୍ୟମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



ଗତ ଅଗଷ୍ଟ ୩୦ ତାରିଖରେ ସେକ୍ରେଟେରିଏଟ୍ ସମ୍ମିଳନୀ କକ୍ଷରେ ଆଦିବାସୀ ଉପଦେଷ୍ଟା ପରିଷଦର ଏକାଦଶ ଅଧିବେଶନରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ ।

ଚିତ୍ରରେ—ଏହି ପରିଷଦର ଚେୟାରମ୍ୟାନ ରୂପରେ ମୁଖ୍ୟମନ୍ତ୍ରୀ
ପରିଷଦର କେତେକ ସଭ୍ୟଙ୍କ ସହିତ ଆଲୋଚନା କରୁଛନ୍ତି ।

## ୧୯୮୨-୮୩
## ପଞ୍ଚାୟତ ପୁରସ୍କାର ପ୍ରତିଯୋଗିତା

# ଗ୍ରାମରାଜ୍ୟରେ....

ସ୍ମରଣ କରାଯାଇପାରେ ଯେ ଗତ ବର୍ଷ ନଭେମ୍ବର ମାସରେ ଆମ୍ଭେମାନେ ଏହି ସ୍ତମ୍ଭରେ ୧୯୮୧-୮୨ ପାଇଁ ଗ୍ରାମପଞ୍ଚାୟତ ପୁରସ୍କାର-ପ୍ରତିଯୋଗିତାର ଫଳାଫଳ ପ୍ରକାଶ କଲାବେଳେ ପରିକଳ୍ପନାର ବିଶଦ ବିବରଣୀ ଉଲ୍ଲେଖ କରିଥିଲୁଁ । ପଞ୍ଚାୟତରାଜ ସଂସ୍ଥାଗୁଡ଼ିକ ଯେପରି ପ୍ରତିଯୋଗୀ-ମନୋଭାବ ନେଇ ନିଜ ନିଜ ଅଞ୍ଚଳରେ ଉନ୍ନୟନ କାମରେ ସର୍ବାଧିକ ଉଦ୍ୟମ ଚଳାଇବେ, ସେ ଦିଗରେ ସେମାନଙ୍କୁ ପ୍ରେରଣା ଓ ଉତ୍ସାହ ଦେବାଲାଗି ଏହି ପରିକଳ୍ପନାର ସୃଷ୍ଟି । ୧୯୮୧-୮୨ରେ ଅବଶ୍ୟ କେବଳ ପଞ୍ଚାୟତମାନଙ୍କୁ ପୁରସ୍କାର ଦେବାର ବ୍ୟବସ୍ଥା ଥିଲା । ୧୯୮୨-୮୩ଠାରୁ ମହିଳା ସମିତି ଓ ଯୁବକସଂଘମାନଙ୍କ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତାଭାବ ଜଗାଇବା ଲକ୍ଷ୍ୟରେ ସେମାନଙ୍କୁ ମଧ୍ୟ ଏହି ପରିକଳ୍ପନାର ପରିସରଭୁକ୍ତ କରାଯାଇଛି ।

୧୯୮୨-୮୩ ପାଇଁ ପ୍ରତିଯୋଗିତାର ଫଳାଫଳ ଏବେ ନିକଟରେ ଘୋଷଣା କରାଯାଇଛି । ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ୍ କରି ପୁରସ୍କାର ଲାଭ କରିଥିବା ପଞ୍ଚାୟତ, ଯୁବକସଂଘ ଓ ମହିଳା ସମିତିଗୁଡ଼ିକର ତାଲିକା ଏଠାରେ ଦିଆଗଲା ।

—ସଂପାଦକ

ଚଳିତ ବର୍ଷ ପଞ୍ଚାୟତ ସମିତି ପୁରସ୍କାର ପ୍ରତିଯୋଗିତା ଯୋଜନା ଅନୁସାରେ କେନ୍ଦ୍ର ରାଜସ୍ୱ ଡିଭିଜନରେ ବାଲେଶ୍ୱର ଜିଲ୍ଲାର ବାସୁଦେବପୁର, ଉତ୍ତର ରାଜସ୍ୱ ଡିଭିଜନ ଅନ୍ତର୍ଗତ ସମ୍ବଲପୁର ଜିଲ୍ଲାର ଜାମନକିରା ଏବଂ ଦକ୍ଷିଣ ରାଜସ୍ୱ ଡିଭିଜନ ଅନ୍ତର୍ଗତ କୋରାପୁଟ ଜିଲ୍ଲାର ଜୟପୁର—ଏହି ତିନୋଟି ପଞ୍ଚାୟତ ସମିତି ଓଡ଼ିଶାର ସର୍ବଶ୍ରେଷ୍ଠ ବିବେଚିତ ହୋଇଛନ୍ତି । ଏହି ପଞ୍ଚାୟତ ସମିତିଗୁଡ଼ିକ ଭିତରୁ ପ୍ରତ୍ୟେକଟି ଏକ ମଧ୍ୟମ ଧରଣର ଶିଳ୍ପ ଆକାରରେ ପ୍ରାଥମିକ ଖର୍ଚ୍ଚ ପ୍ରାୟ ଏକକୋଟି ଟଙ୍କା ପୁରସ୍କାର ପାଇଛନ୍ତି । ଏହି ଶିଳ୍ପ ଅନୁଷ୍ଠାନଗୁଡ଼ିକୁ କାରଖାନା କୋଠାବାଡ଼ି, ଯନ୍ତ୍ରପାତି, ବିଦ୍ୟୁତ୍ ଓ ରାସ୍ତାଘାଟ ସୁବିଧା ଯୋଗାଇ ପୂର୍ଣ୍ଣାଙ୍ଗ କରି ଦିଆଯିବ ।

ପଞ୍ଚାୟତ ସମିତି ପୁରସ୍କାର ପ୍ରତିଯୋଗିତା ଯୋଜନା ଗତ ବର୍ଷ ଘୋଷଣା କରାଯାଇଥିଲା ଓ ଏଣିକି ପ୍ରତିବର୍ଷ ଚାଲିବ । ଗ୍ରାମ୍ୟ ବା ସର୍ବନିମ୍ନ ସ୍ତରର ସମସ୍ତ ପଞ୍ଚାୟତ ସମିତି ଏହି ପ୍ରତିଯୋଗିତାରେ ଭାଗ ନେଇ ପାରିବେ ।

# ....ପ୍ରଗତିର ପୁରସ୍କାର

## ପଞ୍ଚାୟତ ପୁରସ୍କାର

ଚଳିତ ବର୍ଷ ଏହି ତିନୋଟି ପଞ୍ଚାୟତ ସମିତି ଯେଉଁ ପୁରସ୍କାର ଲାଭ କରୁଛନ୍ତି, ତାହାଛଡ଼ା ସମଗ୍ର ରାଜ୍ୟରେ ସର୍ବଶ୍ରେଷ୍ଠ ବିବେଚିତ ୩୪ଟି ଗ୍ରାମପଞ୍ଚାୟତ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିଥିବାରୁ ଯଥେଷ୍ଟ ପୁରସ୍କାର ଲାଭ କରିଛନ୍ତି । ପ୍ରତ୍ୟେକ ଜିଲ୍ଲା ବା ୨୦୦ ଗ୍ରାମପଞ୍ଚାୟତ ଥିବା ପ୍ରତ୍ୟେକ ୟୁନିଟ୍‌ରେ ସର୍ବଶ୍ରେଷ୍ଠ ବିବେଚିତ ଦୁଇଟି ଗ୍ରାମପଞ୍ଚାୟତ ଟ୫୦,୦୦୦/ ମୂଲ୍ୟର ୧୬ଟି ପ୍ରଥମ ପୁରସ୍କାର ଏବଂ ଟ୨୫,୦୦୦/ ମୂଲ୍ୟର ୧୬ଟି ଦ୍ୱିତୀୟ ପୁରସ୍କାର ଲାଭ କରିଛନ୍ତି । ଗୁଡ଼କଳ, ତେଲକଳ, ଚୂନ କାରଖାନା, ଟାଇଲ ତିଆରି କାରଖାନା ଏବଂ ଇଟା ତିଆରି କାରଖାନା ପ୍ରଭୃତି ପଞ୍ଚାୟତ-ଶିଳ୍ପମାନ ସ୍ଥାପନ କରିବା ଉଦ୍ଦେଶ୍ୟରେ ଏହି ପୁରସ୍କାର ଦିଆଯାଇଛି । ଏହାଛଡ଼ା ପଞ୍ଚାୟତ ଅଞ୍ଚଳରେ ଉନ୍ନୟନ ନିମନ୍ତେ ପ୍ରତ୍ୟେକ ଜିଲ୍ଲା ବା ୟୁନିଟ୍‌ର ସର୍ବଶ୍ରେଷ୍ଠ ବିବେଚିତ ଦୁଇଟି ଗ୍ରାମପଞ୍ଚାୟତଙ୍କୁ ଉପରୋକ୍ତ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ସହିତ ନଗଦ ଟ୧୦,୦୦୦/ ମୂଲ୍ୟର ୧୬ଟି ପୁରସ୍କାର ଏବଂ ଟ୫,୦୦୦/ ମୂଲ୍ୟର ୧୬ଟି ପୁରସ୍କାର ଦିଆଯାଇଛି ।

## ତିନୋଟି ସର୍ବଶ୍ରେଷ୍ଠ ବିବେଚିତ ପଞ୍ଚାୟତ

ରାଜ୍ୟ ସ୍ତରରେ କଟକ ଜିଲ୍ଲା (ୟୁନିଟ୍-୨) ଅନ୍ତର୍ଗତ ମାହାଙ୍ଗା ପଞ୍ଚାୟତ ସମିତିର ହଲଦିଆ ଗ୍ରାମପଞ୍ଚାୟତ, ଗଞ୍ଜାମ ଜିଲ୍ଲା (ୟୁନିଟ୍-୧) ଅନ୍ତର୍ଗତ ହିଞ୍ଜିଳି ପଞ୍ଚାୟତ ସମିତିର ସାହାପୁର ଗ୍ରାମପଞ୍ଚାୟତ ଏବଂ କୋରାପୁଟ ଜିଲ୍ଲା (ୟୁନିଟ୍-୨) ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ସମିତିର ପଦ୍ମପୁର ଗ୍ରାମପଞ୍ଚାୟତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରିଛନ୍ତି । ଜିଲ୍ଲାସ୍ତରର ପୁରସ୍କାର ଛଡ଼ା ଏହି ଗ୍ରାମପଞ୍ଚାୟତଗୁଡ଼ିକ ଏକ ଉପଯୁକ୍ତ ଶିଳ୍ପ ସ୍ଥାପନ କରିବା ନିମନ୍ତେ ଯଥାକ୍ରମେ ଟ୫୦,୦୦୦/, ଟ୨୫,୦୦୦/ ଓ ଟ୧୦,୦୦୦/ ଅଧିକା ଲାଭ ପାଇଛନ୍ତି । ଏହାଛଡ଼ା 'ବିଶ୍ୱନାଥ ଟ୍ରଷ୍ଟ' ପ୍ରଦତ୍ତ ତିନୋଟି ସିଲ୍ଡ ରାଜ୍ୟର ସର୍ବଶ୍ରେଷ୍ଠ ବିବେଚିତ ତିନୋଟି ଗ୍ରାମପଞ୍ଚାୟତ ପାଇଛନ୍ତି ।

ଗତ ଦୁଇ ବର୍ଷ ହେଲା ଗ୍ରାମପଞ୍ଚାୟତ ପୁରସ୍କାର ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଗତ ବର୍ଷ ପଞ୍ଚାୟତ-ଶିଳ୍ପ ସ୍ଥାପନ ନିମନ୍ତେ ୩୫ଟି ଗ୍ରାମପଞ୍ଚାୟତ ଏହି ପୁରସ୍କାର ଲାଭ କରିଥିଲେ । ଗତ ସ୍ୱାଧୀନତା ଦିବସ ଭିତରେ ଏହି ସମସ୍ତ ଶିଳ୍ପ ୟୁନିଟ୍‌ଗୁଡ଼ିକର ପ୍ରାଥମିକ କାର୍ଯ୍ୟ ଶେଷ ହୋଇଛି ଏବଂ ଏବେ ଏଥିମଧ୍ୟରୁ ଅଧିକାଂଶ ସ୍ଥାନରେ କାରଖାନାର କୋଠାବାଡ଼ି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ।

## ପଞ୍ଚାୟତ ପୁରସ୍କାର

ନିମ୍ନଲିଖିତ ୩୪ଟି ଗ୍ରାମପଞ୍ଚାୟତ ମଧ୍ୟରୁ ୧୬ଟି ଗ୍ରାମପଞ୍ଚାୟତଙ୍କୁ ପ୍ରଥମ ପୁରସ୍କାର ଓ ୧୬ଟି ଗ୍ରାମ-ପଞ୍ଚାୟତଙ୍କୁ ଦ୍ୱିତୀୟ ପୁରସ୍କାର ଦିଆଯାଇଛି । ପ୍ରତ୍ୟେକ କ୍ଷେତ୍ରରେ ପ୍ରଥମ ପୁରସ୍କାରର ପରିମାଣ ଶିଳ୍ପ-ୟୁନିଟ ଆକାରରେ ୫୦,୦୦୦ଟଙ୍କା ଓ ନଗଦ ୧୦,୦୦୦ଟଙ୍କା ଏବଂ ଦ୍ୱିତୀୟ ପୁରସ୍କାର ପରିମାଣ ଶିଳ୍ପ ପାଇଁ ୨୫,୦୦୦ ଟଙ୍କା ଓ ନଗଦ ୫୦୦୦ଟଙ୍କା ।

| [ଜିଲ୍ଲା] | [ପ୍ରଥମ ପୁରସ୍କାର] | [ଦ୍ୱିତୀୟ ପୁରସ୍କାର] |
|---|---|---|
| ୧। ବାଲେଶ୍ୱର | ...ପୋଡୁଅ ଗ୍ରା: ପ:, ବାସୁଦେବପୁର ପ: ସ: | ...ବରହୁଆ ଗ୍ରା: ପ:, ବାସୁଦେବପୁର ପ: ସ: |
| ୨। ବଲାଙ୍ଗୀର | ...ଭଟିମୁଣ୍ଡା ଗ୍ରା: ପ:, ସୋନପୁର ପ: ସ: | ...ଆଗଲପୁର ଗ୍ରା: ପ:, ଆଗଲପୁର ପ: ସ: |
| ୩। କଟକ-୧ | ...ବୁଧପୋଖରା ଗ୍ରା: ପ:, ସୁକିନ୍ଦା ପ: ସ: | ...ସିଙ୍ଗ୍ରି ଗ୍ରା: ପ:, ଆଳି ପ: ସ: |
| ୪। କଟକ-୨ | ...ଦୁଲଦଆ ଗ୍ରା: ପ:, ମାହାଙ୍ଗା ପ: ସ: | ...କନସପୁର ଗ୍ରା: ପ:, ଜଗତସିଂହପୁର-୩ ପ: ସ: |
| ୫। ଢେଙ୍କାନାଳ | ...ଶଙ୍କରପୁର ଗ୍ରା: ପ:, ସଦର ପ: ସ: | ...ମଠକରଗୋଲା ଗ୍ରା: ପ:, ଭୁବନ ପ: ସ: |
| ୬। ଗଞ୍ଜାମ-୧ | ...ସାହାପୁର ଗ୍ରା: ପ:, ଖଞ୍ଜିଲି ପ: ସ: | ...ଡିଅପଡ଼ାଳ ଗ୍ରା: ପ:, ଭଞ୍ଜନଗର ପ: ସ: |
| ୭। ଗଞ୍ଜାମ-୨ | ...ଫୁଇଟା ଗ୍ରା: ପ:, ରଙ୍ଗେଇଲୁଣ୍ଡା ପ: ସ: | ...ବଡ଼କୁସ୍ଥଳୀ ଗ୍ରା: ପ: ରଙ୍ଗେଇଲୁଣ୍ଡା ପ: ସ: |
| ୮। କୋରାପୁଟ-୧ | ...ଜାମୁଣ୍ଡା ଗ୍ରା: ପ:, ଜୟପୁର ପ: ସ: | ...ଫାମ୍ପୁଣି ଗ୍ରା: ପ:, ଜୟପୁର ପ: ସ: |
| ୯। କୋରାପୁଟ-୨ | ...ପଦ୍ମପୁର ଗ୍ରା: ପ:, ପଦ୍ମପୁର ପ: ସ: | ...ଭମିଣୀ ଗ୍ରା: ପ:, ରମଣଗୁଡ଼ା ପ: ସ: |
| ୧୦। କଳାହାଣ୍ଡି | ...ଉଣମାଳ ଗ୍ରା: ପ:, ଜୟପାଟଣା ପ: ସ: | ...ଟୁକୁଲା ଗ୍ରା: ପ:, ଖଡ଼ିଆଳ ପ: ସ: |
| ୧୧। କେନ୍ଦୁଝର | ...ଦେଓଗାଁ ଗ୍ରା: ପ:, ଘାସିପୁରା ପ: ସ: | ...ଭାଗ ଗ୍ରା: ପ:, ଘଟଗାଁ ପ: ସ: |
| ୧୨। ମୟୂରଭଞ୍ଜ | ...ଟିଡ଼ିବାଟି ଗ୍ରା: ପ:, ବାହାଲଦା ପ: ସ: | ...କରଞ୍ଜିଆ ଗ୍ରା: ପ:, କରଞ୍ଜିଆ ପ: ସ: |
| ୧୩। ଫୁଲବାଣୀ | ...ତିଲେଶ୍ୱର ଗ୍ରା: ପ:, ବଉଦ ପ: ସ: | ...ଦୋଡ଼ଙ୍ଗା ଗ୍ରା: ପ:, ଫୁଲବାଣୀ ପ: ସ: |
| ୧୪। ପୁରୀ-୧ | ...ପଣ୍ଡୁଆପୁର ଗ୍ରା: ପ:, ପିପିଲି ପ: ସ: | ...ମାଳତୀପାଟପୁର ଗ୍ରା: ପ:, ସଦର ପ: ସ: |
| ୧୫। ପୁରୀ-୨ | ...ବଳଙ୍ଗା ଗ୍ରା: ପ:, ଦେଲଙ୍ଗ ପ: ସ: | ...ଡେଲେଇ ସାହି ଗ୍ରା: ପ:, ଦେଲଙ୍ଗ ପ: ସ: |
| ୧୬। ସମ୍ବଲପୁର | ...କୋଟପାଲି ଗ୍ରା: ପ:, ବରପାଲି ପ: ସ: | ...ବରପାଲି ଗ୍ରା: ପ:, ବରପାଲି ପ: ସ: |
| ୧୭। ସୁନ୍ଦରଗଡ଼ | ...କୁଦୁକେଲା ଗ୍ରା: ପ:, ସୁନ୍ଦରଗଡ଼ ପ: ସ: | ...ସଲଡିହି ଗ୍ରା: ପ:, ଲେଫ୍ରିପଡ଼ା ପ: ସ: |

( ଗ୍ରା: ପ:=ଗ୍ରାମପଞ୍ଚାୟତ, ପ: ସ:=ପଞ୍ଚାୟତ ସମିତି )

## ଯୁବକ ସଂଘ

ପୁରସ୍କାର-ପ୍ରତିଯୋଗିତା ପରିକଳ୍ପନାନୁଯାୟୀ ସାମାଜିକ, ଶିକ୍ଷାଗତ ଓ ଆର୍ଥିକ କ୍ଷେତ୍ରରେ କୃତିତ୍ୱ ଦେଖାଇଥିବାଯୋଗୁଁ ୧୯୬୨-୬୩ରେ ନିମ୍ନଲିଖିତ ୩୬ଟି ଯୁବକ ସଂଘ ନଗଦ ଟଙ୍କା ଓ ପ୍ରଶଂସା-ପତ୍ରମାନ ପୁରସ୍କାର ପାଇଛନ୍ତି ।

ପ୍ରତ୍ୟେକ ସ୍ଥଳେ ପ୍ରଥମ ପୁରସ୍କାରର ପରିମାଣ ନଗଦ ଟ୫୦୦୦୯ ଓ ପ୍ରଶଂସା-ପତ୍ର ଏବଂ ଦ୍ୱିତୀୟ ପୁରସ୍କାରର ପରିମାଣ ନଗଦ ଟ୩୦୦୦୯ ଦିଆଯାଇଛି ।

[ ପ୍ରଥମ ପୁରସ୍କାର ପ୍ରାପ୍ତ ]

ବଲାଙ୍ଗୀର—ଟିଣ୍ଡଡ଼ା ଯୁବକ ସଂଘ, ଲୋଇସିଂହା ବ୍ଲକ

କଟକ—(୧) ଆଜାଦ ହିନ୍ଦ ଯୁବକସଂଘ, ବାଙ୍କି-୧ ବ୍ଲକ୍

(୨) ଖୁରୁଗାଁ ଯୁବକସଂଘ, କେନ୍ଦ୍ରାପଡ଼ା-୧ ବ୍ଲକ୍

ଫୁଲବାଣୀ—ଗୁମାଗଡ଼ ଯୁବକସଂଘ, ଫୁଲବାଣୀ ବ୍ଲକ୍

[ ଦ୍ୱିତୀୟ ପୁରସ୍କାର ପ୍ରାପ୍ତ ]

...ପୁଇଁତଲା ଯୁବକସଂଘ, ବଲାଙ୍ଗୀର (୨) ବ୍ଲକ୍

... କୋଶାସ ଯୁବକସଂଘ, କଟକ ସଦର (୧) ବ୍ଲକ

...ଓଲାଖର ଯୁବକସଂଘ, ଗୁଜନକନକା ବ୍ଲକ

...ଭାଇଁଜାମ ଯୁବକସଂଘ, ବୌଦ୍ଧ ବ୍ଲକ

[ପ୍ରଥମ ପୁରସ୍କାରପ୍ରାପ୍ତ] [ଦ୍ୱିତୀୟ ପୁରସ୍କାରପ୍ରାପ୍ତ]

ଢେଙ୍କାନାଳ—ମଠକରଗୋଲା ଯୁବକସଂଘ, ଭୁବନ ବ୍ଲକ୍ …କଳମଛୁଇଁ ଯୁବକସଂଘ, ତାଳଚେର-୨ ବ୍ଲକ
କୋରାପୁଟ—(୧) ଭାସୁଗାଁ ଯୁବକସଂଘ, ନବରଙ୍ଗପୁର ବ୍ଲକ୍ …ସାନଗୁଡ଼ା ଯୁବକସଂଘ, ପାପଡ଼ାହାଣ୍ଡି ବ୍ଲକ୍
(୨) ଉଲୁମା ଯୁବକସଂଘ, ରମଣଗୁଡ଼ା ବ୍ଲକ୍ …ଜଗନ୍ନାଥପୁର ଯୁବକସଂଘ, କଲ୍ୟାଣସିଂହପୁର ବ୍ଲକ୍
ଇନ୍ଦ୍ରପୁର ଯୁବକସଂଘ, ଚନ୍ଦ୍ରପୁର ବ୍ଲକ୍
ସୁନ୍ଦରଗଡ଼—ଶୋଲମୁଣ୍ଡି ଯୁବକସଂଘ, ଲେଫ୍ରିପଡ଼ା ବ୍ଲକ୍ …ଜଙ୍କିବନ୍ଧ ଯୁବକସଂଘ, ବାଲିଶଙ୍କରା ବ୍ଲକ୍
ମୟୂରଭଞ୍ଜ—ନବଜୀବନ ଯୁବକସଂଘ, ମୂଳିଆପଦା ବ୍ଲକ୍ …କାସୁଜା ଯୁବକସଂଘ, କନ୍ଧଳଡା ବ୍ଲକ୍
ବାଲେଶ୍ୱର—ନୂଆପୁର ଯୁବକସଂଘ, ସୋର ବ୍ଲକ୍ …କଡମାଦ ଯୁବକସଂଘ, ବାଲେଶ୍ୱର ସଦର ବ୍ଲକ୍
ପୁରୀ—(୧) ଶାନ୍ତଯୋଗୀପୁର ଯୁବକସଂଘ, ପିପିଲି ବ୍ଲକ …ବେଣୁପୁର ଯୁବକସଂଘ, ବାଲିପାଟଣା ବ୍ଲକ୍
(୨) ନନ୍ଦପୁର ଯୁବକସଂଘ, ବାଣପୁର ବ୍ଲକ୍ … ,, ,,
କଳାହାଣ୍ଡି—ଗାରକୋଦ ଯୁବକସଂଘ, ନୂଆପଡ଼ା ବ୍ଲକ …ଇଚ୍ଛାପୁର ଯୁବକସଂଘ ସଦର ବ୍ଲକ
ଗଞ୍ଜାମ—(୧) ଗୋଳବନ୍ଧ ଯୁବସଂଘ, ରଙ୍ଗେଇଲୁଣ୍ଡା ବ୍ଲକ୍ · ସନ୍ନ ଯୁବସଂଘ କାଶୀନଗର ବ୍ଲକ୍
(୨) ଧୂମଗ୍ରାଇଁ ଯୁବସଂଘ, ଭଞ୍ଜନଗର ବ୍ଲକ୍ ·· ମଶାଇପେଣ୍ଟ ଯୁବସଂଘ, ଭଞ୍ଜନଗର ୨ୟ ବ୍ଲକ୍
ସମ୍ବଲପୁର—ପଞ୍ଚଶିଳା ଯୁବକସଂଘ ବରପାଲି ବ୍ଲକ …ଜୟହିନ୍ଦ୍ ଯୁବସଂଘ, ବରପାଲି ବ୍ଲକ୍
କେନ୍ଦୁଝର—ବଳସ୍କୁଣ୍ଡ ଯୁବକସଂଘ ଚମ୍ପୁଆ ବ୍ଲକ …ସଇତୋଳା ଯୁବସଂଘ, ଘାସିପୁରା ବ୍ଲକ୍
ରାଜ୍ୟ ସ୍ତରର ପୁରସ୍କାର—ଗୋଟିଏ ପତାକା ଓ ଗୋଟିଏ ସାର୍ଟିଫିକେଟ୍ ଓ ଗୋଟିଏ ପ୍ରଶଂସାପତ୍ରଖଣ୍ଡ), ନାଟେଶ୍ୱର ଯୁବକସଂଘ, ବାଙ୍କି-୧ ବ୍ଲକ୍, କଟକ ଜିଲ୍ଲା । …ଶଙ୍ଖଶାସ ଯୁବକସଂଘ, ସଦର-୧ ବ୍ଲକ୍, କଟକ ଜିଲ୍ଲା-୧

ନିମ୍ନଲିଖିତ ମହିଳା ସମିତି ଟ୫,୦୦୦ ଲେଖାଏଁ ପ୍ରଥମ ପୁରସ୍କାର ଓ ଦ୍ୱିତୀୟ ପୁରସ୍କାର ଟ୩,୦୦୦ ସହ ଗୋଟିଏ ଗୋଟିଏ ସାର୍ଟିଫିକେଟ୍ ପାଇଛନ୍ତି ।

କଟକ—(୧) ଇଣପୁର ମହିଳା ସମିତି, ବାଙ୍କି-୨ ବ୍ଲକ୍ …ଆଳପିଙ୍ଗଳ ମ: ସମିତି, ଜଗତସିଂହପୁର-୧ ବ୍ଲକ୍
(୨) ବାଲସାହି ପଶ୍ଚି ମ: ସମିତି, ରାଜକନିକା ବ୍ଲକ୍ …ଶାସନ ମହିଳା ସମିତି, ଗଟାମୁଣ୍ଡାଇ ବ୍ଲକ୍
ସମ୍ବଲପୁର—ହାମିଉପୋଡ଼ା ମହିଳା ସମିତି, ଅତାବିରା ବ୍ଲକ୍ …ଫାସିମାଳ ମହିଳା ସମିତି, ଧାମନକସ ବ୍ଲକ୍
ଫୁଲବାଣୀ—ଗୁମାଗଡ଼ ମହିଳା ସମିତି, ଫୁଲବାଣୀ ବ୍ଲକ୍ …ପାଦୁରିଆ ମହିଳା ସମିତି, ଟିକାବାଲି ବ୍ଲକ୍
ଢେଙ୍କାନାଳ—ସାନହୁଲି ମହିଳା ସମିତି, ଆଠମଲ୍ଲିକ ବ୍ଲକ୍ …ଅନୁଗୁଳ ମହିଳା ସମିତି, ଅନୁଗୁଳ ବ୍ଲକ୍
ବଲାଙ୍ଗୀର—ସାପିଆନ ମହିଳା ସମିତି, ପାଟଣାଗଡ଼ ବ୍ଲକ୍ …ଖଲେର ମହିଳା ସମିତି, ବଲାଙ୍ଗୀର-୨ ବ୍ଲକ୍
କୋରାପୁଟ—(୧) ଖାଣ୍ଡଗାଁ ମ: ସମିତି, ନବରଙ୍ଗପୁର ବ୍ଲକ୍ …ଦୋଷପୁର ମହିଳା ସମିତି, ନବରଙ୍ଗପୁର ବ୍ଲକ
(୨) ବଡୁଗାଁ ମ: ସମିତି, ନାରାୟଣପାଟଣା ବ୍ଲକ୍ …ଜଳଡ଼ ମହିଳା ସମିତି, ଗୁଡ଼ାରି ବ୍ଲକ୍
କଳାହାଣ୍ଡି—ଖଡ଼ିଆଳ ମହିଳା ସମିତି, ନୂଆପଡ଼ା ବ୍ଲକ୍ …ବ୍ରହ୍ମଣଡିଆ ମହିଳା ସମିତି, ଧର୍ମଗଡ଼ ବ୍ଲକ୍
ସୁନ୍ଦରଗଡ଼—ବଲଦମାଲ ମହିଳା ସମିତି, ସଦର ବ୍ଲକ୍ …କଞ୍ଜିରମା ମହିଳା ସମିତି, ସଦର

( ୩୦ ପୃଷ୍ଠା ଦେଖନ୍ତୁ )

# କ୍ଷେପଣାସ୍ତ୍ର ଓ ରକେଟ୍

ଲେ: ଡଃ ଏଇଚ. କେ. ଟେଲର, ଗୌହାଟି ବିଶ୍ୱବିଦ୍ୟାଳୟର କୁଳପତି

ମହାକାଶ-ଯୁଗର ପ୍ରତୀକ ହେଉଛି କ୍ଷେପଣାସ୍ତ୍ର ଓ ରକେଟ୍ । ଏହି ପ୍ରବନ୍ଧଟି ଗୌହାଟି ବିଶ୍ୱବିଦ୍ୟାଳୟର କୁଳପତି ମିଃ ଟେଲରଙ୍କ ପ୍ରଦତ୍ତ ଆକାଶବାଣୀ ଭାଷଣରୁ ସଂଗୃହୀତ । ଜଣେ ପ୍ରଖ୍ୟାତ ବୈଜ୍ଞାନିକ ହିସାବରେ ମିଃ ଟେଲର ଆଧୁନିକ ଯୁଦ୍ଧ-ବିଜ୍ଞାନର ଏହି ଦୁଇଟି ମାରାତ୍ମକ ଅସ୍ତ୍ରର ବିବର୍ତ୍ତନ ବର୍ଣ୍ଣନା କରିଛନ୍ତି ।

—ସଂପାଦକ

'କ୍ଷେପଣାସ୍ତ୍ର' ଓ 'ରକେଟ'—ଏ ଦୁଇଟି ଶବ୍ଦ ସହିତ ଆମେ ଗତ କିଛିକାଳ ହେଲା ବିଶେଷ ପରିଚିତ ହୋଇସାରିଛୁ । କିନ୍ତୁ ଆମେ ଭାବିବା ଉଚିତ ନୁହେଁ ଯେ ବର୍ତ୍ତମାନର ମହାକାଶ-ଯୁଗ (ସ୍ପେସ୍-ଏଜ୍) ସକାଶେ ଏହି ଦୁଇଟି ଶବ୍ଦ ନୂଆ ଉଦ୍ଭାବନ କରାଯାଇଛି; ବରଂ ଏ ଦୁଇଟି ଅତି ପ୍ରାଚୀନ ଶବ୍ଦ । ଆଉ ବି ଯେଉଁ ପ୍ରସଙ୍ଗରେ ଏହି ଶବ୍ଦ ଦୁଇଟି ବ୍ୟବହାର କରାଯାଇଥାଏ, ସେସବୁ ମଧ୍ୟ ବହୁ ପ୍ରାଚୀନ । (କ୍ଷେପଣାସ୍ତ୍ର) ମିସିଲ ଏହି ଶବ୍ଦଟି ଲାଟିନ୍-ଶବ୍ଦରୁ ଆସିଛି । ଲାଟିନ୍‌ରେ ଏହାର ଅର୍ଥ ହେଲା 'ନିକ୍ଷେପ କରିବା' ବା 'ଫୋପାଡ଼ିବା' । ତେଣୁ ମିସିଲ କହିଲେ, ଆମେ ସାଧାରଣତଃ ନିକ୍ଷେପ ହୋଇପାରିଲା ଭଳି କୌଣସି ବସ୍ତୁକୁ ବୁଝୁଁ । ମଣିଷ ବହୁ ପ୍ରାଚୀନ କାଳରୁ, ସମ୍ଭବତଃ ୫ ଲକ୍ଷ ବର୍ଷତଳୁ ଏହି ନିକ୍ଷେପ କାର୍ଯ୍ୟ ସହିତ ଅଭ୍ୟସ୍ତ ହୋଇଆସିଛି । କିନ୍ତୁ ଏହାର ବହୁବର୍ଷ ପରେ ସେ ଆବିଷ୍କାର କଲା କ୍ଷିପ୍ରତାର ସହିତ ନିକ୍ଷେପ କରିବା କୌଶଳ; ଯଥା:—ଲଠି, ବାଣ୍ଟୁଳି, ଧନୁଶର ଇତ୍ୟାଦି । ଧନୁଶରର ଆବିଷ୍କାର ଏ କ୍ଷେତ୍ରରେ ଏକ ନୂତନ ପଦକ୍ଷେପ । ଏହି ଜନ୍ମିତ ମିସିଲକୁ କ୍ଷୀପ୍ରତାର ସହିତ ବହୁ ଦୂରକୁ ନିକ୍ଷେପ କରାଯାଇ ପାରିବା ସଙ୍ଗେ ସଙ୍ଗେ ବହୁ କ୍ଷତି ଘଟାଇବା ମଧ୍ୟ ସମ୍ଭବ ହୋଇପାରିଲା ।

## ବିସ୍ଫୋରକ ଦ୍ରବ୍ୟର ଉଦ୍ଭାବନ

ବିସ୍ଫୋରକ ଦ୍ରବ୍ୟର ଉଦ୍ଭାବନ ପରେ ପରେ କ୍ଷେପଣାସ୍ତ୍ରଗୁଡ଼ିକ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କଲା । ବାରୁଦର ଉଦ୍ଭାବନ ପାଇଁ ଚୀନାମାନେ ବାସ୍ତବିକ ପ୍ରଶଂସାର ଯୋଗ୍ୟ । କିନ୍ତୁ ୧୨୪୨ ମସିହାରେ ସର୍ବପ୍ରଥମେ ରୋଜର୍ ବେକନ୍ ହିଁ ୟୁରୋପରେ ବାରୁଦର ବ୍ୟବହାର ଚଳାଇଥିଲେ । ସେ ପ୍ରଥମେ ୭୫ ଭାଗ ସୋରା, ୧୫ ଭାଗ କୋଇଲା ଓ ୧୦ ଭାଗ ଗନ୍ଧକର ସମ୍ମିଶ୍ରଣରେ ବାରୁଦ ଉଦ୍ଭାବନ କରିଥିଲେ । କିନ୍ତୁ ମାରଣାସ୍ତ୍ର ଇତ୍ୟାଦିରେ ବାରୁଦର ବ୍ୟବହାର ବହୁଦିନ ପରେ ଉଦ୍ଭାବିତ ହେଲା । କାରଣ

କୌଣସି ପ୍ରକାର ବନ୍ଧୁକ ଅଥବା ତୋପ ବିନା କାର୍ତ୍ତୁଜ ପ୍ରାୟ ମୂଲ୍ୟହୀନ ।

ପ୍ରଥମେ ଯେଉଁ ତୋପ ବ୍ୟବହାର କରଯାଉଥିଲା, ତାହା ଅତ୍ୟନ୍ତ ବିପଦପୂର୍ଣ୍ଣ ଥିଲା; ଏପରି କି ତୋପଚାଳକ ବି ତାର ଚାଳନକୁ ବିପଦସଙ୍କୁଳ ମନେ କରୁଥିଲେ । କିନ୍ତୁ ଆଜକାଲି ନୌବାହିନୀ ଯେଉଁ ବନ୍ଧୁକ ବ୍ୟବହାର କରୁଛନ୍ତି, ତଦ୍ୱାରା ୨୦ ମାଇଲ ଦୂରବର୍ତ୍ତୀ ଯେ କୌଣସି ବସ୍ତୁ, ଏପରି କି ଗତିଶୀଳ ବସ୍ତୁକୁ ବି ଆଘାତ କରଯାଇ ପାରୁଛି । କେବଳ ସେତିକି ନୁହେଁ, ଏହା ସଙ୍ଗେ ସଙ୍ଗେ ବ ଅର୍ଦ୍ଧାଧିକ ଟନ ଓଜନର ବିସ୍ଫୋରକ ଦ୍ରବ୍ୟକୁ ଲକ୍ଷ୍ୟସ୍ଥଳରେ ନିକ୍ଷେପ କରଯାଇ ପାରୁଛି । ଏହି ବିସ୍ଫୋରକ ଦ୍ରବ୍ୟ ସହଜଦାହ୍ୟ ପଦାର୍ଥ ବ୍ୟତୀତ ଆଉ କିଛି ନୁହେଁ । ସାଧାରଣତଃ କୋଇଲା ଓ ଗନ୍ଧକ ଖୁବ୍ ଅଳ୍ପେ ଅଳ୍ପେ ଜଳିଯାଇଥାଏ । କିନ୍ତୁ ଏଥିରେ ସୋରାକୁ ମିଶାଇଲେ, ସୋରା ଆବଶ୍ୟକୀୟ ଅମ୍ଳଜାନ ଯୋଗାଇଥାଏ । ଏହା ଫଳରେ ଉପରୋକ୍ତ ମିଶ୍ରଣ ଦ୍ରବ୍ୟ ଖୁବ୍ ଶୀଘ୍ର ଜଳିଉଠେ । ଆଧୁନିକ ଅସ୍ତ୍ରଶସ୍ତ୍ରରେ ଟି.ଏନ୍.ଟି ଭଳି ଯେଉଁ ବିସ୍ଫୋରକ ଦ୍ରବ୍ୟ ବ୍ୟବହୃତ ହୋଇଥାଏ, ତାହା ଅତ୍ୟନ୍ତ କାର୍ଯ୍ୟକ୍ଷମ । ବନ୍ଧୁକଗୁଳି ମାନେ ଏହି ବିସ୍ଫୋରକ ଦ୍ୱାରା ସର୍ବୋଚ୍ଚ ଉତ୍ପନ୍ନ ଉତ୍ତପ୍ତ ବାଷ୍ପରେ ପରିଣତ ହୋଇଥାଏ । ଏହି ଗ୍ୟାସ ବୁଲେଟ୍‌କୁ ବନ୍ଧୁକ ବାହାରକୁ ଧକ୍କା ଦେଇ ପେଲିଦିଏ । ତେଣୁ ଏହି ଗ୍ୟାସକୁ ସହ୍ୟ କରିବା ପାଇଁ ବନ୍ଧୁକଟି ଶକ୍ତ ହୋଇଥିବା ଆବଶ୍ୟକ ।

## ରକେଟ୍

ଏନ୍.ସି.ସି. ଶିକ୍ଷାର୍ଥୀମାନେ ପ୍ରଥମେ ବନ୍ଧୁକ ଗୁଳିଚାଳିଲେ ବନ୍ଧୁକ କିପରି ପଛକୁ ହଟିଆସିଥାଏ, ତାହା ନିଶ୍ଚୟ ଅନୁଭବ କରିଥିବେ । ରକେଟ୍‌ରେ ଏହାର ଠିକ୍ ବିପରୀତ ବ୍ୟବସ୍ଥା ହୋଇଥାଏ; ଅର୍ଥାତ୍ ଯେଉଁ ନିୟମବଶତଃ ବନ୍ଧୁକ ପଛକୁ ହଟିଆସେ, ରକେଟ୍‌ରେ ଠିକ୍ ଏହି ନିୟମକୁ କାର୍ଯ୍ୟରେ ଲଗାଯାଇଥାଏ । କିନ୍ତୁ ରକେଟ୍‌ରେ ଗୁଳି (ବୁଲେଟ୍) ପରିବର୍ତ୍ତେ ଉତ୍ତପ୍ତ ବାଷ୍ପ ବ୍ୟବହୃତ ହୋଇଥାଏ । ବାଷ୍ପ କେତେକ ବିସ୍ଫୋରକର ମିଶ୍ରଣରୁ ଜାତ ବନ୍ଧୁକରେ ଉତ୍ତପ୍ତ ବାଷ୍ପ ଦ୍ୱାରା ପ୍ରଚଣ୍ଡ ଧକ୍କା ଦେଇ ବୁଲେଟ୍‌କୁ ଠେଲିଦିଏ; କିନ୍ତୁ ରକେଟ୍‌ରେ ଏହି ଧକ୍କା ସର୍ବ ସମୟ ପର୍ଯ୍ୟନ୍ତ ରହେ । ଫଳରେ ରକେଟ୍ ସର୍ବାଧିକ ବେଗରେ ଗତିଶୀଳ ହୁଏ । ସମ୍ଭବତଃ ୭୦୦ ବର୍ଷତଳେ; ଅର୍ଥାତ୍ ୧୨୫୮ ମସିହାରେ ପ୍ରଥମ ରକେଟ୍ ବା ହାଉଇ ଉଡ଼ାଯାଇଥିଲା ବୋଲି ସୂଚନା ମିଳେ । ୧୪୨୯ ମସିହାରେ ଓରଲିନସ୍ ଅଧିକାର ସମୟରେ ଫରାସୀମାନେ ଇଂରେଜମାନଙ୍କ ବିରୁଦ୍ଧରେ ଏ ଧରଣର ରକେଟ୍ ପ୍ରୟୋଗ କରିଥିଲେ । ଐତିହାସିକ ବିବରଣୀରୁ ଜଣାପଡ଼େ, ଭାରତରେ ମଧ୍ୟ ଏପରି ରକେଟ୍ ଥିଲା । ୧୭୬୧ ମସିହାରେ ପାନିପଥ ଯୁଦ୍ଧରେ ରକେଟ୍ ସାହାଯ୍ୟରେ ଶତ୍ରୁସେନାଙ୍କୁ କ୍ଷତବିକ୍ଷତ କରାଯାଇଥିଲା ।

କିନ୍ତୁ ଆଧୁନିକ ଯୁଗର ରକେଟ୍ ପ୍ରାଚୀନ ହାଉଇଠାରୁ ଭିନ୍ନ ଅଟେ । ଆଧୁନିକ ରକେଟ୍‌ର ଜନ୍ମଦାତା ହେଉଛନ୍ତି ରବର୍ଟ ଗୋଡାର୍ଡ଼ । ଦୁଇଟି ବିଶ୍ୱଯୁଦ୍ଧବେଳେ ରକେଟ୍‌ର ନକ୍ସା ଓ ଏଥିରେ ବ୍ୟବହୃତ ତରଳ ଇନ୍ଧନ ସମ୍ପର୍କରେ ବହୁ ଗବେଷଣା ଓ ଅନୁସନ୍ଧାନ କରାଯାଇଥିଲା । ବିଶେଷତଃ ଜର୍ମାନମାନେ ଦ୍ୱିତୀୟ ମହାଯୁଦ୍ଧ ଫଳରେ ଏ ଦିଗରେ ବ୍ୟାପକ ଗବେଷଣା ଚଳାଇ "ଭି-୨" ରକେଟ୍ ଉଦ୍ଭାବନ କରିବାରେ ସମର୍ଥ ହୋଇଥିଲେ ଏବଂ ଏହି ରକେଟ୍ ସାହାଯ୍ୟରେ ବ୍ରିଟେନ୍ ଉପରେ ବୋମାବର୍ଷଣ କରି ବହୁ କ୍ଷତି ଘଟାଇଥିଲେ । ଏହି "ଭି-୨" ରକେଟ୍‌ରେ

ଉକ୍ତ ସହାୟରେ ୫ ଟନ୍ ତରଳ ଅମ୍ଳଜାନ ଏବଂ ପ୍ରାୟ ୪ ଟନ୍ ଆଲ୍‌କୋହଲ ରହିବାର ବ୍ୟବସ୍ଥା ଥିଲା । କିନ୍ତୁ ଏହା ସତ୍ତ୍ୱେ ରକେଟ୍‌ର ବେଗ ଘଣ୍ଟାରେ ୩,୫୦୦ ମାଇଲକୁ ବୃଦ୍ଧି ପାଇ ୬୦ ମାଇଲ୍ ଉଚ୍ଚତାରେ ୨୦୦ ମାଇଲରୁ ଊର୍ଦ୍ଧ୍ୱ ଦୂରତ୍ୱକୁ ଅତିକ୍ରମ କରିପାରୁଥିଲା । ଜର୍ମାନମାନେ ଏ ଧରଣର ୧୩୦୦ଟି ରକେଟ୍ ଇଂଲଣ୍ଡ ଉପରକୁ ନିକ୍ଷେପ କରିଥିଲେ ଏବଂ ଏହା ଫଳରେ ୨୫୦୦ ବ୍ୟକ୍ତି ମୃତ୍ୟୁ ଲଭିଥିଲେ ଓ ୬୦୦୦ ବ୍ୟକ୍ତି ଗୁରୁତର ଆଘାତ ପାଇଥିଲେ । ଏହାଛଡ଼ା ବ୍ରିଟେନର ବହୁ କ୍ଷତି ଘଟିଥିଲା । ମହାକାଶ-ଅଭିଯାନରେ ଆଜି ଯେଉଁସବୁ ରକେଟ୍ ଓ ମହାକାଶ ଯାନ ବ୍ୟବହୃତ ହେଉଛି, ସେ ସମସ୍ତ 'ଭି-୨'ର ବୈଜ୍ଞାନିକ ତଥ୍ୟ ଉପରେ ହିଁ ପର୍ଯ୍ୟବସିତ ।

ଆଧୁନିକ ମିସାଇଲକୁ ସଙ୍କେତଦ୍ୱାରା ଭୂମି ଉପରୁ ନିୟନ୍ତ୍ରିତ ଓ ପରିଚାଳିତ କରାଯାଇ ପାରୁଛି । ଏହି ସଙ୍କେତଦ୍ୱାରା ଏହାକୁ ଠିକ ଲକ୍ଷ୍ୟସ୍ଥଳକୁ ପ୍ରେରଣ କରାଯାଉଛି । କିନ୍ତୁ 'ଗାଇଡ' ଯନ୍ତ୍ରର ଉଦ୍ଭାବନ ପରେ ଭୂମି ଉପରୁ ସଙ୍କେତଦ୍ୱାରା ଆଉ ରକେଟ୍‌କୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ନାହିଁ । ଏହି ଯନ୍ତ୍ର ଖଞ୍ଜାଯିବା ଫଳରେ ରକେଟ୍ ଆପେ ଆପେ ନିର୍ଭୁଲଭାବେ ଗତିକରି ଲକ୍ଷ୍ୟସ୍ଥଳରେ ପହଞ୍ଚ ପାରୁଛି । ଲକ୍ଷ୍ୟବସ୍ତୁ ଯେତେ ଗତିଶୀଳ ଅବସ୍ଥାରେ ଥିଲେ ବି "ଗାଇଡ" ନିର୍ଭୁଲଭାବେ ଲକ୍ଷ୍ୟବସ୍ତୁକୁ ଆଘାତ କରିପାରୁଛି । ଏହି କ୍ଷେପଣାସ୍ତ୍ର ଓ ହାଟେଲର ଉଦ୍ଭାବନ ଫଳରେ ପଲକମାତ୍ରେ ଯେକୌଣସି ନିର୍ଦ୍ଦିଷ୍ଟ ସ୍ଥାନରୁ ପୃଥିବୀର ଯେକୌଣସି ସ୍ଥାନ ଅଥବା ସହର ଉପରେ ନିର୍ଭୁଲଭାବେ 'ହାଇଡ୍ରୋଜେନ ବୋମା' ଭଳି ମାନବସମାଜ ପକ୍ଷେ ସର୍ବାପେକ୍ଷା ମାରାତ୍ମକ ବୋମା ନିକ୍ଷେପ କରାଯାଇ ପାରିବ । ବିଜ୍ଞାନର ଏଭଳି ଶ୍ରେଷ୍ଠ ଅବଦାନକୁ ମାନବ ଧ୍ୱଂସସାଧନ ଉଦ୍ଦେଶ୍ୟରେ ପ୍ରୟୋଗ କରିବା ନିର୍ବୋଧତାର ପରିଚୟ ବ୍ୟତୀତ ଆଉ କିଛି ନୁହେଁ । ହିରୋସିମାର ନଗ୍ନ ଚିତ୍ର ସାରା ବିଶ୍ୱର ଚକ୍ଷୁ ଖୋଲି ଦେଇଛି । ଯେଉଁ ଆଣବିକଶକ୍ତି ହାସ୍ୟମୁଖର ହିରୋସିମା ନଗରକୁ ଚକ୍ଷୁର ପଲକମାତ୍ରେ ମରୁଭୂମିରେ ପରିଣତ କରିଥିଲା, ସେହି ଶକ୍ତି ହିଁ ଆଜି ମାନବସମାଜର କଲ୍ୟାଣସାଧନ କରୁଛି । ତେଣୁ ମାନବସମାଜର ସମୃଦ୍ଧି ପାଇଁ ରକେଟ୍ ତଥା ମିସାଇଲର ପ୍ରୟୋଗ ଏଣିକି ବୈଜ୍ଞାନିକ ତଥା ରାଷ୍ଟ୍ରନାୟକମାନଙ୍କ ଲକ୍ଷ୍ୟ ହେଉ । ●

---

( ୩୨ ପୃଷ୍ଠାର ଅବଶିଷ୍ଟାଂଶ )

ବାଲେଶ୍ୱର—ନୀଳଗଡ଼ ମହିଳା ସମିତି, ନୀଳଗିରି-୨ ବ୍ଲକ ...ଈଶ୍ୱରପୁର ମହିଳା ସମିତି, ନୀଳଗିରି-୨ ବ୍ଲକ୍
କେନ୍ଦୁଝର—ବସ୍ତ୍ରପ୍ରିୟା ମ. ସ.,(ଗାଇଟୋଲା)ସାହିପୁର ବ୍ଲକ୍...ସାଗରପେଣ୍ଠା ମ. ସମିତି, ହରିଚନ୍ଦନପୁର ବ୍ଲକ୍
ପୁରୀ—(୧) ତୁଳସୀପୁର ମହିଳା ସମିତି, ନିମାପଡ଼ା ବ୍ଲକ୍ ...ଗୋବିନ୍ଦପୁର ମହିଳା ସମିତି, ପିପିଲି ବ୍ଲକ୍
(୨) ଅରସୁଲ ମହିଳା ସମିତି, ଜଟଣୀ ବ୍ଲକ୍ ...ବେଣୁପୁର ମହିଳା ସମିତି, ବାଲିଅନ୍ତା ବ୍ଲକ୍
ମୟୂରଭଞ୍ଜ—ବିଜୟଲକ୍ଷ୍ମୀ ମ. ସମିତି, ବାଙ୍ଗିରିପୋଷି ବ୍ଲକ୍ ...ଉଗଧର ମହିଳା ସମିତି, ଠାକୁରମୁଣ୍ଡା ବ୍ଲକ୍
ଗଞ୍ଜାମ—(୧) କସ୍ତୁରବା ମ.ସ.,(ଖେନଡ଼ା)କାଶୀନଗର ବ୍ଲକ୍...ଶିବନାଥପୁର ମହିଳା ସମିତି, ଦିଗପହଣ୍ଡି ବ୍ଲକ୍
(୨) ଲକ୍ଷ୍ମୀବାଈ ମ.ସ.,(କଲଣ୍ଡି)ଭଞ୍ଜନଗର-୧ ବ୍ଲକ୍...ଧୂବାଗୁଡ଼ି ମହିଳା ସମିତି; ଭଞ୍ଜନଗର-୨ ବ୍ଲକ୍

● ରାଜ୍ୟ ସ୍ତରର ପୁରସ୍କାର ଦୁଇଟିରୁ ପ୍ରଥମ ପୁରସ୍କାରଟି ପାଇଛନ୍ତି ରଣପୁର ମହିଳା ସମିତି, ବାଙ୍କି-୨ ବ୍ଲକ, କଟକ-୧ (ଜିଲ୍ଲା) ଓ ଦ୍ୱିତୀୟ ପୁରସ୍କାର କେନ୍ଦୁଝର ଜିଲ୍ଲା ସାହିପୁର ମହିଳା ସମିତି ପାଇଛନ୍ତି ।

# ଦେଶର ପ୍ରତିରକ୍ଷା ପାଇଁ
# ସ୍ମଲ୍ ସେଭିଂସ୍ ସିକ୍ୟୁରିଟିରେ
# ଅର୍ଥ ବିନିଯୋଗ କରନ୍ତୁ

୧। ବାରବର୍ଷିଆ ଜାତୀୟ ପ୍ରତିରକ୍ଷା ସାର୍ଟିଫିକେଟ୍ (ଟ୍ୱେଲ୍‌ଭ-ଇଅର୍ ନ୍ୟାସନାଲ୍ ଡିଫେନ୍ସ୍ ସାର୍ଟିଫିକେଟ୍)—ବାର୍ଷିକ ସୁଧ ଶତକଡ଼ା ୭·୨୫ (ମ୍ୟାଚୁରିଟିରେ)।

୨। ଦଶବର୍ଷିଆ ପ୍ରତିରକ୍ଷା ଅମାନତ ସାର୍ଟିଫିକେଟ୍ (ଟେନ୍-ଇଅର୍ ଡିଫେନ୍ସ୍ ଡିପୋଜିଟ୍ ସାର୍ଟିଫିକେଟ୍)—ବର୍ଷକୁ ସୁଧ ଶତକଡ଼ା ୪·୫୦ (ବର୍ଷକୁ ବର୍ଷ ଦିଆଯାଏ)।

୩। ପନ୍ଦରବର୍ଷିଆ ଆନ୍ୟୁଇଟି ସାର୍ଟିଫିକେଟ୍ (ଫିଫ୍‌ଟିନ୍-ଇଅର୍ ଆନ୍ୟୁଇଟି ସାର୍ଟିଫିକେଟ୍)—ନିୟମିତ ମାସକୁ ମାସ ୧୫ ବର୍ଷଯାଏ ଟଙ୍କା ପାଉଥିବେ। ବାର୍ଷିକ ଶତକଡ଼ା ୩½ ଚକ୍ରବୃଦ୍ଧି ହାରରେ ସୁଧ।

୪। ପୋଷ୍ଟଅଫିସ୍ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍—୧୦,୦୦୦ ଟଙ୍କା ପର୍ଯ୍ୟନ୍ତ (ଯୁଗ୍ମ-ଆକାଉଣ୍ଟରେ ଟ ୨୦,୦୦୦୲) ଜମା ଉପରେ ଶତକଡ଼ା ବାର୍ଷିକ ଟ ୩୲ ଏବଂ ଟ ୧୦,୦୦୦୲ (ଯୁଗ୍ମ-ଆକାଉଣ୍ଟରେ ଟ ୨୦,୦୦୦୲)ରୁ ଅଧିକ ଜମା ଉପରେ ଶତକଡ଼ା ବାର୍ଷିକ ୨½ ହାରରେ ସୁଧ।

୫। କ୍ୟୁମୁଲେଟିଭ୍ ଟାଇମ୍ ଡିପୋଜିଟ୍ ଆକାଉଣ୍ଟ—ପାଞ୍ଚବର୍ଷିଆ ହିସାବ ପାଇଁ ଶତକଡ଼ା ବାର୍ଷିକ ୩·୩, ଦଶବର୍ଷିଆ ହିସାବ ପାଇଁ ଶତକଡ଼ା ୩·୮ ଓ ପନ୍ଦରବର୍ଷିଆ ହିସାବ ପାଇଁ ଶତକଡ଼ା ବାର୍ଷିକ ୪·୩ ହାରରେ ଚକ୍ରବୃଦ୍ଧି ସୁଧ।

୬। ପ୍ରିମିୟମ୍ ପ୍ରାଇଜ୍ ବଣ୍ଡ—ପୁରସ୍କାର ମିଳିବା ସଙ୍ଗେ ସଙ୍ଗେ ୫ ବର୍ଷ ପରେ ସୁଧ ସହିତ ଜମା ଟଙ୍କା ଫେରସ୍ତ ମିଳେ।

**ମନେ ରଖନ୍ତୁ :**

ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ନିଜସ୍ୱ ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ। ସ୍ୱଳ୍ପସଞ୍ଚୟରେ ବିନିଯୋଗ କରାଯାଉଥିବା ଅର୍ଥ ଦେଶର ପ୍ରତିରକ୍ଷା-ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ।

ବିଶେଷ ବିବରଣ ପାଇଁ—

- **ଦି ରିଜିଓନାଲ ଡିରେକ୍ଟର, ନ୍ୟାସନାଲ ସେଭିଂସ୍,** ଓଡ଼ିଶା, କଟକ କିମ୍ବା
- **ଡେପୁଟୀ ଡିରେକ୍ଟର, ସ୍ମଲ୍ ସେଭିଂସ୍,** ଫାଇନାନ୍ସ୍ ଡିପାର୍ଟମେଣ୍ଟ, ଭୁବନେଶ୍ୱର କିମ୍ବା
- ନିଜ ନିଜ ଜିଲ୍ଲାର **ଡିଷ୍ଟ୍ରିକ୍ଟ ସେଭିଂସ୍ ଅର୍ଗାନାଇଜରଙ୍କ** ନିକଟକୁ ଲେଖନ୍ତୁ।

# ଭାରତ-ନେପାଳ ବନ୍ଧୁତ୍ୱ

ନେପାଳର ସ୍ୱର୍ଗୀୟ ରାଜା ତ୍ରିଭୁବନଙ୍କ ବିୟୋଗ ପରେ ରାଜା ମହେନ୍ଦ୍ର ୩୪ ବର୍ଷ ବୟସରେ ସିଂହାସନ ଆରୋହଣ କରିଥିଲେ । ନିଜର ଶାସନ ବୁଦ୍ଧି, ଗଭୀର ରାଜନୈତିକ ବିଚକ୍ଷଣତା ଯୋଗୁଁ ଖୁବ ଶୀଘ୍ର ସେ ଶାସନ-ଦାୟିତ୍ୱ ଦକ୍ଷତାସହକାରେ ସଂପାଦନ କଲେ ।



ନେପାଳର ଶାହବଂଶୀୟ

**ନବମ ରାଜା ମହେନ୍ଦ୍ର**

ଅଧିକାରରେ ରାଜା; କିନ୍ତୁ ବିଶ୍ୱାସରେ ଜଣେ ଗଣତନ୍ତ୍ରବାଦୀ

ନେପାଳର ଜନସାଧାରଣ ତାଙ୍କୁ ଜଣେ ପ୍ରଜାବତ୍ସଳ ଓ ଜନ ହିତୈଷୀରୂପେ ସ୍ୱୀକାର କରିଛନ୍ତି । ସେମାନେ ଜାଣନ୍ତି ରାଜା ମହେନ୍ଦ୍ର ହେଉଛନ୍ତି ସେମାନଙ୍କର ଆଶା ଆକାଂକ୍ଷା ଏବଂ ଜାତୀୟ ଐକ୍ୟର ପ୍ରତୀକ ।

ରାଜା ମହେନ୍ଦ୍ର ପ୍ରତିଦିନ ୮ଟା ବେଳେ ନିଜ ଅଫିସକୁ ଆସନ୍ତି ଏବଂ ସପ୍ତାହରେ ୬ଦିନ ଏହି ଅଫିସ କାର୍ଯ୍ୟ କରନ୍ତି । ସେ ଜଣେ ଶାନ୍ତ ଓ ସରଳ ପ୍ରକୃତିର ଲୋକ ଏବଂ ନିଜ ଦାୟିତ୍ୱ ସଂପର୍କରେ ଏକାନ୍ତ ସଚେତନ । ଆଜିର କାମ କାଲିକୁ ରଖିବା ତାଙ୍କର ନୀତି-ବିରୁଦ୍ଧ । ତେଣୁ ଅନେକ ଦିନ ମଧ୍ୟ-ରାତ ପର୍ଯ୍ୟନ୍ତ ତାଙ୍କୁ କାର୍ଯ୍ୟ କରୁଥିବାର ଦେଖାଯାଏ ।

ରାଜା ମହେନ୍ଦ୍ରଙ୍କ ସ୍ମରଣଶକ୍ତି ତୀକ୍ଷ୍ଣ । ସେ କହନ୍ତି ଯେ ସ୍ୱାଧୀନତାପ୍ରେମୀମାନଙ୍କର ଗୋଟିଏ ମୌଳିକ ସତ୍ୟ ମନେ ରଖିବା ଉଚିତ ଯେ ଜନ-ସେବାହିଁ ଗଣତନ୍ତ୍ରର ମୁଖ୍ୟ ଆଧାର ଏବଂ ଗଣତାନ୍ତ୍ରିକ ଶକ୍ତିର ଉତ୍ସ । ବାସ୍ତବିକ ରାଜା ମହେନ୍ଦ୍ର ନେପାଳରେ ଗଣତନ୍ତ୍ରର ଦୃଢ଼ ଭିତ୍ତି ସ୍ଥାପନ କରିଛନ୍ତି । ନେପାଳୀ ଛଡ଼ା ସଂସ୍କୃତ, ହିନ୍ଦୀ, ଉର୍ଦ୍ଦୁ ଓ ଇଂରାଜୀ ଭାଷା ମଧ୍ୟ ସେ ଭଲକରି ଜାଣନ୍ତି । ସେ ଜଣେ ସୁକବି ବି । ବିରହଠାରୁ ଆରମ୍ଭ କରି ସାଧାରଣ ମାନସିକ ଅନୁଭୂତି ପର୍ଯ୍ୟନ୍ତ ବିଭିନ୍ନ ବିଷୟ ତାଙ୍କ କବିତାରେ ରୂପାୟିତ ହୁଏ । ସେ ଏକାଧାରରେ କଳା, ସାହିତ୍ୟ ଓ ସଂଗୀତର ଅନୁରାଗୀ ।

ରାଜା ମହେନ୍ଦ୍ରଙ୍କ ପରି ରାଣୀ ରତ୍ନା ମଧ୍ୟ ଖୁବ୍ ଲୋକପ୍ରିୟ ।


୧୯୬୩ ଅଗଷ୍ଟ ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ନେପାଳର ରାଜା ଓ ରାଣୀ ଆମ ରାଷ୍ଟ୍ରପତିଙ୍କ ଆମନ୍ତ୍ରଣ-କ୍ରମେ ଭାରତ ପରିଦର୍ଶନରେ ଆସି ନୂଆଦିଲ୍ଲୀଠାରେ ଅବସ୍ଥାନ କରିଥିଲେ । ରାଜଦମ୍ପତିଙ୍କ ଗହଣରେ ଏଥର ଆସିଥିଲେ ନେପାଳର ମନ୍ତ୍ରିପରିଷଦ ଚେୟାରମ୍ୟାନ ଡଃ ତୁଳସୀ ଗିରି ଓ ଶ୍ରୀମତୀ ଗିରି ।



ଗତ ଅଗଷ୍ଟ ୨୨ ତାରିଖରେ ପାଲମ ବିମାନଘାଟୀଠାରେ ନେପାଳ ରାଜଦମ୍ପତିଙ୍କୁ ଭାରତର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ପ୍ରମୁଖଙ୍କ ସମ୍ବର୍ଦ୍ଧନା

ଚିତ୍ରରେ (ବାମରୁ ଡାହାଣକୁ)—ଉପରାଷ୍ଟ୍ରପତି ଡକ୍ଟର ଜାକିର ହୋସେନ, ରାଜା ମହେନ୍ଦ୍ର, ରାଣୀ ରତ୍ନା, ରାଷ୍ଟ୍ରପତି ଡକ୍ଟର ରାଧାକୃଷ୍ଣନ, ଭାରତର ପ୍ରଧାନମନ୍ତ୍ରୀ ନେହରୁ ଓ ନେପାଳର ପ୍ରଧାନମନ୍ତ୍ରୀ ଡକ୍ଟର ତୁଳସୀ ଗିରି

ଦିଲ୍ଲୀଠାରେ ସେମାନଙ୍କୁ ସମ୍ମାନ ପ୍ରଦର୍ଶନ ଲାଗି କରାଯାଇଥିବା ଅନୁଷ୍ଠାନରେ ଯୋଗ ଦେଇ ସେମାନେ ପ୍ରତ୍ୟେକଠାରେ ସହୃଦୟ ସ୍ୱାଗତ ସମ୍ବର୍ଦ୍ଧନା ପାଇଥିଲେ । ସେମାନଙ୍କ ଦିଲ୍ଲୀ-ରହଣି ସମୟରେ ଆମ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସହିତ ସେମାନଙ୍କର ମତ ବିନିମୟ ହୋଇଥିଲା । ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ବ୍ୟାପାର ଓ ପ୍ରତିରକ୍ଷା ବିଭାଗୀୟ ମନ୍ତ୍ରୀମାନଙ୍କ ସହିତ ମଧ୍ୟ ସେମାନେ ଆଲୋଚନା କରିଥିଲେ । ମୁଖ୍ୟତଃ ବର୍ତ୍ତମାନର ଆନ୍ତର୍ଜାତିକ ପରିସ୍ଥିତି ଏବଂ ଭାରତରେ ନେପାଳର ସାଧାରଣ ସ୍ୱାର୍ଥ-ସମ୍ପର୍କିତ ବିଷୟମାନ ଏହି ଆଲୋଚନାରେ ସ୍ଥାନ ପାଇଥିଲା ।



## ନେପାଳକୁ ଭାରତର ସାହାଯ୍ୟ

ନେପାଳ ଅନ୍ତର୍ଗତ କୋଶୀଠାରେ ଭାରତର ସହାୟତାରେ ତିଆରି ହେଉଥିବା ଜିଉଶାଲ୍ ବନ୍ଧର ଗୋଟିଏ ଦୃଶ୍ୟ

ଆମର ପ୍ରଧାନମନ୍ତ୍ରୀ ଓ ନେପାଳର ରାଜା ଉଭୟେ ସ୍ୱୀକାର କରିଥିଲେ ଯେ ବିକାଶୋନ୍ମୁଖ ରାଷ୍ଟ୍ରମାନଙ୍କର କଲ୍ୟାଣ ପାଇଁ ଶାନ୍ତି ଓ ଶାନ୍ତିପୂର୍ଣ୍ଣ ଅବସ୍ଥା ରକ୍ଷା କରାଯିବା ଏକାନ୍ତ ଆବଶ୍ୟକ । ଏ ପ୍ରସଙ୍ଗରେ ସେମାନେ ଅଣୁ-ପରୀକ୍ଷା ନିରୋଧ ଚୁକ୍ତିକୁ ଆନ୍ତର୍ଜାତିକ ମତାନୈକ୍ୟ କୋହଳ କରିବା ଦିଗରେ ତଥା ସମଗ୍ର ମାନବଜାତି ପକ୍ଷେ ଅତ୍ୟାବଶ୍ୟକ ହୋଇପଡ଼ିଥିବା ସାଧାରଣ ଓ ସଂପୂର୍ଣ୍ଣ ଅସ୍ତ୍ରବର୍ଜନ ଦିଗରେ ପ୍ରଥମ ପଦକ୍ଷେପ ବୋଲି ସ୍ୱାଗତ ଜଣାଇଥିଲେ ।

ଭାରତ ସରକାର ଓ ନେପାଳ ସରକାର ଦୁହେଁ ମିଶି ନେପାଳର ଯେଉଁ ସବୁ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଉଛନ୍ତି, ସେଗୁଡ଼ିକର ସମ୍ପାଦନ ଓ ପରିଚାଳନାର ଅଗ୍ରଗତି ପର୍ଯ୍ୟାଲୋଚନା କରି ନେପାଳର ରାଜା ଓ ଭାରତର ପ୍ରଧାନମନ୍ତ୍ରୀ ଦୁହେଁ ଏକମତ ହୋଇଥିଲେ ଯେ ନେପାଳର ରାଜଶାସନଙ୍କ ଅଭିଳାଷ ଅନୁଯାୟୀ ଉଭୟ ସରକାର ମିଳିତଭାବେ ଏସବୁ ଯୋଜନା କାର୍ଯ୍ୟକାରୀ ତଥା ସମ୍ପ୍ରସାରିତ କରାଇବେ । ଉତ୍ତର ପ୍ରଦେଶକୁ ପଶ୍ଚିମ ଓ କେନ୍ଦ୍ର ନେପାଳ ସହିତ ସଂଯୁକ୍ତ କରାଇବା ପାଇଁ ସୋନୌଲି-ପୋଖରା ରାସ୍ତାର ନିର୍ମାଣ ପାଇଁ ଭାରତ ସରକାର ସାହାଯ୍ୟ ଦେବାକୁ ରାଜି ଅଛନ୍ତି ବୋଲି ଆମ ପ୍ରଧାନମନ୍ତ୍ରୀ ନେପାଳ ରାଜାଙ୍କୁ ଜଣାଇଥିଲେ ।



## ମନ୍ଦିର-ମାଳିନୀ କାଠମାଣ୍ଡୁ, ନେପାଳର ରାଜଧାନୀ

ଉପରେ—କାଠମାଣ୍ଡୁ ସହରର ବିଖ୍ୟାତ ସ୍ୱୟମ୍ଭୂନାଥ ମନ୍ଦିର, ନେପାଳର ପ୍ରାଚୀନତମ ବୌଦ୍ଧ-



ନେପାଳ ରାଜଦମ୍ପତିଙ୍କ ଏହି ଭାରତ ପରିଦର୍ଶନ ତଥା ଉଭୟ ଦେଶର ଶାସନ-ମୁଖ୍ୟଙ୍କ ମଧ୍ୟରେ ବ୍ୟକ୍ତିଗତ ମତ ବିନିମୟ ଫଳରେ ଉଭୟ ଦେଶ ମଧ୍ୟରେ ସହଯୋଗ, ସଦିଚ୍ଛା ଓ ବନ୍ଧୁତାର ଭିତ୍ତି ସୁଦୃଢ଼ ହେଲା ବୋଲି ମନେ କରାଯାଉଛି ।

ନେପାଳ ରାଜଦମ୍ପତିଙ୍କ ଭାରତ ପରିଦର୍ଶନ ଉପଲକ୍ଷେ ୨୧।୮।୬୩ ତାରିଖରେ ରାଷ୍ଟ୍ରପତି ରାଧାକୃଷ୍ଣନ୍‌ଙ୍କ ଦ୍ୱାରା ନୂଆଦିଲ୍ଲୀଠାରେ ନେପାଳୀ ହାତକାମର ଗୋଟିଏ ପ୍ରଦର୍ଶନୀ ଖୋଲାଯାଇଥିଲା । ଭାରତ ସରକାରଙ୍କ ପ୍ରତ୍ୟକ୍ଷ ବାଣିଜ୍ୟ ଓ ନେପାଳ ସରକାରଙ୍କ ସହଯୋଗିତାରେ ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ ଏ ପ୍ରଦର୍ଶନୀ ସଂଗଠନ କରିଥିଲେ ।

● ●

ଉପରେ—ନେପାଳର ରାଜଦମ୍ପତି ପ୍ରଦର୍ଶନୀ କକ୍ଷରେ ରଖା ଗୋଟିଏ ହାତକାମ ପରିଦର୍ଶନ କରୁଛନ୍ତି ।

---

ଭାରତ ସରକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଯାୟୀ ନେପାଳରୁ ଦଳେ ନୃତ୍ୟ ଓ ସଙ୍ଗୀତ-ଶିଳ୍ପୀ ନେପାଳ ରାଜଦମ୍ପତିଙ୍କ ଭାରତ ପରିଦର୍ଶନ ସମୟରେ ନୂଆଦିଲ୍ଲୀକୁ ଆସିଥିଲେ ।

ତଳେ—ଭାରତର ଉପରାଷ୍ଟ୍ରପତିଙ୍କ ସହିତ ନେପାଳର କଳାକାରବୃନ୍ଦ



# ଓଡ଼ିଶାରେ ଜାତୀୟ ସଂହତି କାର୍ଯ୍ୟକ୍ରମ

୧୯୬୦ ମସିହାରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଗଠିତ 'ଜାତୀୟ ଐକ୍ୟ କମିଟି'ଙ୍କ ୧୯୬୧ ମସିହାର ରିପୋର୍ଟ, ତା'ପରେ ଦୁର୍ଗାପୁରରେ ଅନୁଷ୍ଠିତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ-ସମ୍ମିଳନୀ, ୧୯୬୧ ମେ ମାସରେ ସମ୍ପୂର୍ଣ୍ଣାନନ୍ଦ କମିଟିର ରିପୋର୍ଟ ଓ ମନ୍ତ୍ରୀ-ସମ୍ମିଳନୀର ସୁପାରିଶ ଭିତ୍ତିରେ ୧୯୬୧ ଅକ୍ଟୋବର ୩୧ ତାରିଖରେ ଜାତୀୟ ଐକ୍ୟ ପରିଷଦ ସଂଖ୍ୟାଲଘୁ-ଭାଷାଭାଷୀଙ୍କ ସୁବିଧା ପାଇଁ ଯେଉଁସବୁ ସୁପାରିଶ କରିଥିଲେ, ତାହା ଓଡ଼ିଶାରେ କାର୍ଯ୍ୟକାରୀ କରାଇବା ପାଇଁ ଯେ ଯେ ବ୍ୟବସ୍ଥା ହୋଇଛି ତାହାର ମୋଟାମୋଟି ବିବରଣୀ ନିମ୍ନରେ ଦିଆଗଲା ।

—ସମ୍ପାଦକ

ଜାତୀୟ ସଂହତି ସାଧନ ନିମନ୍ତେ ଆଞ୍ଚଳିକ ପରିଷଦ-କମିଟି ଯେଉଁସବୁ ସିଦ୍ଧାନ୍ତ ଗ୍ରହଣ କରିଥିଲେ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶାରେ ବ୍ୟବସ୍ଥା କରାଯାଇଛି । ସଂଖ୍ୟାଲଘୁ ଭାଷାଭାଷୀଙ୍କ ସ୍ୱାର୍ଥ ଦେଖିବା ପାଇଁ ରାଜ୍ୟ ସ୍ୱରାଷ୍ଟ୍ର ବିଭାଗର ସେକ୍ରେଟେରୀଙ୍କ ଉପରେ ସ୍ପେଶାଲ୍ ଅଫିସର ଦାୟିତ୍ୱ ନ୍ୟସ୍ତ କରାଯାଇଛି ।

ସଂଖ୍ୟାଲଘୁ ଭାଷାଭାଷୀମାନେ ଯେପରି ସେମାନଙ୍କ ମାତୃଭାଷାରେ ଶିକ୍ଷାଲାଭ କରି ପାରିବେ, ସେଥିପାଇଁ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ନିମ୍ନଲିଖିତ ବ୍ୟବସ୍ଥା କରାଯାଇଛି :

## ପ୍ରାଥମିକ ଶିକ୍ଷା

ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଚ୍ଛେଦ ହୋଇ ରହିଥିବା ସଂଖ୍ୟାଲଘୁ ଭାଷାଭାଷୀ ଗୋଷ୍ଠୀର ପିଲାମାନଙ୍କୁ ପ୍ରାଥମିକ ସ୍ତରରେ ଶିକ୍ଷା ଦିଆଯିବା ପାଇଁ ରାଜ୍ୟ ସରକାର ଯଥେଷ୍ଟ ସୁବିଧା କରିଦେଇଛନ୍ତି । ୧୯୬୨ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟରେ ପ୍ରାଥମିକ ସ୍କୁଲ-ସଂଖ୍ୟା ଥିଲା ୨୨,୮୪୭ । ରାଜ୍ୟ ସରକାର ସବୁ ପଞ୍ଚାୟତ ସମିତି, ମ୍ୟୁନିସିପାଲିଟି ଓ ନୋଟିଫାଏଡ୍ ଏରିଆ କାଉନ୍‌ସିଲକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନଙ୍କ ଇଲାକାର ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଜଣାଇ ଦିଆଯାଉ, ଯେପରି କି ନିଜ ଭାଷାରେ ଶିକ୍ଷା ପାଇବା ଉଦ୍ଦେଶ୍ୟରେ ନାମ ଲେଖାଇବାକୁ ଚାହୁଁଥିବା ସଂଖ୍ୟାଲଘୁ ଭାଷାଭାଷୀଙ୍କର ଗୋଟିଏ ରେଜିଷ୍ଟର ପାଠ୍ୟବର୍ଷ ଆରମ୍ଭର ତିନ-ଚାରି ମାସ ଆଗରୁ ପୂରଣ ହୋଇ ପ୍ରତ୍ୟେକ ସ୍କୁଲରେ ରହିଥିବ । ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ତେଲୁଗୁମାନେ ସଂଖ୍ୟାଲଘୁ । ତେଣୁ ସେଠାକାର ପ୍ରତ୍ୟେକ ସ୍କୁଲରେ ତେଲୁଗୁ ଛାତ୍ରସଂଖ୍ୟା ନିୟମାନୁଯାୟୀ ୪୦ ହେଉ ବା ନ ହେଉ, ପ୍ରତ୍ୟେକ ସ୍ଥାନରେ ତେଲୁଗୁ ଓ ଓଡ଼ିଆ ଦୁଇ ଭାଷା ଜାଣିଥିବା ଜଣେ ଲେଖାଏ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି । ଯେଉଁ ସ୍କୁଲରେ ଓଡ଼ିଆ ଓ ତେଲୁଗୁଭାଷୀ ଛାତ୍ରଙ୍କ-ସଂଖ୍ୟା ପ୍ରାୟ ସମାନ ସମାନ, ସେଠାରେ ସଂଖ୍ୟାଲଘୁ ଭାଷାଭାଷୀଙ୍କ ସଂଖ୍ୟା ୪୦ରୁ କମ୍ ହୋଇଥିଲେ ବି ସଂଖ୍ୟାଲଘୁ ଗୋଷ୍ଠୀଙ୍କ ପାଇଁ ଜଣେ ଲେଖାଏଁ ଅତିରିକ୍ତ ଶିକ୍ଷକ ରହିଛନ୍ତି । ପ୍ରତ୍ୟେକ ଉଚ୍ଚାରୁ ଯା'ଆସ

କରୁଥିବା ଭଳି ଦୂରତାରେ ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟମାନ ଖୋଲୁଛନ୍ତି । ତେଣୁ ଯେତେବେଳେ ପ୍ରତ୍ୟେକ ସଂଖ୍ୟାଲଘୁ-ଭାଷୀ ଅଞ୍ଚଳରେ ସଂଖ୍ୟାଲଘୁଙ୍କ ଭାଷାରେ ଶିକ୍ଷାଦାନର ବ୍ୟବସ୍ଥା ଥିବା ପ୍ରାଥମିକ ସ୍କୁଲ ଖୋଲାଯାଉଛି, ସେତେବେଳେ ଏଠାରେ ଆଉ ସଂଖ୍ୟାଲଘୁଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତିର ଆବଶ୍ୟକତା ଦେଖା ଦେଉନାହିଁ ।

## ମାଧ୍ୟମିକ ଶିକ୍ଷା

ସେହିସବୁ ସରକାରୀ ବା ମ୍ୟୁନିସିପାଲିଟି ସ୍କୁଲରେ ନିଜ ଭାଷାରେ ଶିକ୍ଷା ପାଇବାକୁ ଇଚ୍ଛୁଥିବା ଛାତ୍ରଙ୍କ ସଂଖ୍ୟା ସ୍କୁଲର ମୋଟ ଛାତ୍ରସଂଖ୍ୟାର ଏକ-ତୃତୀୟାଂଶ, ସେଠାରେ ସେଥିପାଇଁ ସୁବିଧା କରାଯାଉଛି । ଘରୋଇ ସଂଖ୍ୟାଲଘୁ ଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ସ୍କୁଲ ଖୋଲିବା ବା ସ୍କୁଲ ଖୋଲିବା ପାଇଁ ମଞ୍ଜୁରି ଦେବାର ବ୍ୟବସ୍ଥା କରାଯାଉଛି—ଅବଶ୍ୟ ଯଦି ଏହାର ଯଥେଷ୍ଟ ଯୁକ୍ତିଯୁକ୍ତତା ଥାଏ । ଯଦି କୌଣସି ଅଞ୍ଚଳରେ ମାଧ୍ୟମିକ ସ୍ତରରେ ସରକାରୀ ଭାଷା ବା ଆଞ୍ଚଳିକ ଭାଷା ବ୍ୟତୀତ ଅନ୍ୟ ମାତୃଭାଷା କହୁଥିବା ଛାତ୍ରସଂଖ୍ୟା ସେଠାରେ ସ୍ୱତନ୍ତ୍ର ସ୍କୁଲ ବସାଇବାପକ୍ଷେ ଯଥେଷ୍ଟ ହୁଏ, ତେବେ ସେଠାକାର ସ୍କୁଲରେ ସେହି ଛାତ୍ରମାନଙ୍କ ମାତୃଭାଷାକୁ ଶିକ୍ଷାର ମାଧ୍ୟମ କରାଯାଇ ପାରିବ ।

## ଉପଯୁକ୍ତ ପାଠ୍ୟପୁସ୍ତକର ବ୍ୟବସ୍ଥା

ରାଜ୍ୟ ସରକାର ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଉପଯୁକ୍ତ ପାଠ୍ୟ ପୁସ୍ତକ ଯୋଗାଇବା ପାଇଁକୁ ଜାତୀୟକରଣ ନୀତି ଗ୍ରହଣ କରିଛନ୍ତି ଏବଂ ଜାତୀୟ ସଂହତିର ଜାଗ୍ରତ ସ୍ତରରେ ଶିକ୍ଷାର ଭୂମିକା ଅଧ୍ୟୟନ ପାଇଁ ଗୋଟିଏ ଷ୍ଟେଟ କମିଟୀ ଗଢ଼ିଛନ୍ତି । ପାଠ୍ୟପୁସ୍ତକ ଯୋଗାଇବା ସମ୍ପୃକ୍ତ ବର୍ତ୍ତମାନ ପାଠ୍ୟପୁସ୍ତକ ଓ ସିଲେବସ୍ କମିଟୀର ବିଚାରାଧୀନ ଅଛି ।

## ପ୍ରାଥମିକ ସ୍ତରରେ ଇଂରେଜୀ ଓ ହିନ୍ଦୀ ଶିକ୍ଷାଦାନ

୬ଷ୍ଠ ଶ୍ରେଣୀଠାରୁ ହିନ୍ଦୀ ଓ ଇଂରେଜୀ ଶିକ୍ଷାଦାନ କରିବା ବ୍ୟବସ୍ଥା ଓଡ଼ିଶାରେ ରହିଛି ଓ ରହିବ ।

## ତ୍ରି ଭାଷା-ସୂତ୍ର

ଓଡ଼ିଶାରେ ମାଧ୍ୟମିକ ଶିକ୍ଷା-ବୋର୍ଡ଼ ତ୍ରିଭାଷା-ସୂତ୍ରକୁ ନିମ୍ନଲିଖିତ ପ୍ରକାରେ କାର୍ଯ୍ୟକାରୀ କରୁଛନ୍ତି—

### ଭାଷା

୧ । ଆଧୁନିକ ଭାରତୀୟ ଭାଷା (ଓଡ଼ିଆ, ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ ଓ ବଙ୍ଗଳା) ... ୧୦୦ ନମ୍ବର ।

୨ । ଇଂରେଜୀ ... ୨୦୦ ନମ୍ବର ।

୩ । (୵) ଓଡ଼ିଆ ନେଉଥିବା ପିଲାଙ୍କ ପାଇଁ ଆଧୁନିକ ଭାରତୀୟ ଭାଷା (ଉଚ୍ଚକୋଟିର)
 (କ) ସଂସ୍କୃତ—୫୦
 (ଖ) ହିନ୍ଦୀ—୫୦ } ... ୧୦୦ ନମ୍ବର

(୶) ହିନ୍ଦୀ ନେଉଥିବା ଛାତ୍ରମାନଙ୍କ ପାଇଁ ଆଧୁନିକ ଭାରତୀୟ ଭାଷା (ଉଚ୍ଚକୋଟିର)
 (କ) ସଂସ୍କୃତ—୫୦
 (ଖ) ଓଡ଼ିଆ—୫୦ } ... ୧୦୦ ନମ୍ବର
 (ନିମ୍ନ ମାନର)

(୷) ହିନ୍ଦୀ ଓ ଓଡ଼ିଆ ବ୍ୟତୀତ ଅନ୍ୟ ଭାଷା ନେଇଥିବା ଛାତ୍ରମାନଙ୍କ ପାଇଁ ଆଧୁନିକ ଭାରତୀୟ ଭାଷା (ଉଚ୍ଚକୋଟିର)
 (କ) ହିନ୍ଦୀ କିମ୍ବା ସଂସ୍କୃତ ବା ପାରସୀୟ (ନିମ୍ନମାନର) ୫୦ } ... ୧୦୦ ନମ୍ବର
 (ଖ) ଓଡ଼ିଆ (ନିମ୍ନ ମାନର)—୫୦

ଏହି ପରିକଳ୍ପନାରେ ସଂସ୍କୃତ ବା ପାରସୀୟକୁ ଗୋଟିଏ ଭାଷାରୂପେ ଗ୍ରହଣ କରାଯାଇଛି; କିନ୍ତୁ ସଂପୃକ୍ତ ଛାତ୍ରଙ୍କର ମାତୃଭାଷା ଯାହାହେଉ ପଛକେ ସଂସ୍କୃତ ଓ

ପାରସୀୟ ଭାଷାକୁ ମିଶାଇ କୌଣସି ଛାତ୍ରଙ୍କୁ ଗୋଟିଏରୁ ଅଧିକ ଭାଷା ଶିକ୍ଷା କରିବାକୁ ପଡ଼ୁନାହିଁ । ଏହି ମତ ଖୁବ୍ ସନ୍ତୋଷଜନକ ଫଳ ଦେଉଛି ।

## ବାହାର ସଂସ୍ଥା ସହିତ ସ୍କୁଲ / କଲେଜର ସାମିଲ

ସଂଖ୍ୟାଲଘୁ ଭାଷାରେ ନୂଆ ପ୍ରାଥମିକ ସ୍କୁଲ ଖୋଲିବା ଉପରେ କୌଣସି କଟକଣା ନାହିଁ । ମାଧ୍ୟମିକ ଶିକ୍ଷା ସ୍ତରରେ ଆଞ୍ଚଳିକ ଭାଷା ଛଡ଼ା ଅନ୍ୟ ଭାଷା ମାଧ୍ୟମରେ ଶିକ୍ଷା ଦିଆଯାଉଥିବା ସ୍କୁଲମାନେ ମଧ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡଠାରୁ ସ୍ୱୀକୃତ ପାଆନ୍ତି ଏବଂ ପରୀକ୍ଷାରେ ସେମାନଙ୍କ ମାତୃଭାଷାରେ ଉତ୍ତର ଦେବା ପାଇଁ ଅନୁମତି ଦିଆଯାଏ । ବିଶ୍ୱବିଦ୍ୟାଳୟ-ସ୍ତରରେ ଅଣ-ଭାଷା ବିଷୟରେ ଶିକ୍ଷାଦାନର ମାଧ୍ୟମ ହେଉଛି ଇଂରେଜୀ । ରାଜ୍ୟ ସରକାର ଏପର୍ଯ୍ୟନ୍ତ ଅନ୍ୟ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟ ବା ବୋର୍ଡ ସହିତ ଏଠାକାର ସ୍କୁଲ/କଲେଜମାନଙ୍କୁ ସାମିଲ୍ କରାଇବାର କୌଣସି ଆବଶ୍ୟକତା ଦେଖୁନାହାନ୍ତି ।

## ଜନସାଧାରଣଙ୍କ ସହିତ କଥାବାର୍ତ୍ତା ପାଇଁ ଓ ପ୍ରଚାର ଉଦ୍ଦେଶ୍ୟରେ ସଂଖ୍ୟାଲଘୁ ଭାଷାର ବ୍ୟବହାର—

ଓଡ଼ିଶାରେ ଏପରି କୌଣସି ଜିଲ୍ଲା ନାହିଁ, ଯେଉଁଠାରେ ସଂଖ୍ୟାଲଘୁ ଭାଷାଭାଷୀ ସଂଖ୍ୟା ମୋଟ ଲୋକସଂଖ୍ୟାର ଶତକଡ଼ା ୧୫ ଭାଗ ବା ତହିଁରୁ ବେଶୀ; କିନ୍ତୁ ବିଜ୍ଞପ୍ତି, ଆଦେଶ, ନିୟମାବଳୀ ଓ ବିଜ୍ଞାପନ ପ୍ରଭୃତି ପ୍ରକାଶ ସଂପର୍କରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ-ସମ୍ମିଳନୀର ସୁପାରିସ-ନିହିତ ସାଧାରଣ ନୀତିଗୁଡ଼ିକୁ ଗ୍ରହଣ କରିଛନ୍ତି । ଯେଉଁ ଅଞ୍ଚଳରେ ସଂଖ୍ୟାଲଘୁ ଭାଷାଭାଷୀ ସଂଖ୍ୟା ମୋଟ ସଂଖ୍ୟାର ୧୫ରୁ ୨୦% ସେଠାରେ ସେମାନଙ୍କ ଭାଷାରେ ବିଜ୍ଞପ୍ତି ପ୍ରଭୃତି ପ୍ରକାଶ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ଜିଲ୍ଲା ସ୍ତରରେ ସଂଖ୍ୟାଲଘୁ ଭାଷାକୁ ସରକାରୀ ଭାଷାରୂପେ ସ୍ୱୀକୃତି ପ୍ରଦାନ

ଓଡ଼ିଶାର କୌଣସି ଜିଲ୍ଲାରେ ସଂଖ୍ୟାଲଘୁ-ଭାଷୀଙ୍କ ସଂଖ୍ୟା ୬୦ % ହୋଇ ନ ଥିବାରୁ ଏ ସମସ୍ୟା ଓଡ଼ିଶାରେ ନାହିଁ ।

## ସରକାରୀ ଚାକିରୀରେ ନିଯୁକ୍ତି

ରାଜ୍ୟ ସରକାରଙ୍କ ଅଧୀନରେ ନିଯୁକ୍ତି ପାଇଁ ଲୋକ ବଛାଗଲାବେଳେ କୌଣସି ଭାଷାଗତ କଟକଣା ନ ରଖିବାକୁ ରାଜ୍ୟ ସରକାର ସ୍ଥିର କରିଛନ୍ତି; କିନ୍ତୁ ସରକାରୀ ଚାକିରୀରେ ପ୍ରବେଶ କରୁଥିବା ପ୍ରାର୍ଥୀମାନଙ୍କୁ ପ୍ରୋବେସନ ସମୟରେ ଗୋଟିଏ ଭାଷା-ପରୀକ୍ଷାରେ ପାଶ କରିବାକୁ ହୁଏ । କିନ୍ତୁ ସ୍ୱତନ୍ତ୍ର ଯୋଗ୍ୟତା ଦରକାର କରୁଥିବା କେତେକ ବୈଷୟିକ ଚାକିରୀରେ ଭାଷାଗତ ଯୋଗ୍ୟତା ସଂପର୍କୀୟ କଟକଣା କୋହଳ କରି ଦିଆଯାଏ; ବିଶେଷତଃ ଠିକା ଓ ପୂରାପୂରି ଅସ୍ଥାୟୀ ଚାକିରୀପକ୍ଷେ ଏହି କୋହଳ ନୀତି ଅନୁସୃତ ହୁଏ ।

## ସବୁ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟର ଡିଗ୍ରୀ ଓ ଡିପ୍ଲୋମାକୁ ସ୍ୱୀକୃତି ପ୍ରଦାନ

ରାଜ୍ୟର ସରକାରୀ ଚାକିରୀ ପାଇଁ ବିଶ୍ୱବିଦ୍ୟାଳୟ ଗ୍ରାଣ୍ଟ କମିଶନଙ୍କ ସ୍ୱୀକୃତ ଅନୁଷ୍ଠାନଗୁଡ଼ିକଦ୍ୱାରା ପ୍ରଦତ୍ତ ଡିଗ୍ରୀ ଓ ଡିପ୍ଲୋମାକୁ ଗ୍ରହଣ କରିନେବା ସଂପର୍କରେ ମୁଖ୍ୟମନ୍ତ୍ରୀ-ସମ୍ମିଳନୀରେ ଯେଉଁ ସୁପାରିସ କରାଯାଇଥିଲା, ତାହା ରାଜ୍ୟ ସରକାର ଗ୍ରହଣ କରିଛନ୍ତି ।

## ସଂଖ୍ୟାଲଘୁ-ଭାଷାଜ୍ଞାନ ଥିବା ଅଫିସରମାନଙ୍କ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି

ସଂଖ୍ୟାଲଘୁ ଭାଷାରେ ଜ୍ଞାନ ଥିବା ଅଫିସର-ମାନଙ୍କୁ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି କରିବା ସଂପର୍କରେ

( ୪୫ ପୃଷ୍ଠା ଦେଖନ୍ତୁ )

# ଘଟଣାପଞ୍ଜୀ

## ( ଅଗଷ୍ଟ, ୧୯୬୩ )

### ( ଆନ୍ତର୍ଜାତିକ )

୧।୮।୬୩—ଅସ୍ତ୍ରଶସ୍ତ୍ର ଖରିଦ କରିବା ଉଦ୍ଦେଶ୍ୟରେ ଯାଇଥିବା ଭାରତୀୟ ପ୍ରତିନିଧିଦଳ ସୋଭିଏଟ କର୍ତ୍ତୃପକ୍ଷଙ୍କ ସହିତ ପ୍ରଥମ ପର୍ଯ୍ୟାୟ ଆଲୋଚନା ଶେଷ କରି ପ୍ରାଗ୍ ଅଭିମୁଖେ ମସ୍କୋ ତ୍ୟାଗ କଲେ ।

ଆନ୍ତର୍ଜାତିକ ରାଜନୀତିକ୍ଷେତ୍ରରେ ସମ୍ପୂର୍ଣ୍ଣରୂପେ ଅପରିଚିତ ଡକ୍ଟର ଆର୍ଟର୍ ଇଲିଆ ନାମକ ଜନୈକ ଡାକ୍ତର ଆର୍ଜେଣ୍ଟାଇନାର ୨୯ତମ ରାଷ୍ଟ୍ରପତିରୂପେ ନିର୍ବାଚିତ ହେଲେ ।

୩।୮।୬୩—ଆଂଶିକଭାବେ ଅଣୁଅସ୍ତ୍ର-ପରୀକ୍ଷାକୁ ନିଷେଧ କରିବା ଦିଗରେ ମସ୍କୋଠାରେ ଆମେରିକା, ବ୍ରିଟେନ୍ ଓ ରୁଷିଆ ମଧ୍ୟରେ ହୋଇଥିବା ଐତିହାସିକ ଚୁକ୍ତିପତ୍ରରେ ସ୍ୱାକ୍ଷର କରିବା ପାଇଁ ଆମେରିକାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରସ୍କ ଓ ବ୍ରିଟିଶ ବୈଦେଶିକ ମନ୍ତ୍ରୀ ଲର୍ଡ ହୋମ ମସ୍କୋରେ ପଦାର୍ପଣ କଲେ ।

ଯେଉଁ କଲ୍-ଗାର୍ଲ୍ ଘଟଣାକୁ କେନ୍ଦ୍ର କରି ଏବେ ଇଂଲଣ୍ଡରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା, ସେହି ଘଟଣାର ପ୍ରଧାନ ନାୟକ ଡକ୍ଟର ଓ୍ୱାର୍ଡଙ୍କର ମୃତ୍ୟୁ ଘଟିଲା ।

୫।୮।୬୩—ଆଂଶିକ ଅଣୁଅସ୍ତ୍ର-ପରୀକ୍ଷା-ନିଷେଧ ଚୁକ୍ତି-ପତ୍ରରେ ଆମେରିକା, ବ୍ରିଟେନ ଓ ରୁଷିଆ ସ୍ୱାକ୍ଷର କଲେ ।

୮।୮।୬୩—ତ୍ରିଶକ୍ତିଙ୍କ ଦ୍ୱାରା ଅଣୁଅସ୍ତ୍ର-ପରୀକ୍ଷା-ନିଷେଧ ଚୁକ୍ତି ସ୍ୱାକ୍ଷରିତ ହେଲା ପରେ ଭାରତ ପ୍ରଥମେ ଏହି ଚୁକ୍ତିରେ ସ୍ୱାକ୍ଷର କରି ସାରା ବିଶ୍ୱରେ ଗୌରବାନ୍ୱିତ ହୋଇପାରିଲା ।

୧୦।୮।୬୩—ସୋମାଲିର ପ୍ରଧାନମନ୍ତ୍ରୀ ଡକ୍ଟର ଏ· ଅଲି ଶେରମାର୍କ ଦିଲ୍ଲୀପଥ ହୋଇ ମସ୍କୋ ଅଭିମୁଖେ ପେକିଂ ତ୍ୟାଗ କଲେ ।

୧୧।୮।୬୩—ବ୍ୟାଙ୍କ ଅଫ୍ କାନାଡ଼ା ସୁଧର ହାରକୁ ଶତକଡ଼ା ୩½ ଭାଗରୁ ଶତକଡ଼ା ୪ ଭାଗକୁ ବୃଦ୍ଧି କଲେ ।

୧୨।୮।୬୩—ନେପାଳର ପଶ୍ଚିମପଟେ ତୁଳସୀ ବଜାର ନିକଟରେ ମାଟି ଭୁଷୁଡ଼ି ପଡ଼ିବା ଫଳରେ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଜୀବନ୍ତ ସମାଧି ଲାଭ କଲେ ।

୧୩।୮।୬୩—ଶ୍ରୀ ସୋମ୍ବେଙ୍କ ସ୍ଥାନରେ ଶ୍ରୀ ଦୁଲୁନ୍ଦୋ ନୂତନ କଙ୍ଗୋ ପ୍ରଦେଶର ବ୍ୟବସ୍ଥାପକ ସଭା-ଦ୍ୱାରା କାଟାଙ୍ଗାର ରାଷ୍ଟ୍ରପତି ନିର୍ବାଚିତ ହେଲେ ।

୧୬।୮।୬୩—ପାକିସ୍ଥାନକୁ ଆମେରିକା ବିନା ସୁଧରେ ସର୍ବମୋଟ ୧୦ ନିୟୁତ ଡୋଲାର ଋଣ ଦେବା ପାଇଁ ଆମେରିକା ଓ ପାକିସ୍ଥାନ ମଧ୍ୟରେ ଗୋଟିଏ ଚୁକ୍ତି ସ୍ୱାକ୍ଷରିତ ହେଲା ।

୨୦।୮।୬୩—ସୋଭିଏଟ୍ ପ୍ରଧାନମନ୍ତ୍ରୀ ଶ୍ରୀ କ୍ରୁଶ୍ଚେଭ ଯୁଗୋସ୍ଲୋଭିଆ ପରିଦର୍ଶନ ଉଦ୍ଦେଶ୍ୟରେ ତାହାର ବେଲଗ୍ରେଡ୍‌ରେ ପଦାର୍ପଣ କଲେ। ରାଷ୍ଟ୍ରପତି ଶ୍ରୀ ଟିଟୋ ପ୍ରଧାନମନ୍ତ୍ରୀ ଶ୍ରୀ କ୍ରୁଶ୍ଚେଭଙ୍କୁ ଆଲିଙ୍ଗନ କରି ସ୍ୱାଗତ ସମ୍ଭାଷଣ ଜଣାଇଥିଲେ।

୨୧।୮।୬୩—ଆନ୍ତର୍ଜାତୀୟ ପର୍ଯ୍ୟଟନ ସମ୍ପର୍କରେ ରାଷ୍ଟ୍ରସଂଘ ଆନୁକୂଲ୍ୟରେ ରୋମଠାରେ ଅନୁଷ୍ଠିତ ସମ୍ମିଳନୀରେ ଶତାଧିକ ରାଷ୍ଟ୍ରର ୫୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ।

୨୨।୮।୬୩—ଇସ୍ରାଏଲ - ସିରିଆ ସୀମାନ୍ତରେ ଉତ୍ତେଜନାଜନକ ପରିସ୍ଥିତି ଯୋଗୁଁ ମିଳିତ ଆରବ ରାଷ୍ଟ୍ର ସରକାର ବ୍ୟାପକ ସୈନ୍ୟ ସଂଗ୍ରହ କରି ସଶସ୍ତ୍ର ବାହିନୀକୁ ସୁଦୃଢ଼ କରିବା ପାଇଁ ଆଦେଶ ପ୍ରଦାନ କଲେ।

୨୩।୮।୬୩—ମାଲୟେସିଆ ରାଷ୍ଟ୍ରସଂଘ ଗଠନ ଦିଗରେ ସଙ୍କଟଜନକ ପରିସ୍ଥିତି ଉପୁଜିଥିବାରୁ ରାଜ୍ୟଗୋଷ୍ଠୀ ସେକ୍ରେଟେରୀ ଶ୍ରୀ ସାଣ୍ଡିସ ମାଲୟ ଅଭିମୁଖେ ଯାତ୍ରା କଲେ।

୨୪।୮।୬୩—୧୦,୦୦୦ ଟନ୍ ଓଜନବିଶିଷ୍ଟ ୪ଟି ମାଲବାହୀ ଜାହାଜ ପୋଲାଣ୍ଡରୁ ଖରିଦ କରିବା ପାଇଁ ଭାରତୀୟ ସିପିଂ କର୍ପୋରେସନ ଆଦେଶ ଦେଲେ।

୨୫।୮।୬୩—ୟେମେନ୍ ଅଧିକୃତ ଗ୍ରାମ ଉପରେ ବ୍ରିଟିଶ ବାହିନୀ ତରଫରୁ ବୋମା ନିକ୍ଷେପ କରାଯିବା ଫଳରେ ଶତାଧିକ ଆବାଳବୃଦ୍ଧବନିତା ପ୍ରାଣତ୍ୟାଗ କଲେ।

୨୭।୮।୬୩—ନେପାଳର ରାଜା ମହେନ୍ଦ୍ର ପାକିସ୍ଥାନରେ ନେପାଳୀୟ ଚାର୍ଜ-ଡି-ଆଫାୟାର୍ ରୂପେ ଶ୍ରୀ ଭରତରାଜ ଭଣ୍ଡାରୀଙ୍କୁ ନିଯୁକ୍ତ କଲେ।

୨୮।୮।୬୩—ଦକ୍ଷିଣ ଭିଏତନାମର ରାଷ୍ଟ୍ରପତି ନୂଆ ଦିଲ୍ଲୀସ୍ଥିତ କନସଲ ଜେନେରାଲ ଶ୍ରୀ ଡି. ଡାଙ୍ଗଲଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରଦୂତରୂପେ ନିଯୁକ୍ତ କଲେ।

୩୦।୮।୬୩—ଢାକା ବିମାନବନ୍ଦରର ନିର୍ମାଣ ପାଇଁ ୪.୩ ନିୟୁତ ଡଲାରର ଋଣ ଦେବା ସମ୍ପର୍କରେ ଆମେରିକା ଏବଂ ପାକିସ୍ଥାନ ମଧ୍ୟରେ ଯେଉଁ ଚୁକ୍ତିପତ୍ର ସ୍ୱାକ୍ଷରିତ କରାଯିବା ପାଇଁ ସ୍ଥିର କରାଯାଇ ଥିଲା, ଆମେରିକା ସରକାର ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେଲେ।

ପାକିସ୍ଥାନ ଓ ଚୀନ ସରକାରଙ୍କ ମଧ୍ୟରେ ଉଭୟ ଦେଶ ମଧ୍ୟରେ ବିମାନ ଚଳାଚଳ ପାଇଁ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା।

## (ଭାରତୀୟ)

୧।୮।୬୩—ଉତ୍ତରପ୍ରଦେଶ ମନ୍ତ୍ରିମଣ୍ଡଳର ୭ ଜଣ ସଭ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ଚନ୍ଦ୍ରଭାନୁ ଗୁପ୍ତଙ୍କ ନିକଟରେ ଇସ୍ତଫାପତ୍ର ଦାଖଲ କଲେ।

୨।୮।୬୩—ଭାରତ ଓ ନେପାଳ ମଧ୍ୟରେ ଚାଲିଥିବା ବାଣିଜ୍ୟ ସମ୍ପର୍କୀୟ କଥାବାର୍ତ୍ତା ସଫଳତାର ସହିତ ଶେଷ ହେଲା।

କେନ୍ଦ୍ର ଖାଦ୍ୟ ଓ କୃଷିମନ୍ତ୍ରୀ ଶ୍ରୀ ଏସ୍.କେ. ପାଟିଲ ପ୍ରଧାନମନ୍ତ୍ରୀଙ୍କ ନିକଟରେ ନିଜର ଇସ୍ତଫାପତ୍ର ଦାଖଲ କଲେ।

୩।୮।୬୩—କେନ୍ଦ୍ର ଖଣି ଓ ଇନ୍ଧନ ମନ୍ତ୍ରୀ ଶ୍ରୀ ଓ. ଭି. ଅଲ୍‌ଗେସନ ନୂନମାଟିଠାରେ ଅବସ୍ଥିତ ତୈଳ ପରିଶୋଧନାଗାର ପରିଦର୍ଶନ କଲେ।

୪।୮।୬୩—ଭାରତୀୟ ବିମାନ ବାହିନୀର ଏୟାର ମାର୍ଶାଲ ଶ୍ରୀ ହରଜିନ୍ଦର ସିଂ ସର୍ବ ୩୨ ବର୍ଷ ଚାକିରି କାଳପରେ ଅବସର ଗ୍ରହଣ କଲେ।

୫।୮।୬୩—ଇଷ୍ଟର୍ଣ୍ଣ କମାଣ୍ଡର ବ୍ରିଗାଡ଼ିଅର୍ ଯଶୱନ୍ତ-ସିଂହ ବାହାଦୁରଙ୍କର କଲିକତାଠାରେ ମୃତ୍ୟୁ ଘଟିଲା ।

୬।୮।୬୩—ରାଜ୍ୟସଭାର ସଦସ୍ୟ ଶ୍ରୀ ପନ୍ନାଲାଲ ଷଡ଼ଙ୍ଗୀଙ୍କର ମୃତ୍ୟୁ ଘଟିଲା ।

୭।୮।୬୩—ତାରାପୁରଠାରେ ପ୍ରଥମ ପରମାଣୁ ଆଣବିକ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରିବା ସକାଶେ ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ହୋଇଥିବା ଚୁକ୍ତିକୁ ଭାରତ ସରକାର ଅନୁମୋଦନ କଲେ ।

୯।୮।୬୩—ବିଭିନ୍ନ ଶିଳ୍ପ କାରଖାନାରେ ନିଯୁକ୍ତ ଶ୍ରମିକମାନଙ୍କ ପାଇଁ କେନ୍ଦ୍ର ଗୃହନିର୍ମାଣ ଓ ପୁନର୍ବସତି ମନ୍ତ୍ରାଳୟଦ୍ୱାରା ୧୫୦,୦୦୦ରୁ ଊର୍ଦ୍ଧ୍ୱ ଗୃହ ମଞ୍ଜୁର କରାଗଲା ।

୧୦।୮।୬୩—କଂଗ୍ରେସ ଦଳର ସାଂଗଠନିକ କାର୍ଯ୍ୟରେ ଯୋଗଦେବା ପାଇଁ ଅଧିକାଂଶ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ପଦତ୍ୟାଗ କରିବା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇ ଦେଇଛନ୍ତି ।

୧୧।୮।୬୩—ମହୀଶୂରର ମୁଖ୍ୟମନ୍ତ୍ରୀ ଶ୍ରୀ ଏସ୍. ନିଜ-ଲିଙ୍ଗାପ୍ପା ପ୍ରଧାନମନ୍ତ୍ରୀଙ୍କ ନିକଟରେ ନିଜର ଇସ୍ତଫାପତ୍ର ଦାଖଲ କଲେ ।

୧୨।୮।୬୩—କଂଗ୍ରେସ ପାର୍ଲାମେଣ୍ଟାରୀ ପାର୍ଟି ବୈଠକରେ ଦଳର ସାଂଗଠନିକ କାର୍ଯ୍ୟକୁ ସୁଦୃଢ଼ କରିବା ସକାଶେ 'କାମରାଜ ପ୍ରସ୍ତାବ'କୁ କାର୍ଯ୍ୟକାରୀ କରାଯିବା ସଂପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା ।

୧୩।୮।୬୩—ଜାତୀୟ ଅଧ୍ୟାପକ ଡକ୍ଟର ଶିଶିରକୁମାର ମିତ୍ରଙ୍କର କଲିକତାସ୍ଥ ନିଜ ବାସଭବନରେ ମୃତ୍ୟୁ ଘଟିଲା ।

୧୫।୮।୬୩—ସୋମାଲିର ପ୍ରଧାନମନ୍ତ୍ରୀ ଡକ୍ଟର ଏ.ଆଇ ସେରମାର୍କେଙ୍କୁ ରାଷ୍ଟ୍ରପତି ଡକ୍ଟର ରାଧାକୃଷ୍ଣନ୍ ସ୍ୱାଗତ ସମ୍ଭାଷଣ ଜଣାଇଲେ ।

୧୬।୮।୬୩—ଭାରତ, ଆମେରିକା, ବ୍ରିଟେନ ତଥା ଅଷ୍ଟ୍ରେଲିଆର ବିମାନବାହିନୀଦ୍ୱାରା ମିଳିତ ଭାବରେ ପ୍ରତିରକ୍ଷା ସଂକ୍ରାନ୍ତ ବିମାନ-କୌଶଳ ପ୍ରଦର୍ଶନ ପାଇଁ ଆମେରିକାରୁ ସତ୍ତର ଏବଂ ଆନୁଷଙ୍ଗିକ ଯନ୍ତ୍ରପାତି ସ୍ୱତନ୍ତ୍ର ବିମାନଯୋଗେ ଆସି ଭାରତରେ ପହଞ୍ଚିଲା ।

୨୦।୮।୬୩—ଇଣ୍ଡୋନେସିଆ ବିମାନବାହିନୀର ଏୟାର୍-ମାର୍ଶାଲ୍, ସର୍ବୋଚ୍ଚ ସେନାଧ୍ୟକ୍ଷ ଓ ବିମାନ ବାହିନୀ ମନ୍ତ୍ରୀ ୪ ଦିନିଆ ଭାରତ ପରିଦର୍ଶନରେ ଆସି ନୂଆଦିଲ୍ଲୀରେ ପଦାର୍ପଣ କଲେ ।

ସ୍କୋଟ୍‌ମାଲରେ ଗୋଟିଏ ପୁରାତନ ମସଜିଦ୍ ଭୁଶୁଡ଼ି ପଡ଼ିବା ଫଳରେ ୧୧୦ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଲା ଓ ୬୮ ଜଣ ବ୍ୟକ୍ତି ଗୁରୁତରଭାବେ ଆଘାତ ପାଇଛନ୍ତି ।

୨୨।୮।୬୩—ରାଜ୍ୟ ବିଦ୍ୟୁତ୍ ବୋର୍ଡ ଅତିରିକ୍ତ ୬୮୩ ମେଗାଓ୍ୱାଟ୍ ବିଦ୍ୟୁତ୍ ଉତ୍ପାଦିତ ହେଲା ଭଳି ୧୦ଟି ନୂତନ ଜଳବିଦ୍ୟୁତ୍ ପରିକଳ୍ପନାକୁ ଅନୁସନ୍ଧାନ କରି ଦେଖୁଛନ୍ତି ।

୨୪।୮।୬୩—କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୬ ଜଣ କେନ୍ଦ୍ରମନ୍ତ୍ରୀ ଓ ୬ ଜଣ ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କର ଦାୟିତ୍ୱରୁ ଅବ୍ୟାହତି ଦେବା ସକାଶେ ପ୍ରଧାନମନ୍ତ୍ରୀ ଘୋଷଣା କଲେ ।

୨୫।୮।୬୩—ଭୁବନେଶ୍ୱର ଟାଉନ୍ ପାଇଁ ଗୋଟିଏ "ମାଷ୍ଟରପ୍ଲାନ" ପ୍ରସ୍ତୁତ କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି କଲେ ।

୨୬।୮।୬୩—ବ୍ରିଟେନରୁ ବିଭିନ୍ନ ଧରଣର ଉତ୍ପାଦିତ ଦ୍ରବ୍ୟ ଖରିଦ କରିବା ସକାଶେ ଭାରତକୁ

୧୩'୩୩ କୋଟି ଟଙ୍କା ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ପାଇଁ ବ୍ରିଟେନ୍ ଓ ଭାରତ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା ।

୨୭।୮।୬୩—ନେପାଳର ରାଜା ଓ ରାଣୀ ୧୩ ଦିନିଆ ଭାରତ ଗସ୍ତରେ ବାହାରି ଦିଲ୍ଲୀରେ ପଦାର୍ପଣ କଲେ । ରାଷ୍ଟ୍ରପତି ଡକ୍ଟର ରାଧାକୃଷ୍ଣନ୍ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

୨୮।୮।୬୩—କୃଷ୍ଣାନଦୀ ଉପରେ ନିର୍ମିତ ୩,୦୮୭ ଫୁଟ ଦୀର୍ଘ ପୋଲ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଏନ୍. ସଞ୍ଜୀବ ରେଡ଼ିଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା ।

୨୯।୮।୬୩—ସ୍ୱରାଷ୍ଟ୍ରମନ୍ତ୍ରୀରୂପେ ଶ୍ରୀ ଜି. ଏଲ୍. ନନ୍ଦାଙ୍କୁ ଓ ଅର୍ଥମନ୍ତ୍ରୀରୂପେ ଶ୍ରୀ ଟି. ଟି. କୃଷ୍ଣମାଚାରୀଙ୍କୁ ନିଯୁକ୍ତି ଦିଆଯିବା ସଂପର୍କରେ ବିଧିବଦ୍ଧଭାବେ ଘୋଷଣା କରାଗଲା ।

୩୦।୮।୬୩—ଦକ୍ଷିଣ ଭିଏଟ୍‌ନାମର ବୈଦେଶିକ ମନ୍ତ୍ରୀ ଶ୍ରୀ ଭୁୟାନ୍ ମାଉ ନୂଆଦିଲ୍ଲୀରେ ପଦାର୍ପଣ କଲେ ।

୩୧।୮।୬୩—୧୯୫୮ ମସିହା ମାର୍ଚ୍ଚ ୨୨ ତାରିଖଠାରୁ କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ଦାୟିତ୍ୱରେ ଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇ ନୂତନ ଅର୍ଥମନ୍ତ୍ରୀ ଶ୍ରୀ ଟି. ଟି. କୃଷ୍ଣମାଚାରୀଙ୍କୁ ଦାୟିତ୍ୱ ଅର୍ପଣ କଲେ ।

## ( ରାଜ୍ୟ ଘଟଣାବଳୀ )

୨।୮।୬୩—ରାଉରକେଲା ଇସ୍ପାତ କାରଖାନାରେ ପ୍ରାୟ ସବୁ ବିଭାଗରେ ଉତ୍ପାଦନର ବେଗ ଅବ୍ୟାହତ ରହିଥିଲା ଏବଂ ସେଲ୍‌ଡ କଏଲ୍ ଏବଂ ଟିଣ ତକ୍ତା ଉତ୍ପାଦନରେ ନୂଆ ରେକର୍ଡ ପ୍ରତିଷ୍ଠା କରାଗଲା ।

୬।୮।୬୩—ଅଖିଳ ଭାରତୀୟ ସ୍ୱର୍ଣ୍ଣକାର ସଂଘର ଜେନେରାଲ ସେକ୍ରେଟାରୀ ଶ୍ରୀ ଅନିଲ ବସୁ କହିଲେ ଯେ ଓଡ଼ିଶାରେ ୪୦,୦୦୦ ବଣିଆ କ୍ଷତିଗ୍ରସ୍ତ ହୋଇଛନ୍ତି ।

୮।୮।୬୩—କେନ୍ଦ୍ର ସମାଜ ମଙ୍ଗଳ ବୋର୍ଡ଼ର ଚେୟାରମ୍ୟାନ ଶ୍ରୀମତୀ ମାଥାଇ ନେଭାଗା ସୁଭଦ୍ର ସେବାସଦନ ହସପିଟାଲ ପରିଦର୍ଶନ କରିଥିଲେ ।

୧୦।୮।୬୩—କଲିକତାଠାରୁ ରାଉରକେଲା ପର୍ଯ୍ୟନ୍ତ ଚାଲୁଥିବା ଇଣ୍ଡିଆନ ଏୟାର କର୍ପୋରେସନର ଭାଇକାଉଣ୍ଟ ସର୍ଭିସ ରଦ କରି ଦିଆଗଲା ।

୧୨।୮।୬୩—ଭାରତୀୟ ଇସ୍ପାତ ଓ ଗୁରୁଶିଳ୍ପ ମନ୍ତ୍ରୀ ଶ୍ରୀ ସୁବ୍ରମନିଅମ୍ ରାଉରକେଲାଠାରେ ୪ର୍ଥ ବ୍ଲାଷ୍ଟ ଫର୍ଣ୍ଣେସ ପାଇଁ ନିଅଁ ଖୋଳା କାମ ଉଦ୍‌ଘାଟନ କଲେ ।

୧୩।୮।୬୩—ଆଚାର୍ଯ୍ୟ ବିନୋବା ଭାବେ ସୁବର୍ଣ୍ଣରେଖା ନଦୀ ଅତିକ୍ରମ କରି ଓଡ଼ିଶାରେ ପଦାର୍ପଣ କଲେ ।

୧୬।୮।୬୩—ଦୁର୍ଗତ ସ୍ୱର୍ଣ୍ଣକାରମାନଙ୍କୁ ସାହାଯ୍ୟ କରିବା ପାଇଁ ମଧୁପାଟଣାଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଗୋଟିଏ ସମବାୟ ତାରକସି କାରଖାନା ଉଦ୍‌ଘାଟନ କଲେ ।

୧୮।୮।୬୩—ବେଆସ ଓ ବେଟ୍‌ଆ ନାମକ ଦୁଇଟି ଯୁଦ୍ଧ ଜାହାଜ କଲିକତା ଯିବା ବାଟରେ ପୁରୀ-ଠାରେ ପହଞ୍ଚିଥିଲେ ।

୨୧।୮।୬୩—ଓଡ଼ିଶାର ସ୍ୱାସ୍ଥ୍ୟ-ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ବାଲେଶ୍ୱର ଟାଉନହଲରେ 'ଜନସ୍ୱାସ୍ଥ୍ୟ' ପ୍ରଦର୍ଶନୀ ଉଦ୍‌ଘାଟନ କଲେ ।

୨୫।୮।୬୩—ଆଚାର୍ଯ୍ୟ ବିନୋବା ଭାବେ ବାଲେଶ୍ୱର ଜିଲ୍ଲାରେ ପ୍ରବେଶ କଲେ ।

୨୮।୮।୬୩—ଶ୍ରୀମତୀ ବିନୋଦିନୀ ଚଉଧୁରୀଙ୍କୁ ସଭାନେତ୍ରୀରୂପେ ନେଇ ରାଜ୍ୟ ସମାଜ-ମଙ୍ଗଳ ଉପଦେଷ୍ଟା ବୋର୍ଡ଼ର ପୁନର୍ଗଠନ କରାଗଲା ।

୩୦।୮।୬୩—କଟକ ମେଡ଼ିକାଲ କଲେଜ ହସ୍ପିଟାଲରେ ଗୋଟିଏ ପରିବାର-ନିୟନ୍ତ୍ରଣ ଅସ୍ତ୍ରୋପଚାରାଗାର ଆନୁଷ୍ଠାନିକଭାବେ ଉଦ୍‌ଘାଟିତ ହେଲା ।

(୩୯ ପୃଷ୍ଠାର ଅବଶିଷ୍ଟାଂଶ )

ଦକ୍ଷିଣାଞ୍ଚଳ ପରିଷଦ ଯେଉଁ ସୁପାରିଶ କରିଥିଲେ, ତାହା ରାଜ୍ୟ ସରକାର ଗ୍ରହଣ କରିଛନ୍ତି ଓ ଶତକଡ଼ା ୧୫ ଭାଗରୁ ଅଧିକ ସଂଖ୍ୟାଲଘୁ ଭାଷାଭାଷୀ ରହିଥିବା ଅଞ୍ଚଳରେ ଏଭଳି ଅଫିସର ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ଜାତୀୟ ସଂହତି ସଂପର୍କୀୟ ଅନ୍ୟାନ୍ୟ ବିଷୟ


୧୯୬୨ ଅକ୍ଟୋବର ୨ ତାରିଖରେ ଗାନ୍ଧୀଜୟନ୍ତୀ ଦିନ 'ସଂହତି ଶପଥ-ପତ୍ର'ରେ ପ୍ରତ୍ୟେକ ନାଗରିକ ସ୍ୱାକ୍ଷର କରିବା ପାଇଁ ଗୋଟିଏ ବ୍ୟାପକ ଅଭିଯାନ ଚଳାଇବା ନିମନ୍ତେ ଭାରତ ସରକାର ଯେଉଁ ନିଷ୍ପତ୍ତି କରିଥିଲେ, ତାହା ଏ ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି ଏବଂ ୧୯୬୩ ଜୁନ ଶେଷ ସୁଦ୍ଧା ୩୩,୮୬୭ ଜଣ ନାଗରିକ ଏହି ଶପଥପତ୍ରରେ ସ୍ୱାକ୍ଷର କରିଛନ୍ତି ।

### ଅଜଣା ଲୋକଙ୍କ ଠକାମି
### ସେମାନଙ୍କୁ ବିଶ୍ୱାସ କରନ୍ତୁ ନାହିଁ

ପୁଲିସ କର୍ତ୍ତୃପକ୍ଷ ଜଣାଇଛନ୍ତି ଯେ, ବର୍ତ୍ତମାନ ପୁରୀ ଓ କଟକ ଜିଲ୍ଲାର ଗାଁଗହଳରେ କେତେକ ଅଜଣା ଲୋକ ବୁଲୁଛନ୍ତି । ସେମାନେ କୌଣସି ଏକ ଖେଳ ଦେଖାଇ ଗ୍ରାମବାସୀମାନଙ୍କର ବିଶ୍ୱାସଭାଜନ ହେଉଛନ୍ତି । ସେମାନେ ନିଜକୁ ଗୁଣିଆ ବୋଲି ପରିଚୟ ଦେଇ ପୂଜା କରି ରୋଗ ଭଲ କରିଦେବେ ବୋଲି କହୁଛନ୍ତି ଏବଂ ପୂଜା ପାଇଁ ଲୋକଙ୍କଠାରୁ ନଡ଼ିଆ, ସୁନା ଅଳଙ୍କାର ଓ ଟଙ୍କା ମାଗୁଛନ୍ତି । ଏସବୁ ପାଇ ସାରିଲା ପରେ ସେମାନେ ଗାଁରୁ ଖସି ପଳାଇ ଯାଉଛନ୍ତି । ସେମାନେ ଏହିପରି ଭାବରେ ନିରୀହ ଗ୍ରାମବାସୀମାନଙ୍କୁ ଠକୁଛନ୍ତି । ଏଭଳି ଠକ ଲୋକଙ୍କୁ ବିଶ୍ୱାସ ନ କରିବା ପାଇଁ ଏବଂ କୌଣସି ସ୍ଥାନରେ ଏଭଳି ଲୋକଙ୍କୁ ଦେଖିବା ମାତ୍ରେ ସେ ବିଷୟ ଅବିଳମ୍ବେ ନିକଟତମ ଥାନାରେ ଜଣାଇବା ସକାଶେ ପୁଲିସ୍-କର୍ତ୍ତୃପକ୍ଷ ସର୍ବସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

# ଓଡ଼ିଶାରେ ବିଦ୍ୟୁତ୍-ଶକ୍ତିର ଉତ୍ସ.....

# .....ଚିପିଲିମା



ଚିପିଲିମା ବିଦ୍ୟୁତ୍-କକ୍ଷ ( ପାୱାର ହାଉସ୍ )

---

ସେପ୍ଟେମ୍ବର ଚଉଦ ତାରିଖ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ପକ୍ଷେ ଏକ ସ୍ମରଣୀୟ ଦିବସ । ସେଦିନ ଓଡ଼ିଶାର ରାଜ୍ୟପାଳ ଡକ୍ଟର ଏ. ଏନ୍. ଖୋସଲା ସମ୍ବଲପୁର ଜିଲ୍ଲାର ଚିପିଲିମାଠାରେ ନବନିର୍ମିତ ବିଦ୍ୟୁତ୍ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ଆଧୁନିକ ଯୁଗର ମନ୍ଦିର ସ୍ୱରୂପ ଏହି ବିଦ୍ୟୁତ୍ କେନ୍ଦ୍ରଟି ଆମ ଇଞ୍ଜିନିୟର, କାରିଗର ତଥା ଶ୍ରମିକମାନଙ୍କ କଠିନ ତଥା ପ୍ରଗାଢ଼ ଉଦ୍ୟମର ଏକ ସ୍ମାରକ ଏବଂ ଦେଶପକ୍ଷେ ବି ଏହା ଏକ ବିଶିଷ୍ଟ ସଫଳତା । ବଢ଼ି ଓ ମରୁଡ଼ିରୁ ଫସଲ ତଥା ଧନ-ଜୀବନ ରକ୍ଷା କରିବା ସଙ୍ଗେ ସଙ୍ଗେ ଜଳସେଚନ ଓ ନୌଚଳାଚଳର ପ୍ରସାର ଏବଂ ସର୍ବୋପରି ବିଦ୍ୟୁତ୍ ଉତ୍ପାଦନଦ୍ୱାରା ରାଜ୍ୟରେ ଶିଳ୍ପ-ପ୍ରସାର ଘଟାଇବା ଉଦ୍ଦେଶ୍ୟରେ ଏହି ବହୁମୁଖୀ ହୀରାକୁଦ ବନ୍ଧ ଯୋଜନାଟି ପ୍ରସ୍ତୁତ କରାଯାଇଥିଲା । ଅବଶ୍ୟ ହୀରାକୁଦ ଯୋଜନାରୁ ଉତ୍ପାଦିତ ବିଦ୍ୟୁତ୍‌ର ପୁରାପୁରି ସଦୁପଯୋଗ କରାଯାଇ ପାରିବ କି ନାହିଁ, ସେ ସମ୍ପର୍କରେ ଆରମ୍ଭରୁ କେତେକ ସନ୍ଦେହ ପ୍ରକାଶ ପାଇଥିଲା । ତେଣୁ ଦୁଇଟି ପର୍ଯ୍ୟାୟରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରାଗଲା । ପ୍ରଥମ ପର୍ଯ୍ୟାୟରେ ବୁର୍ଲାସ୍ଥିତ ୧ ନମ୍ବର ବିଦ୍ୟୁତ୍ କେନ୍ଦ୍ରରେ

୩୭.୫ ମେଗାୱାଟ୍ ଶକ୍ତିବିଶିଷ୍ଟ ୨ଟି ୟୁନିଟ୍ ଓ ୨୪ ମେଗାୱାଟ୍ ଶକ୍ତିବିଶିଷ୍ଟ ଆଉ ଦୁଇଟି ୟୁନିଟ୍ ସ୍ଥାପନ କରିବା ପାଇଁ ସ୍ଥିର କରାଗଲା । ଏହା ଫଳରେ ପ୍ରଥମ ପର୍ଯ୍ୟାୟରେ ସର୍ବମୋଟ ୧୨୩ ମେଗାୱାଟ୍ ବିଦ୍ୟୁତ୍-ଶକ୍ତି ଉତ୍ପାଦିତ ହେବା ସଙ୍ଗେ ସଙ୍ଗେ ୫୦୦ ମାଇଲ୍ ଦୀର୍ଘ ଟ୍ରାନ୍ସମିଶନ୍ ଲାଇନ ନିର୍ମାଣ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅଧିକା ୧୪୭ ମେଗାୱାଟ୍ ଶକ୍ତି ଉତ୍ପାଦନ କରିବା ପାଇଁ ବୁର୍ଲାସ୍ଥିତ ବିଦ୍ୟୁତ୍ କେନ୍ଦ୍ରରେ ୩୭.୫ ମେଗାୱାଟ୍ ଶକ୍ତିବିଶିଷ୍ଟ ଦୁଇଟି ୟୁନିଟ୍ ଓ ଚିପିଲିମାସ୍ଥିତ ଦ୍ୱିତୀୟ ବିଦ୍ୟୁତ୍ କେନ୍ଦ୍ରରେ ୨୪ ମେଗାୱାଟ୍ ଶକ୍ତିବିଶିଷ୍ଟ ତିନୋଟି ୟୁନିଟ୍ ସ୍ଥାପନ କରିବା ପାଇଁ ଯୋଜନା କରାଯାଇଥିଲା । ସର୍ବମୋଟ ୧୪.୧୨ କୋଟି ଟଙ୍କା ବ୍ୟୟରେ ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ସ୍ଥିର କରାଯାଇଥିଲା । ଏଥିପାଇଁ ୨.୩ କୋଟି ଟଙ୍କାର ବୈଦେଶିକ ମୁଦ୍ରା ଆବଶ୍ୟକ । ତଦନୁସାରେ ୧୯୬୦ ମସିହା ଶେଷଭାଗରେ ଏହି ଯୋଜନାର କାର୍ଯ୍ୟ ଆରମ୍ଭ କରାଗଲା । ପ୍ରଥମ ବିଦ୍ୟୁତ୍-କେନ୍ଦ୍ରରେ ୩୭.୫ ମେଗାୱାଟ୍ ଶକ୍ତିବିଶିଷ୍ଟ ୟୁନିଟ୍ ଦୁଇଟିକୁ ଯଥାକ୍ରମେ ୧୯୬୨ ମସିହା ଏପ୍ରିଲ୍ ୧୧ ତାରିଖ ଓ ୧୯୬୩ ମସିହା ଅଗଷ୍ଟ ୫ ତାରିଖରେ ଚାଲୁ କରାଗଲା । ଦ୍ୱିତୀୟ ବିଦ୍ୟୁତ୍ କେନ୍ଦ୍ରରେ ସ୍ଥାପିତ ୨୪ ମେଗାୱାଟ୍ ୟୁନିଟ୍ ତିନୋଟିକୁ ଯଥାକ୍ରମେ ୧୯୬୨ ଜୁଲାଇ ୧୫ ତାରିଖ, ୧୯୬୨ ନଭେମ୍ବର ୨୭ ଓ ୧୯୬୩ ସେପ୍ଟେମ୍ବର ୧୪ରେ ଚାଲୁ କରାଗଲା । ଏହାଫଳରେ ୨୭୦ ମେଗାୱାଟ୍ ସ୍ଥାପିତ ବିଦ୍ୟୁତ୍-ସାମର୍ଥ୍ୟ ହାସଲ ହୋଇପାରିଲା । ଏହାକୁ ଉଦ୍‌ଘାଟନ କରି ଡ. ଖୋସଲା ଯେଉଁ ଅଭିଭାଷଣ ଦେଇଥିଲେ, ତାହାର ସମାନ୍ ଅନୁବାଦ ନିମ୍ନରେ ଦିଆଗଲା ।

—ସଂପାଦକ



ଚିପିଲିମାଠାରେ ସୁଇଚ୍-କକ୍ଷ



ରାଜ୍ୟପାଳ ଡଃ ଖୋସଲା କହନ୍ତି :

"ମହାନଦୀର ଅବବାହିକାର ଉନ୍ନୟନ ଯୋଜନାର ପ୍ରଥମ ସଂସ୍ଥା ହେଉଛି ହୀରାକୁଦ ବନ୍ଧ ଯୋଜନା । ୧୯୪୫ ମସିହାରେ ମୁଁ ଏହାର ପରିକଳ୍ପନା ଓ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରିଥିଲି ଏବଂ ୧୯୫୩ ମଧ୍ୟଭାଗ ପର୍ଯ୍ୟନ୍ତ ଏହାର ନିର୍ମାଣ କାର୍ଯ୍ୟ ପରିଚାଳନା କରିଥିଲି । ଆଜି ତାହାର ଦ୍ୱିତୀୟ ପର୍ଯ୍ୟାୟର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ଏବଂ ତାହାକୁ ଉଦ୍‌ଘାଟନ କରିବାର ସୁଯୋଗ ମୋତେ ମିଳିଛି । ଏହା ମୋ ପକ୍ଷେ ବିଶେଷ ଆନନ୍ଦ ଓ ବ୍ୟକ୍ତିଗତ ସନ୍ତୋଷର ବିଷୟ ହୋଇଛି ।

ଯୋଜନାର ବର୍ତ୍ତମାନ ଅବସ୍ଥା ଓ ଭବିଷ୍ୟତ ସମ୍ଭାବନା ସଂପର୍କରେ ଆଲୋଚନା କରିବା ପୂର୍ବରୁ ଏହାର ଇତିବୃତ୍ତ ପର୍ଯ୍ୟାଲୋଚନା କରିବା ଯଥାର୍ଥ ହେବ । କାରଣ ଏହି ଯୋଜନା ସଂପର୍କୀୟ ସମସ୍ୟା ଓ ମତ ସଂପର୍କରେ ଏହା ଆମ୍ଭମାନଙ୍କୁ ଧାରଣା ଦେବା ସଙ୍ଗେ ସଙ୍ଗେ ଭବିଷ୍ୟତ ପାଇଁ ନିର୍ଦ୍ଦେଶ ଦେବ ।

୧୯୪୩ ଶେଷ ଆଡକୁ ଭାରତର ତତ୍କାଳୀନ ବଡ଼ଲାଟ ଲର୍ଡ ଓ୍ୱାଭେଲ କାର୍ଯ୍ୟଭାର ଗ୍ରହଣ କରିବାର କେତେକ ସପ୍ତାହ ମଧ୍ୟରେ ଓଡ଼ିଶା ପରିଦର୍ଶନରେ ଆସିଥିଲେ । ସାର୍ ହଥର୍ଣ୍ଣ ଲୁଇସ୍ ଏ ସଂପର୍କରେ କହିଛନ୍ତି, '୧୯୪୩ ଶେଷ ଆଡକୁ ଆମର ହଜାର ହଜାର ଲୋକ ଦୁଃଖ-ଯନ୍ତ୍ରଣାରେ କାଳ କାଟୁଥିଲେ ଓ ଅତି ଅସୁବିଧାରେ କୌଣସିମତେ ଗୁଜୁରାଣ ମେଣ୍ଟାଉଥିଲେ । ସେତେବେଳେ ଲର୍ଡ ଓ୍ୱାଭେଲ୍ ନିଜ ଆଖିରେ ଆମର ଦାରିଦ୍ର୍ୟର ସେହି ଚିତ୍ର ଦେଖିଲେ, ତାହା ଯେ ତାଙ୍କୁ ବିଶେଷ ବିଚଳିତ କରିଥିବ, ଏଥିରେ ମୋର ସନ୍ଦେହ ନାହିଁ । ତୁରନ୍ତ ସେମାନଙ୍କୁ ସାହାଯ୍ୟ କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ହୋଇ ପଡ଼ିଥିଲା ।'

୧୯୪୫ ଫେବୃୟାରୀ ୨୨ ତାରିଖରେ ମୁଁ କେନ୍ଦ୍ରୀୟ ଜଳପଥ, ଜଳସେଚନ ଓ ନୌଚଳନ କମିଶନ (ବର୍ତ୍ତମାନ ଜଳ ଓ ବିଦ୍ୟୁତ୍ କମିଶନ)ର ପ୍ରତିଷ୍ଠାତା-ଚେୟାରମ୍ୟାନ ହିସାବରେ

ରାଜ୍ୟପାଳ ଗୋଟିଏ ବୋତାମ ଟିପି ଚିପିଲିମା ବିଦ୍ୟୁତ୍-କକ୍ଷ ଖୋଲୁଛନ୍ତି



ଭାରତ ସରକାରରେ ଯୋଗଦାନ କଲି । ଓଡ଼ିଶାର ଦାରିଦ୍ର୍ୟ-ନିପୀଡ଼ିତ ଲୋକଙ୍କ କଲ୍ୟାଣ ପାଇଁ ବଡ଼ଲାଟ ବ୍ୟକ୍ତିଗତ ଭାବେ ଯେଉଁ ଗଭୀର ଆଗ୍ରହ ପ୍ରକାଶ କରିଥିଲେ, ତାହାର ଫଳରେ ମୋ ଉପରେ ପ୍ରଥମ




ସାର୍ ହଥର୍ଣ୍ଣ ଲୁଇସ

କାର୍ଯ୍ୟ ନ୍ୟସ୍ତ ହେଲା ଯେ ମୁଁ ବଢ଼ି ଓ ମରୁଡ଼ି ସମସ୍ୟା ତଥା ଓଡ଼ିଶାର ପ୍ରାକୃତିକ ସମ୍ବଳ ସଂପର୍କରେ ପରୀକ୍ଷା କରି ଦେଖିବି ଏବଂ ସେସବୁ ସମସ୍ୟାର ସମାଧାନ ଓ ପ୍ରାକୃତିକ ସମ୍ବଳର ବିକାଶ ପାଇଁ ପ୍ରସ୍ତାବମାନ ଉପସ୍ଥାପିତ କରିବି ।

ତଦନୁଯାୟୀ ମୁଁ ଓଡ଼ିଶା ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରି ୧୯୪୫ ମେ ୧୭ ତାରିଖରେ କଟକରେ ପହଞ୍ଚିଲି । ପରବର୍ତ୍ତୀ ସପ୍ତାହରେ ମୁଁ ସମ୍ବଲପୁର (ହୀରାକୁଦ), ଟିକରପଡ଼ା, ନରଜ ଓ ମହାନଦୀରେ ଥିବା ବିଭିନ୍ନ ଆନିକଟ ତଥା ବୈତରଣୀର ଆଖୁଆପଦା ଆନିକଟ ପରିଦର୍ଶନ କଲି । ସ୍ୱର୍ଗତ ରାୟବାହାଦୁର ବ୍ରଜନାରାୟଣ (ଚିଫ୍ ଇଞ୍ଜିନିୟର) ଏହି ପରିଦର୍ଶନବେଳେ ମୋ ସହିତ ଯାଇଥିଲେ । ଓଡ଼ିଶାର ଗଭର୍ଣ୍ଣରଙ୍କ ଉପଦେଷ୍ଟା ଶ୍ରୀ ବି. କେ. ଗୋଖଲେ ଆଇ.ସି.ଏସ୍. ଏବଂ ଓଡ଼ିଶା ଗଭର୍ଣ୍ଣର ସାର୍ ହଥର୍ଣ୍ଣ ଲୁଇସ୍‌ଙ୍କ ସହିତ ମୋର ଆଲୋଚନା ହୋଇଥିଲା । ଓଡ଼ିଶାରେ ନଦୀଗୁଡ଼ିକର ଅବବାହିକାଗୁଡ଼ିକର ବିକାଶ ପାଇଁ ସେତେବେଳେ ଯେଉଁ ଯୋଜନାର ଧାରଣା କରାଯାଇଥିଲା, ତାହା ସର୍ବାଦୌ ମହାନଦୀର ବିକାଶ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଏହାର ପ୍ରଥମ ୟୁନିଟ୍-ରୂପେ ହୀରାକୁଦ ବନ୍ଧ ଯୋଜନାର ନିର୍ମାଣ ଏ ଦିଗରେ ପ୍ରଥମ ପଦକ୍ଷେପ ବୋଲି କଳ୍ପନା କରାଯାଇଥିଲା ।

ପ୍ରାଥମିକ ଅଧ୍ୟୟନ ଓ ସରଜମିନ ଅନୁସନ୍ଧାନ ପରେ ଏବଂ ପ୍ରକାଶିତ ଓ ଅପ୍ରକାଶିତ ସୂତ୍ରମାନଙ୍କରୁ ଯେଉଁ ତଥ୍ୟ ମିଳିଲା, ତାହାକୁ ସମ୍ବଳ କରି ପୂର୍ବ

ହୀରାକୁଦ ଡେମ୍‌ର ସ୍ପିଲ୍‌ୱେ ଓ ବିଦ୍ୟୁତ୍-ଘରର ଦୃଶ୍ୟ



କମିଟିର ମତେ ସାଧାରଣ ଉନ୍ନୟନ ପରିକଳ୍ପନାର ଏକ ସଂକ୍ଷିପ୍ତ ଢାଞ୍ଚା ପ୍ରସ୍ତୁତ କରାଯାଇ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହେଲା। ତା'ପରେ ଭାରତ ସରକାରଙ୍କ ଶ୍ରମ-ସଦସ୍ୟ ଡଃ ବି. ଆର୍‌. ଆମ୍ବେଦକର ଓଡ଼ିଶା ନଦୀଗୁଡ଼ିକର ବହୁମୁଖୀ ଉନ୍ନୟନ ସଂପର୍କରେ ତା।୧୧।୧୯୪୫ରେ କଟକଠାରେ ଗୋଟିଏ ସମ୍ମିଳନୀ ଡକାଇଥିଲେ। ଏହି ସମ୍ମିଳନୀରେ ଓଡ଼ିଶା ସରକାର, ଓଡ଼ିଶା ଗଡ଼ଜାତ ଓ ମଧ୍ୟପ୍ରଦେଶ ( ସେଣ୍ଟ୍ରାଲ ପ୍ରଭିନ୍‌ସେସ୍‌ )ର ପ୍ରତିନିଧିମାନେ ଯୋଗ ଦେଇଥିଲେ।

ପ୍ରାରମ୍ଭିକ ଭାଷଣରେ ଡଃ ଆମ୍ବେଦକର୍‌ କହିଥିଲେ, "ଆଜି ଓଡ଼ିଶା ଯେଉଁଭଳି ଦାରିଦ୍ର୍ୟମୟ ଅବସ୍ଥାରେ ଅଛି, ସେହିଭଳି ଅବସ୍ଥା କଣ ଲାଗି ରହିଥିବ ? ନା; ସେପରି ରହିବା ଦରକାର ନାହିଁ। ଓଡ଼ିଶାର କୋଇଲା, ଲୁହା, କ୍ରୋମ୍‌, ଗ୍ରାଫାଇଟ୍‌, ବକ୍‌ସାଇଟ୍‌, ଚୂନପଥର, ଅଭ୍ର, ମାଙ୍ଗାନିଜ ଓ ବାଉଁଶ ପ୍ରଭୃତି ସମ୍ବଳ ରହିଛି। ତାହାଛଡ଼ା ଆଉ ଗୋଟିଏ ମୂଲ୍ୟବାନ ସମ୍ପତ୍ତି ରହିଛି; ତାହା ହେଉଛି ଓଡ଼ିଶାର ଜଳ-ସମ୍ପଦ। ସେ ଅନୁଭବ କରିଥିଲେ ଯେ କେବଳ ବନ୍ୟା-ନିୟନ୍ତ୍ରଣ, ଜଳସେଚନ, ବିଦ୍ୟୁତ୍‌, ନୌଚାଳନ ଓ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ନଦୀଗୁଡ଼ିକୁ ଆୟତ୍ତ କରିବା ପାଇଁ ବହୁମୁଖୀ ବନ୍ଧମାନ ନିର୍ମାଣ କରିବା ଉପରେ ଓଡ଼ିଶାର ଦରିଦ୍ରତାର ସମାଧାନ ନିହିତ ରହିଛି। ସେ ଦୁଇଟି ବିଶେଷ ପ୍ରଶ୍ନ ଉଠାଇ ସେ ବିଷୟରେ ତୁରନ୍ତ ନିଷ୍ପତ୍ତି କରିବା ପାଇଁ ସମ୍ମିଳନୀକୁ ଆହ୍ୱାନ କରିଥିଲେ। ସେ କହିଲେ, "ପ୍ରଥମ ପ୍ରଶ୍ନ ହେଉଛି ପାଣି ଭିତରେ ବହୁ ଜମି ବୁଡ଼ିରହିବା ପାଇଁ ବ୍ୟବସ୍ଥା କରିବା। ବନ୍ଧ ନିର୍ମାଣଦ୍ୱାରା ସୃଷ୍ଟି ହେଉଥିବା ଜଳଭଣ୍ଡାର ଯୋଗୁଁ ଓଡ଼ିଶା ଏବଂ ପୂର୍ବାଞ୍ଚଳ ଗଡ଼ଜାତର ବହୁ ପରିମାଣ ଜମି ପାଣିରେ ବୁଡ଼ିରହିବ। ଯଦି ଏହି ବନ୍ଧଗୁଡ଼ିକୁ ନଦୀ ଓ ତାହାର ଉପନଦୀମାନଙ୍କର ଉପର ମୁଣ୍ଡଆଡ଼କୁ ତିଆରି କରାଯାଏ, ତେବେ ମଧ୍ୟପ୍ରଦେଶର କେତେକ ଅଞ୍ଚଳ ଜଳମଗ୍ନ ହେବ। ଏହି ସମ୍ମିଳିତ ପରିକଳ୍ପନାରୁ ସର୍ବମୋଟ କେତେ ଉପକାର ମିଳିବ, ତାହାକୁ ଆଖିରେ ରଖି ଏ ପ୍ରଶ୍ନର ଖଣ୍ଡି ନାଣ୍ଡି ବିଚାର କରାଯିବା ବିଧେୟ। ଯଦି ଏହି ନଦୀଗୁଡ଼ିକର ଜଳରାଶିକୁ ଅଯଥା ନଷ୍ଟ ହେବାକୁ ଓ ନଦୀର ଗତିପଥରେ କ୍ଷତି ଘଟାଇବାକୁ ଛାଡ଼ି ଦିଆନଯାଇ ଲାଭପ୍ରଦ ବ୍ୟବହାର ପାଇଁ ସଂରକ୍ଷଣ କରାଯାଏ, ତେବେ ବହୁ ଅଞ୍ଚଳ ଜଳମଗ୍ନ ହେବା ଅପରିହାର୍ଯ୍ୟ। ଜମିସବୁ ପାଣିରେ ବୁଡ଼ିରହିବା ଫଳରେ ଯେତିକି କ୍ଷତି ହେବ, ଉକ୍ତ ସମ୍ମିଳିତ ଓ ବହୁମୁଖୀ ଯୋଜନାଜନିତ ଉପକାର ତାହା ଅପେକ୍ଷା ଯଥେଷ୍ଟ ଅଧିକ ହେବ। କେବଳ ଯଦି ଏହାକୁ ଏକ ଆଞ୍ଚଳିକ ଯୋଜନା ବୋଲି ଗ୍ରହଣ କରାଯାଏ, ତେବେ

ହୀରାକୁଦ ବିଦ୍ୟୁତ୍‌-କକ୍ଷର ଉପର ମୁଣ୍ଡରେ ଥିବା ଜଳଭଣ୍ଡାର ( ହେଡ୍‌-ରେସ୍‌ ଜଳାଶୟର )



ପାଇଁ ଏ ଯୋଜନା ସଫଳ ହୋଇପାରିବ ।" ଏହି ପରିକଳ୍ପନା ଯେପରି ଗୋଟିଏ କର୍ତ୍ତୃପକ୍ଷଙ୍କଦ୍ୱାରା ଚାଳିତ ହୋଇପାରିବ, ସେଥିପାଇଁ ପ୍ରଦେଶ ଓ ଗଡ଼ଜାତମାନେ ନିଜ ନିଜ ଇଲାକାରେ ଭୂମି-ଅଞ୍ଚଳ ଉପରୁ ଅଧିକାର ତ୍ୟାଗ କରିବା ସମ୍ପର୍କରେ ଡଃ ଅମ୍ବେଦକର ଯେଉଁ ମୂଳ ପ୍ରଶ୍ନ ଉପସ୍ଥାପିତ କରିଥିଲେ, ଗଡ଼ଜାତ-ମିଶ୍ରଣ ପରେ ତାହାର ଆଉ କିଛି ମୂଲ୍ୟ ନାହିଁ । ଏହି ସମ୍ମିଳନୀରେ ଉକ୍ତ ଦୁଇଟି ପ୍ରଶ୍ନ ଉପରେ ସାଧାରଣ ସମ୍ମତି ପ୍ରକାଶ ପାଇଥିଲା ଏବଂ ସଂପୃକ୍ତ ଅଞ୍ଚଳର ଉନ୍ନୟନ ପାଇଁ ଏକ ବ୍ୟାପକ ପରିକଳ୍ପନା ପ୍ରସ୍ତୁତ କରିବା ଲକ୍ଷ୍ୟରେ ସେହି ଅଞ୍ଚଳରେ ପ୍ରାକୃତିକ ସମ୍ବଳ ଓ ପ୍ରାକୃତିକ ଗଠନ ସମ୍ପର୍କରେ ଖୁଣ୍ଟିନାଖି ସର୍ଭେ ଓ ଅନୁସନ୍ଧାନର ଆବଶ୍ୟକତା ଉପଲବ୍ଧି କରାଗଲା ।


ଏହି ଚୁକ୍ତିନାମା ଫଳରେ ମହାନଦୀ-ଅବବାହିକା ବିଶେଷତଃ ହୀରାକୁଦ ବନ୍ଧ ସମ୍ପର୍କରେ ଯଥାସମ୍ଭବ କ୍ଷିପ୍ରତାର ସହିତ ସର୍ଭେ ଓ ଅନୁସନ୍ଧାନ କାର୍ଯ୍ୟ କରାଗଲା । ଲର୍ଡ ଓ୍ୱାଭେଲଙ୍କ ନିର୍ଦ୍ଦେଶରେ ଭାରତ ସରକାର ଓ ଓଡ଼ିଶା ସରକାର ହୀରାକୁଦ ବନ୍ଧ ଯୋଜନାର ସର୍ଭେ, ଅନୁସନ୍ଧାନ, ଯନ୍ତ୍ରପାତି ସଂଗ୍ରହ ଓ ଅତ୍ୟାବଶ୍ୟକ ଗୃହ ନିର୍ମାଣ ପ୍ରଭୃତି ସମେତ ସମଗ୍ର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ରାଜି ହେଲେ ।

ସ୍ଥିର କରାଗଲା ଯେ ସାର୍ ହଥର୍ଣ୍ଣ ଲୁଇସ୍ ଓଡ଼ିଶାର ଗଭର୍ଣ୍ଣରପଦ ତ୍ୟାଗ କରିବା ପୂର୍ବରୁ ତାଙ୍କଦ୍ୱାରା ହୀରାକୁଦ ବନ୍ଧର ନିଅଁ-ପଥର ସ୍ଥାପନ କରାଯିବ ।

ଏ ଅନୁସାରେ ତା୧୫।୩।୧୯୪୬ରେ ସାର୍ ହଥର୍ଣ୍ଣ ଲୁଇସ୍ ହୀରାକୁଦ ବନ୍ଧର ଭିତ୍ତି-ପ୍ରସ୍ତର ସ୍ଥାପନ କଲେ । ନଦୀର ବାମ ପାର୍ଶ୍ୱ ବନ୍ଧରେ ହୀରାକୁଦ ପଥରବନ୍ଧର ପ୍ରାରମ୍ଭ ସ୍ଥାନରେ ଏହି ଭିତ୍ତି-ପ୍ରସ୍ତର ସ୍ଥାପନ କରାଯାଇଥିଲା । ସେହି ବନ୍ଧର ମାଟିଅଂଶରେ ୧୯୪୮ ଅପ୍ରେଲ ୧୩ ତାରିଖରେ ଆମର ପୂଜ୍ୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଉ ଏକ ଭିତ୍ତି-ପ୍ରସ୍ତର ସ୍ଥାପନ କରାଗଲା ।

ଏହି କାର୍ଯ୍ୟ ତରବରରେ ଆରମ୍ଭ କରାଯାଇଥିଲା ଓ ପ୍ରାରମ୍ଭିକ କାର୍ଯ୍ୟ ଚାଲିଥିଲାବେଳେ ତତ୍ସମ୍ପର୍କୀୟ ଅନୁସନ୍ଧାନ ଓ ନକ୍ସା-ପ୍ରସ୍ତୁତି କାର୍ଯ୍ୟ ଚାଲିଥାଏ; ଅଥଚ ଏଥିରେ ହିସାବ ଗରମେଳ ବା ଦୁର୍ଘଟଣା ନ ଘଟି ଯେଉଁପରି ସଫଳତା ହାସଲ କରାଯାଇଥିଲା, ତାହା ଓଡ଼ିଶା ପକ୍ଷେ ଗୌରବର ବିଷୟ । ୧୯୪୫ ମେ ମାସରେ ଆରମ୍ଭ ହୋଇ ୧୯୫୭ ଜାନୁଆରୀ ୧୩ ତାରିଖରେ ଆମ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ହେବା ପର୍ଯ୍ୟନ୍ତ—ମାତ୍ର ଏହି ୧୧ ବର୍ଷ ୮ ମାସ ମଧ୍ୟରେ ବିରାଟ ଯୋଜନାଟି ପୂର୍ଣ୍ଣାଙ୍ଗ ହୋଇଥିଲା ।


ଚିପିଲିମାଠାରେ ଏକ ବିରାଟକାୟ ବିଦ୍ୟୁତ୍-ଉତ୍ପାଦନକାରୀ ଯନ୍ତ୍ର



ଯଦି ୧୯୫୬ ମସିହାରେ ବିଦ୍ୟୁତ୍ ଉତ୍ପାଦନ ନେଇ ମତାନୈକ୍ୟ ଘଟି ନ ଥାନ୍ତା ଏବଂ ତା ଫଳରେ ନକ୍ସା ଓ ନିର୍ମାଣ କାର୍ଯ୍ୟକ୍ରମର ପରିବର୍ତ୍ତନ ଘଟି ନ ଥାନ୍ତା, ତେବେ ଏହି ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟ ମଧ୍ୟ ସେହି ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରିଥାନ୍ତା ।

ଭାରତ ସରକାରଙ୍କ ତତ୍କାଳୀନ ସେକ୍ରେଟେରୀ ମିଷ୍ଟର ଏସ୍. ସି. ସ୍ତ୍ରିଅର ଭିତ୍ତି-ସ୍ଥାପନ ଉତ୍ସବରେ ଭାରତ ସରକାରଙ୍କ ତରଫରୁ ଭାଷଣ ଦେଇ କହିଥିଲେ, 'ଆଶା କରାଯାଉଛି ଯେ କୃଷି ଓ ଶିଳ୍ପରୁ ଉପକାର ପାଇପାରିବା ଭଳି ଯଥାସମ୍ଭବ ପରିକଳ୍ପିତ ଗ୍ରାମ-ମାନଙ୍କରେ ଅନ୍ୟ ଜମି ଆକାରରେ କ୍ଷତିପୂରଣ ଦେବା ସମ୍ଭବ ହୋଇପାରେ ।' ଆଉ ମଧ୍ୟ ସେ କହିଥିଲେ, 'ଯୋଜନାଟି ଚୂଡ଼ାନ୍ତ ଅନୁମୋଦନ ଲାଭ କରିବା ପୂର୍ବରୁ ଅଧିକ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ଆବଶ୍ୟକ ପଡ଼ିବ । ଆମେ ଯାହା ବୁଝୁଛୁ, ଯଦି ଏସବୁ ଅନୁସନ୍ଧାନ ପାଇଁ ଆପଣମାନଙ୍କ ସରକାର ବୈଷୟିକ କର୍ମଚାରୀ ଯୋଗାଇବା କଷ୍ଟକର ଅନୁଭବ କରନ୍ତି, ତେବେ କେନ୍ଦ୍ରୀୟ ଜଳପଥ, ଜଳସେଚନ ଓ ନୌଚାଳନ କମିଶନଙ୍କ ଜରିଆରେ ଅନୁସନ୍ଧାନ କାର୍ଯ୍ୟ ଚଳାଇବାକୁ ଭାରତ ସରକାର ପ୍ରସ୍ତୁତ ଅଛନ୍ତି । ଆଉ ମଧ୍ୟ ଆମର ବୈଷୟିକ ଉପଦେଷ୍ଟାମାନେ ଯାହା କହୁଛନ୍ତି, ଯଦି ସେହି ଅନୁସାରେ ଏସବୁ ଅନୁସନ୍ଧାନ ଫଳରେ ଦେଖାଯାଏ ଯେ ନିର୍ମାଣ କାର୍ଯ୍ୟରେ ଆଗେଇ-ଯିବା ଉଚିତ ହେବ, ତାହାହେଲେ ନିର୍ମାଣ ପାଇଁ ସବୁପ୍ରକାରେ ବୈଷୟିକ ସାହାଯ୍ୟ ଏବଂ ଶୀଘ୍ର ଯୋଜନାର ସମାପ୍ତି ପାଇଁ ଆବଶ୍ୟକ ଓ ଯୁକ୍ତିଯୁକ୍ତ ଆର୍ଥିକ ସାହାଯ୍ୟ ମଧ୍ୟ ଭାରତ ସରକାର ଦେବେ ।'

ଏହି ଉତ୍ସବରେ ସହଯୋଗ କରିଥିବା ଓଡ଼ିଶା ଗଡ଼ଜାତର ପଲିଟିକାଲ ଏଜେଣ୍ଟ, ଶାସକ ଓ ସେମାନଙ୍କ ପ୍ରତିନିଧି ଏବଂ ମଧ୍ୟପ୍ରଦେଶ ସରକାରଙ୍କ



ପାଓ୍ୱାର ହାଉସ ଭିତରେ ଥିବା ବିଦ୍ୟୁତ୍-ଉତ୍ପାଦକ ଯନ୍ତ୍ର

ତରଫରୁ ଛତିଶଗଡ଼ ଡିଭିଜନର କମିଶନର ତଥା ଓଡ଼ିଶାର ମିଳିତ ମନ୍ତ୍ରିମଣ୍ଡଳର ପ୍ରଧାନମନ୍ତ୍ରୀ ପାରଳାଖେମୁଣ୍ଡି ମହାରାଜାଙ୍କର ଉପସ୍ଥିତିରେ ଆନନ୍ଦ



ମହାରାଜା, ପାରଳାଖେମୁଣ୍ଡି

ପ୍ରକାଶ କରି ସାର୍ ହଥର୍ଣ୍ଣ ଲୁଇସ୍ କହିଥିଲେ, 'ଆମ ପ୍ରଦେଶ ଯେଉଁସବୁ ବିରାଟ ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହେଉଛି, ତାହାହିଁ ଆମ ଦରିଦ୍ରତାର ପ୍ରଧାନ କାରଣ । ଯେଉଁସବୁ ନଦୀ ଅବାଧଭାବରେ ସେଗୁଡ଼ିକର ଜଳରାଶିକୁ ତ୍ରିକୋଣଭୂମି ଅଞ୍ଚଳରେ ଅଣାଉ ଦେଉଛନ୍ତି, ସେମାନଙ୍କର ଧ୍ୱଂସକାରୀ ବନ୍ୟା ହିଁ ଏଥିମଧ୍ୟରେ ସର୍ବପ୍ରଧାନ । ଏପରି କୌଣସି ସମୟ ବା ଯୁଗ ଆମକୁ ଜଣାନାହିଁ, ଯେତେବେଳେ କି ଓଡ଼ିଶା ଏସବୁ ଦୁଃଖକଷ୍ଟରୁ ମୁକ୍ତ ରହିଛି । ଜଣେ ଲେଖକ ସେଗୁଡ଼ିକୁ ସୁଦୂର ଅତୀତରୁ ଉଡ଼ିଆସିଥିବା ବିରାଟ ପ୍ରେତରୂପୀ ବନ୍ୟା ଓ ଦୁର୍ଭିକ୍ଷରୂପେ ବର୍ଣ୍ଣନା କରିଛନ୍ତି । ପ୍ରକୃତିର ଏସବୁ ବିରାଟ ଶକ୍ତିକୁ ଆୟତ୍ତାଧୀନ କରିବା ପାଇଁ ମନୁଷ୍ୟ ଯେତେ ଚେଷ୍ଟା କରିଥିଲେ ସୁଦ୍ଧା, ତାହା ସତ୍ତ୍ୱେ ସେଗୁଡ଼ିକ ଏବେ ବି ଆମ ଆଗରେ ରହିଛି । ଆଜ ମହାନଦୀର ଜଳରାଶିକୁ ଆୟତ୍ତ କରିବା ପାଇଁ ଆମେ ଯେଉଁ ଯୋଜନା ସୃଷ୍ଟି କରୁଛୁ, ତାହାଦ୍ୱାରା ବନ୍ୟା, ମରୁଡ଼ି ଓ ଦୁର୍ଭିକ୍ଷ ଲୋପ ପାଇଯିବ ଏବଂ ତା



ରାଜ୍ୟପାଳ ଡଃ ଖୋସଲା ଇଞ୍ଜିନିୟରମାନଙ୍କ ସହ ଟିକରପଡ଼ା ବନ୍ଧ (ପ୍ରସ୍ତାବିତ) ସମ୍ପର୍କରେ ଆଲୋଚନାରତ

ପରିବର୍ତ୍ତେ ଏସବୁ-ଉପଦ୍ରବଙ୍କର ଦୁର୍ବିପାକରୁ ଆମ୍ଭେମାନେ ନିସ୍ତାର ପାଇପାରିବୁ ଏବଂ ଏହି ଗଠନମୂଳକ ପ୍ରଚେଷ୍ଟା ଯୋଗୁଁ ଓଡ଼ିଶାର ଦାରିଦ୍ର୍ୟ ଘୁଞ୍ଚିଯିବ ବୋଲି ଆମ୍ଭେମାନେ ଆଶା କରୁଁ ।'

ଶିଳାନ୍ୟାସରେ ସେ କହିଥିଲେ, 'ମୋର ଦୃଢ଼ ବିଶ୍ୱାସ ଯେ ଯେତେବେଳେ ଏହି ବନ୍ଧ ନିର୍ମିତ ହୋଇଯିବ, ସେତେବେଳେ ତାହା ଆମର ସର୍ବୋଚ୍ଚ ଆଶା ପୂରଣ କରିବ ଏବଂ ଆମ ଲୋକଙ୍କ ସମୃଦ୍ଧି ଓ ସନ୍ତୋଷର କାରଣ ହେବ । ଏ ଦିନଟି ସମ୍ବଲପୁର ଓ ଓଡ଼ିଶା ଉଭୟଙ୍କ ଇତିହାସରେ ଏକ ସ୍ମରଣୀୟ ଦିନ ।'

ସମସ୍ତ ସଂପୃକ୍ତ ସରକାର ଓ ଲୋକଙ୍କ ଆଶୀର୍ବାଦ-କ୍ରମେ ଏହି ଯେଉଁ ଯୋଜନା ଆରମ୍ଭ କରାଯାଇଥିଲା, ତାହା ଅଳ୍ପକାଳ ପରେ ବାଦ-ବିସମ୍ବାଦ ଓ ଆକ୍ରମଣର ଲକ୍ଷ୍ୟସ୍ଥଳ ହୋଇଥିଲା । ବହୁ ପରିମାଣରେ ଚାଷଜମି ପାଣିରେ ବୁଡ଼ିରହିବା ହିଁ ଏହାର ପ୍ରଧାନ କାରଣ ଥିଲା । ବୈଷୟିକ ପ୍ରସ୍ତୁତପକ୍ଷଦ୍ୱାରା ଓ ଅନ୍ୟ ଉପାୟରେ ପ୍ରମାଣ କରିବାକୁ ଚେଷ୍ଟା କରାଗଲା ଯେ ଏ ଯୋଜନାଟିର ପରିକଳ୍ପନା ପୂରାପୂରି ଭୁଲ ଓ ଏଥିରେ ବହୁତ କ୍ଷତି ହେବ ଏବଂ ଯୋଜନାର ଭବିଷ୍ୟତ-ବାଣୀରେ ଯେତିକି ଜଳସେଚନ ଓ ବିଦ୍ୟୁତ୍ ଶକ୍ତି ମିଳିବ ବୋଲି ହିସାବ କରାଯାଇଛି, ପ୍ରକୃତ ବିଦ୍ୟୁତ୍ ସରବରାହ ଓ ଜଳସେଚନ ତାହାର କେତେକାଂଶରୁ ଅଧିକ ହେବ ନାହିଁ । ସେତେବେଳେ ଯଦି ଅବସ୍ଥା ସମ୍ଭାଳିବାରେ ସରକାର ଆତ୍ମବିଶ୍ୱାସ ଓ ଦୃଢ଼ତା ଦେଖାଇ ନ ଥାନ୍ତେ, ତେବେ ଏଭଳି ଆନ୍ଦୋଳନ ଯୋଗୁଁ ସମଗ୍ର ଯୋଜନା କ୍ଷତିଗ୍ରସ୍ତ ଓ ବିଳମ୍ବିତ ହୋଇଥାନ୍ତା ।

ଏହା ସତ୍ତ୍ୱେ ବି ଯୋଜନା କାର୍ଯ୍ୟ ନିର୍ବିଘ୍ନରେ ଚାଲି ପାରି ନ ଥିଲା । ୧୯୫୧ ଜୁନ୍ ମାସରେ ହୀରାକୁଦ ବନ୍ଧ ପରିଚାଳନା ନେଇ ସାଂଗଠନିକ ଅସୁବିଧା ଦେଖାଦେଇଥିଲା ଓ ତାହାର ଅଳ୍ପକାଳ ପରେ ଚିପିଲିମା ବିଦ୍ୟୁତ୍ କେନ୍ଦ୍ରର କାର୍ଯ୍ୟ ଆଗେଇନେବା ବାଞ୍ଛନୀୟ କି ନୁହେଁ, ସେଥିରେ ସନ୍ଦେହ ପ୍ରକାଶ କରାଯାଇଥିଲା । ଏଥିରେ ପ୍ରଧାନ ଯୁକ୍ତି ଦର୍ଶାଯାଇଥିଲା ଯେ ସେଥିରୁ ଯେତେ ବିଦ୍ୟୁତ୍ ମିଳିବ ବୋଲି କୁହାଯାଇଛି, ତାହା ଭୁଲ୍ ଏବଂ ପ୍ରକୃତରେ କେତେ ବିଦ୍ୟୁତ୍ ଦରକାର ହେବ, ତାହା ନ ଜାଣି ଏଥିରେ ଅନାବଶ୍ୟକ ଟଙ୍କା ଖଟାଇବା ଅର୍ଥ—ବୁଡ଼ାଏ ଟଙ୍କା ପାଣିରେ ପକାଇବା । ସେତେବେଳକୁ ବିଦ୍ୟୁତ୍ କଳଗୁଡ଼ିକ ଯଥାସ୍ଥାନରେ ପହଞ୍ଚି ସାରିଥାଏ । ବିଦ୍ୟୁତ୍ ଘରର କାନ୍ଥ ଖୋଲା ସରି ଛାଡ଼ିଦେଇ ଉଦ୍ଦେଶ୍ୟରେ କଂକ୍ରିଟ୍ ମହଜୁଦ ରଖାଥାଏ ଏବଂ ୧୯୫୩ରେ ଚିପିଲିମାଠାରେ ବିଦ୍ୟୁତ୍-ଘଣ୍ଟା ସ୍ଥିର କରିବା ପାଇଁ ସବୁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇସାରିଥାଏ । ଅଥଚ ଚିପିଲିମା ବିଦ୍ୟୁତ୍ ତଥ୍ୟ ସଂପର୍କୀୟ ସବୁକାମ ବନ୍ଦ ରଖି ବିଦ୍ୟୁତ୍ କଳଗୁଡ଼ିକୁ ଯାହା-ତାହା ମୂଲ୍ୟରେ ବିକ୍ରୟ କରିଦେବା କିମ୍ବା ଆବଶ୍ୟକୀୟ ପରିବର୍ତ୍ତନ ସହିତ ହୀରାକୁଦ ବିଦ୍ୟୁତ୍-ଘରରେ ସେଗୁଡ଼ିକୁ ଖଞ୍ଜିବାର ନିଷ୍ପତ୍ତି କରାଗଲା । ଏହି ନିଷ୍ପତ୍ତି ବଡ଼ ଦୁର୍ଭାଗ୍ୟ ଓ ବହୁ ବ୍ୟୟର କଥା । ଏହା ଫଳରେ ପୂର୍ବରୁ ହୋଇଥିବା କାର୍ଯ୍ୟ ବନ୍ଦ କରିବାକୁ ପଡ଼ିଥାନ୍ତା ଏବଂ ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ରଗୁଡ଼ିକୁ ପୃଥକ ଖଞ୍ଜି କିମ୍ବା ବହୁ ଖର୍ଚ୍ଚସାପେକ୍ଷ ପରିବର୍ତ୍ତନକ୍ରମେ ହୀରାକୁଦ ଘରରେ ଖଞ୍ଜିବାଦ୍ୱାରା ପ୍ରଚୁର କ୍ଷତି ହୋଇଥାନ୍ତା, ତାହା ଛଡ଼ା ଏହି କାର୍ଯ୍ୟ ଫଳରେ ଏହି ଯୋଜନାର ପ୍ରଥମ ବିଦ୍ୟୁତ୍ ଉତ୍ପାଦନ ତିନି ବର୍ଷ ପଛେଇଗଲା ଓ ଚିପିଲିମା ବିଦ୍ୟୁତ୍ ସରବରାହ ନଅ-ଦଶ ବର୍ଷ ଡେରି ହୋଇଗଲା ( ଏଠାକାର ପ୍ରଥମ ଯନ୍ତ୍ରଟି ମାତ୍ର ୧୯୬୨ ଜୁଲାଇ ମାସରେ କାର୍ଯ୍ୟକାରୀ ହେଲା) ।

କେତେ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ସମ୍ଭବ ହେବ ସେ ସମ୍ପର୍କୀୟ ଭବିଷ୍ୟତ-ବାଣୀ ବିଫଳ ହେବାର

କ୍ରମ

ଏହା ଗୋଟିଏ ମାତ୍ର ଦୃଷ୍ଟାନ୍ତ ନୁହେଁ । ଯୁକ୍ତରାଷ୍ଟ୍ରର ଟେନେସୀ ଯୋଜନାର ଫଣ୍ଟାନା ବନ୍ଧ ଓ ଗ୍ରାଣ୍ଡକୁଲି ବନ୍ଧ ସଂପର୍କରେ ଏଭଳି ମତଦ୍ୱୈଧ ଘଟିଥିଲା । ଆମ ଦେଶରେ ପ୍ରାୟ ଏହି ସମୟରେ ହୀରା ବନ୍ଧରେ ବିଦ୍ୟୁତ୍ ଉତ୍ପାଦନ ନେଇ ଏହିଭଳି ତର୍କ-ବିତର୍କ ଚାଲିଥିଲା । ଯୋଜନା କର୍ତ୍ତୃପକ୍ଷ ଯେଉଁ ଭବିଷ୍ୟତ-ବାଣୀ ଦାଖଲ କରିଥିଲେ, ତାହାର ପ୍ରତିକୂଳରେ ବିଶେଷଜ୍ଞ ଯୋଜନାକାରମାନେ ୧୯୫୨ରେ ଭବିଷ୍ୟତ-ଉକ୍ତି ପ୍ରକାଶ କଲେ ଯେ ଯଦି ନଙ୍ଗଲ କେନାଲର ଦୁଇଟିଯାକ ବିଦ୍ୟୁତ୍ କକ୍ଷରେ ୨୪,୦୦୦ କିଲୋୱାଟ୍‌ର ଉଭୋଟିଯାକ ୟୁନିଟ୍ ବସାଯାଏ, ତେବେ ୧୯୬୯ ସୁଦ୍ଧା ହୀରା ବନ୍ଧରେ ୯୦,୦୦୦ କିଲୋୱାଟ୍ ଶକ୍ତି-ବିଶିଷ୍ଟ ଗୋଟିଏ ମାତ୍ର ୟୁନିଟ୍ ଦରକାର ପଡ଼ିବ ଏବଂ ଯଦି କେନାଲ ବିଦ୍ୟୁତ୍ କେନ୍ଦ୍ରରେ ତୃତୀୟ ବିଦ୍ୟୁତ୍ ସଂସ୍ଥାଟି ବସା ନ ଯାଏ ତେବେ ୧୯୬୪ ସୁଦ୍ଧା ୯୦,୦୦୦ କିଲୋୱାଟ୍ ଶକ୍ତିବିଶିଷ୍ଟ ଗୋଟିଏ ମାତ୍ର ୟୁନିଟ୍ ଦରକାର ହେବ । ଯୋଜନାକାରମାନଙ୍କ ଏସବୁ ଭବିଷ୍ୟତ କଥନ ଯୋଗୁଁ ପାୱାର ହାଉସର ଛାତ-ଉପର କାମ ଓ ଯନ୍ତ୍ରପାତି ବସାଇବା ସମ୍ପର୍କୀୟ ମଞ୍ଜୁରି ଉପରେ ହୀରା କର୍ତ୍ତୃପକ୍ଷଙ୍କୁ ବହୁତ ସଂଗ୍ରାମ ଚଳାଇବାକୁ ପଡ଼ିଲା । ଅବଶ୍ୟ ଆଶ୍ଚର୍ଯ୍ୟର କଥା, ଏସବୁ ମଞ୍ଜୁରି ବିଳମ୍ବରେ ହେଲେ ହେଁ, ମିଳିଲା ଏବଂ ପ୍ରତ୍ୟେକଟି ୯୦,୦୦୦ କିଲୋୱାଟ୍ ଶକ୍ତିବିଶିଷ୍ଟ ପାଞ୍ଚଟି ୟୁନିଟ୍ ବାମ ଶାଖା ପାୱାର ହାଉସରେ ପ୍ରତିଷ୍ଠା କରାଗଲା । ଏହାଛଡ଼ା ଦକ୍ଷିଣ ତଟ ବିଦ୍ୟୁତ୍-କକ୍ଷରେ ପ୍ରତ୍ୟେକଟି ୧,୨୦,୦୦୦ କିଲୋୱାଟ୍-ବିଶିଷ୍ଟ ପାଞ୍ଚଟି ଅତିରିକ୍ତ ୟୁନିଟ୍ ପାଇଁ ମଞ୍ଜୁରି ମିଳିଗଲା । ଆଶା କରାଯାଉଛି ଯେ ସବୁ ୟୁନିଟ୍‌ଯାକ ୧୯୬୫-୬୬ ସୁଦ୍ଧା ପୂରା ହୋଇଯିବ । ଯୋଜନାକାରମାନେ ୧୯୫୯ରେ ହୀରା ବନ୍ଧରେ ୯୦,୦୦୦ କିଲୋୱାଟ୍‌ର ଗୋଟିଏ ୟୁନିଟ୍ ରହିବ ବୋଲି ଅଟକଳ କରିଥିବାସ୍ଥଳେ ଏସବୁ କାର୍ଯ୍ୟ ଫଳରେ ହୀରା ବନ୍ଧଠାରେ ୧୯୬୫-୬୬ ସୁଦ୍ଧା ଉତ୍ପାଦନ ସାମର୍ଥ୍ୟ ୧,୫୦,୦୦୦ କିଲୋୱାଟ୍ ହେବ ଓ ନଙ୍ଗଲ କେନାଲ ବିଦ୍ୟୁତ୍-କକ୍ଷରେ ୧,୪୮,୦୦୦ କିଲୋୱାଟ୍ (ଏହା ସ୍ଥାପିତ ହୋଇସାରିଛି) ଶକ୍ତି ମିଳିବ ।

ସବୁ ଶିଳ୍ପୋନ୍ନତ ଦେଶର ଅଭିଜ୍ଞତା ହେଉଛି ଯେ ବିଦ୍ୟୁତ୍ ମିଳିବା ପରେ ପରେ ଶିଳ୍ପ-ବିକାଶ ହୋଇଥାଏ—ତା ଆଗରୁ ନୁହେ । ଆଉ ମଧ୍ୟ ଅନେକ କ୍ଷେତ୍ରରେ ବିଦ୍ୟୁତ୍ ଉତ୍ପାଦନ କରିବା ପୂର୍ବରୁ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରତିଶ୍ରୁତି ଦିଆଯାଇଥାଏ । ଶିଳ୍ପୋନ୍ନତ ଦେଶମାନଙ୍କରେ ତ ବାରମ୍ବାର ଏ ଶିକ୍ଷା ମିଳିଛି । ଭାରତୀୟ ଯୋଜନାମାନଙ୍କ ସମ୍ପର୍କରେ ମଧ୍ୟ ଏହି ଶିକ୍ଷା ଏକାନ୍ତ ପ୍ରଯୁଜ୍ୟ ବୋଲି ପ୍ରମାଣିତ ହୁଏ । ଆଜି ବିଦ୍ୟୁତ୍ ଅଭାବ ପଡ଼ୁଥିବାର ପ୍ରଧାନ କାରଣ ହେଉଛି, ଉକ୍ତ ଶିକ୍ଷାର ସୁଯୋଗ ନେବା ପାଇଁ ଆମ୍ଭମାନଙ୍କର ଦୋଦୋଳ୍ୟମାନ ଭାବ ।

ଆଧୁନିକ ସମାଜରେ ମୁଣ୍ଡପିଛା ବିଦ୍ୟୁତ୍ ଖର୍ଚ୍ଚରୁ ସଭ୍ୟତାର ଉନ୍ନୟନ ଓ ଲୋକମାନଙ୍କ ସମୃଦ୍ଧିର ସୂଚନା ମିଳେ । ହୀରାକୁଦ ବିଦ୍ୟୁତ୍‌ଶକ୍ତି ମିଳିବା ପୂର୍ବରୁ ଓଡ଼ିଶାରେ ମୁଣ୍ଡପିଛା ବିଦ୍ୟୁତ୍‌ର ବ୍ୟବହାର ନଗଣ୍ୟ ଥିଲା । ପ୍ରଥମ ପଞ୍ଚବାର୍ଷିକ ଯୋଜନା କାଳରେ ରାଜ୍ୟରେ ଆଦୌର ୧୭,୨୮୫ କିଲୋୱାଟ୍ ବିଦ୍ୟୁତ୍ ଶକ୍ତି ସ୍ଥାପନ କରାଗଲା । ଏହା ସମଗ୍ର ଦେଶର ପ୍ରତିଷ୍ଠିତ ସାମର୍ଥ୍ୟର ୧.୧୭% । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ହୀରାକୁଦ ଯୋଜନାର ପ୍ରଥମ ପର୍ଯ୍ୟାୟ ଓ ମାଚ୍ଛକୁଣ୍ଡ ଜଳବିଦ୍ୟୁତ୍ ଯୋଜନାର ସମ୍ପାଦନ ଫଳରେ ବିଦ୍ୟୁତ୍‌ଶକ୍ତିର ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଥିଲା; ଯଥା—

ହୀରାକୁଦ ଯୋଜନା—୩୭.୫ ମେଗାୱାଟର
୧ଟି ୟୁନିଟ୍ = ୭୫ ମେଗାୱାଟ
୨୪ ମେଗାୱାଟର
୨ଟି ୟୁନିଟ୍ = ୪୮ ମେଗାୱାଟ

୧୨୩ ମେଗାୱାଟ

ମାଛକୁଣ୍ଡ ଯୋଜନା— ୩୪.୪ ମେଗାୱାଟ
(ଓଡ଼ିଶା ଭାଗ)

ସମସ୍ତେ ଜାଣନ୍ତି, ଓଡ଼ିଶାରେ ପ୍ରଚୁର ଖଣିଜ ଓ ଜଙ୍ଗଲ-ସମ୍ପଦ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି । ମାଛକୁଣ୍ଡ ଓ ହୀରାକୁଦରୁ ଜଳବିଦ୍ୟୁତ୍‌ଶକ୍ତି ମିଳିବା ସଙ୍ଗେ ସଙ୍ଗେ ହୀରାକୁଦର ଆଲୁମିନିୟମ କାରଖାନା, ଜୋଡ଼ା ଓ ରାୟଗଡ଼ାରେ ଫେରୋମାଙ୍ଗାନିଜ କାରଖାନା, ରାଉରକେଲାରେ ଇସ୍ପାତ୍ କାରଖାନା ଏବଂ କାଗଜ ଓ ଅନ୍ୟାନ୍ୟ କାରଖାନା ସ୍ଥାପିତ ହୋଇଛି ।

ହୀରାକୁଦ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ହୀରାକୁଦ ବନ୍ଧ ବିଦ୍ୟୁତ୍-ଗୃହରେ ୩୭.୫ ମେଗାୱାଟ ବିଶିଷ୍ଟ ୨ଟି ୟୁନିଟ ଓ ଚିପିଲିମାଠାରେ ୨୪ ମେଗାୱାଟ ବିଶିଷ୍ଟ ୩ଟି ୟୁନିଟ୍‌ର ବ୍ୟବସ୍ଥା ରହିଥିଲା । ଏ କାର୍ଯ୍ୟ ୧୯୬୦ରେ ଆରମ୍ଭ ହୋଇଥିଲା । ଆଜିର ଏ ଅନୁଷ୍ଠାନ ଦ୍ୱିତୀୟ ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବାର ପ୍ରମାଣ ।

ହୀରାକୁଦ ବିଦ୍ୟୁତ୍‌ମଣ୍ଡଳର ମୋଟ ପ୍ରତିଷ୍ଠିତ ସାମର୍ଥ୍ୟ ବର୍ତ୍ତମାନ ୨୭୦ ମେଗାୱାଟ । କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଲଗାଯିବା ପାଇଁ ମିଳୁଥିବା ବିଦ୍ୟୁତ୍‌ଶକ୍ତିର ପରିମାଣ ପ୍ରାୟ ୧୨୦ ମେଗାୱାଟ ହେବ । ରାଉରକେଲା ଇସ୍ପାତ୍ କାରଖାନାର ତାପଜ ବିଦ୍ୟୁତ୍ କେନ୍ଦ୍ର ସହିତ ହୀରାକୁଦ ବିଦ୍ୟୁତ୍ ସଂସ୍ଥାକୁ ମିଶାଇ ଦିଆଯାଇଛି ଏବଂ ୧୯୭୫ ସୁଦ୍ଧା ତାଳଚେର ତାପ-ବିଦ୍ୟୁତ୍ କେନ୍ଦ୍ର ଯୋଜନାମାନ କାର୍ଯ୍ୟକାରୀ ହୋଇଗଲେ ଏ ତିନୋଟି ସଂସ୍ଥାକୁ ମିଶାଇ ଦିଆଯିବ ।

ଅଧ୍ୟୟନ ଫଳରେ ଜଣାପଡ଼ୁଛି ଯେ ଏହି ତିନୋଟି-ଯାକ ସଂସ୍ଥା ଏକାଠି ମିଶି ମଧ୍ୟ ସର୍ବାଧିକ ବିଦ୍ୟୁତ ଚାହିଦା ଅପେକ୍ଷା ୧୦୦ ମେଗାୱାଟରୁ ଅଧିକ ଶକ୍ତି ଯୋଗାଇ ପାରିବ । ତେଣୁ ଅଧିକା ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପାଇଁ ଚିପିଲିମାଠାରେ ଆଉ କେତୋଟି ୟୁନିଟ୍ ବସାଇବାର ପ୍ରସ୍ତାବ ରହିଛି ।

ଓଡ଼ିଶା ସରକାର ଏ ସଂପର୍କରେ ଯେଉଁ ଅଧ୍ୟୟନ ଚଳାଇଥିଲେ, ସେଥିରୁ ଦେଖାଯାଇଛି ଯେ ତୃତୀୟ ଯୋଜନା ଶେଷ ସୁଦ୍ଧା ଏ ରାଜ୍ୟରେ ୭୩୭ ମେଗାୱାଟ ବିଦ୍ୟୁତ୍‌ଶକ୍ତି ଦରକାର ହେଉଥିବା ସ୍ଥଳେ ହୀରାକୁଦ-ରାଉରକେଲା-ତାଳଚେର ମିଳିତ ଯୋଜନା ଓ ମାଛକୁଣ୍ଡ ଜଳବିଦ୍ୟୁତ୍ ଯୋଜନାରୁ ମୋଟ ୩୧୯ ମେଗାୱାଟ ବିଦ୍ୟୁତ୍ ମିଳୁଥିବ । ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ଏ ରାଜ୍ୟରେ ବିଦ୍ୟୁତ୍‌ଶକ୍ତିର ଆବଶ୍ୟକତା ପ୍ରାୟ ୧୫୩୭ ମେଗାୱାଟକୁ ବୃଦ୍ଧି ପାଇବ ବୋଲି ଅଟକଳ କରାଯାଇଛି । ଯଦି ବିଦ୍ୟୁତ୍ ଅଭାବରୁ ରାଜ୍ୟର ଶିଳ୍ପବିକାଶ ବ୍ୟାହତ ହେବାକୁ ଦିଆ ନ ଯାଏ, ତେବେ ଆହୁରି ୮୦୦ ମେଗାୱାଟ ବିଦ୍ୟୁତ୍-ଶକ୍ତି ପାଇଁ ବ୍ୟବସ୍ଥା କରିବାକୁ ହେବ । ଏହି ସମସ୍ୟା ପ୍ରତି ବର୍ତ୍ତମାନ ରାଜ୍ୟ ସରକାର ଗଭୀର ଧ୍ୟାନ ଦେଉଛନ୍ତି । ବର୍ତ୍ତମାନ ପରୀକ୍ଷାଧୀନ ଥିବା ଟିକରପଡ଼ା ଜଳବିଦ୍ୟୁତ୍ ଯୋଜନା ଚତୁର୍ଥ ଓ ପରବର୍ତ୍ତୀ ଯୋଜନା କାଳରେ ଓଡ଼ିଶାର ଏହି ବିଦ୍ୟୁତ୍-ଅଭାବ ତଥା ପଡ଼ୋଶୀ ରାଜ୍ୟମାନଙ୍କର ବିଦ୍ୟୁତ୍ - ଚାହିଦା କେତେକାଂଶରେ ପୂରଣ କରିପାରିବ ।

ଏହି ଅବସ୍ଥାରେ ମୁଁ * 'ଓଡ଼ିଶାର ଶିଳ୍ପ-ଗଠନର ଦଶାବ୍ଦୀ (ମେ ୧୯୬୭)' ନାମକ ପୁସ୍ତିକା-ସ୍ଥିତ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଛି । ଏଥିରେ ଓଡ଼ିଶାର ବିଭିନ୍ନ ସମସ୍ୟା ଓ ସମ୍ଭାବନା ତଥା ରାଜ୍ୟର ଶିଳ୍ପବିକାଶ ଓ ସାଧାରଣ ସମୃଦ୍ଧି ପାଇଁ ସେହି ସମ୍ଭାବନାର ବିକାଶ ସଂପର୍କରେ ଆଲୋଚନା କରାଯାଇଛି ।

ଗୋଟିଏ ବଡ଼ ସମସ୍ୟା ହେଉଛି, ଜଳଭଣ୍ଡାର-ଯୋଗୁଁ ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ହେବା ଏବଂ ଏହା ଫଳରେ ସ୍ଥାନଚ୍ୟୁତ ବହୁଲୋକଙ୍କୁ ଅନ୍ୟତ୍ର ଥଇଥାନ କରାଇବା । ଏହା ଏକ ମାନବିକ ସମସ୍ୟା । ଯେତେଥିଲୁ ଅଗତ୍ୟା ସ୍ଥାନଚ୍ୟୁତ ବ୍ୟକ୍ତିମାନଙ୍କୁ ତାଙ୍କ ପୂର୍ବ ବାସସ୍ଥାନ ଅପେକ୍ଷା ଉନ୍ନତତର ଅଞ୍ଚଳରେ ଥଇଥାନ କରାଇ ଯଥେଷ୍ଟ ପରିମାଣରେ କୃଷି, ଶିକ୍ଷା ଓ ଶିଳ୍ପ-ସୁବିଧା ତଥା ଲାଭପ୍ରଦ ନିଯୁକ୍ତିର ସୁଯୋଗ ଯୋଗାଇ-ଦେବା ଆବଶ୍ୟକ ।

●

* ନଭେମ୍ବର ସଂଖ୍ୟା 'ଉତ୍କଳ ପ୍ରସଙ୍ଗ' ଦ୍ରଷ୍ଟବ୍ୟ

—ସଂପାଦକ

## ସହର ତଥା ଗ୍ରାମାଞ୍ଚଳରେ ବିଦ୍ୟୁତ ଯୋଗାଣ

ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ୫୦୦୦ରୁ ଊର୍ଦ୍ଧ୍ୱ ଲୋକସଂଖ୍ୟାବିଶିଷ୍ଟ ସମସ୍ତ ସହର ଓ ଗ୍ରାମ ଏବଂ ୨୦୦୦ରୁ ୫୦୦୦ ଲୋକସଂଖ୍ୟା-ବିଶିଷ୍ଟ ଗ୍ରାମ ମଧ୍ୟରୁ ଶତକଡ଼ା ୫୦ଭାଗ ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯିବ ।

ଗତବର୍ଷ ମାର୍ଚ୍ଚ ସୁଦ୍ଧା ସର୍ବମୋଟ ୩୨,୫୦୦ ସହର ଓ ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି । ପଣ୍ଡିଚେରି, ଗୋଆ, ଦାମନ ଓ ଡିଉ ସମେତ କେନ୍ଦ୍ର ଶାସିତ ଅଞ୍ଚଳରେ ୩୬ଟି ସହର ଓ ୧୭୬ଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି ।

ଏ ବିଗରେ ବିଭିନ୍ନ ରାଜ୍ୟ ସରକାରମାନଙ୍କୁ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଯୋଗାଣ ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଋଣ ସୂତ୍ରରେ ଅର୍ଥ ଦିଆଯାଉଛି । ଚତୁର୍ଥ ଯୋଜନାର ପ୍ରଥମ ଦୁଇବର୍ଷ ମଧ୍ୟରେ ୧୩ଟି ରାଜ୍ୟ ସରକାରଙ୍କୁ ୨୨୪ କୋଟି ଟଙ୍କା ଋଣ ଆକାରରେ ଦିଆଯାଇଛି ।

ଜରୁରି ପରିସ୍ଥିତରେ—

# ଉତ୍ପାଦନ - ବୃଦ୍ଧି ହିଁ

ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ

# ବନ୍ୟ-ଜନ୍ତୁ ସଂରକ୍ଷଣ

ଶ୍ରୀ ବୃନ୍ଦାବନଚନ୍ଦ୍ର ପଟ୍ଟନାୟକ
( ଡେପୁଟି ସେକ୍ରେଟେରୀ )

●

୧୯୬୩ ଅକ୍ଟୋବର ପହିଲାଠାରୁ ୭ ତାରିଖ ପର୍ଯ୍ୟନ୍ତ ବନ୍ୟ-ଜନ୍ତୁ ସଂରକ୍ଷଣ-ସପ୍ତାହ ପାଳିତ ହୋଇଛି । ବନଭୂମିଯୋଗୁଁ ଓଡ଼ିଶାରେ ଏ ସପ୍ତାହ ପାଳନର ମୂଲ୍ୟ ଥିବା ଦୃଷ୍ଟିରୁ ଗ୍ରାମଗୋଷ୍ଠୀ ଉନ୍ନୟନ ବିଭାଗର ଡେପୁଟି ସେକ୍ରେଟେରୀ ଶ୍ରୀ ପଟ୍ଟନାୟକଙ୍କ ପ୍ରେରିତ ପ୍ରବନ୍ଧଟି ଉପାଦେୟ ।

—ସମ୍ପାଦକ

ଏ ବର୍ଷ ଅକ୍ଟୋବର ୧ତାରିଖଠାରୁ ୭ତାରିଖ ଯାଏଁ ଗୋଟିଏ ସପ୍ତାହ ବନ୍ୟଜନ୍ତୁ-ସପ୍ତାହରୂପେ ପାଳିତ ହେବ ବୋଲି ଧାର୍ଯ୍ୟ ହୋଇଅଛି । ଜାତି ଓ ଦେଶ ପକ୍ଷରେ ବନ-ସମ୍ପଦ ଖୁବ୍ ମୂଲ୍ୟବାନ । ଏହି ବନ-ସମ୍ପଦର ଦୁଇଟି ଅଙ୍ଗରୁ ଗୋଟିଏ ବୃକ୍ଷଲତା, ଅନ୍ୟଟି ବନ୍ୟଜନ୍ତୁ । ପ୍ରଥମଟିର ବୃଦ୍ଧିଲାଗି ଆମ୍ଭେମାନେ ବନ ମହୋତ୍ସବ ପାଳନ କରିଆସୁଛୁଁ । ଦ୍ୱିତୀୟଟିର ସଂରକ୍ଷଣ ଲାଗି ଉଚିତ ମନୋଭାବ ସୃଷ୍ଟି କରିବା, ବନ୍ୟଜନ୍ତୁ-ସପ୍ତାହ ପାଳନର ଉଦ୍ଦେଶ୍ୟ ।

ଏହାର ଯଥାର୍ଥତା ନେଇ କେତେକଙ୍କ ମନରେ ସନ୍ଦେହ ଜାତ ହୁଏ । ବନ୍ୟଜନ୍ତୁ ସଂରକ୍ଷଣଦ୍ୱାରା ଆମର ଶସ୍ୟସମ୍ପଦ ପ୍ରତି ଏବଂ ଆମର ଗୃହପାଳିତ ପଶୁମାନଙ୍କ ପ୍ରତି ତଥା ଆମ ଜୀବନ ପ୍ରତି ବିପଦର ବୃଦ୍ଧି ହେବ ବୋଲି ଆଶଙ୍କା ଜାତ ହୁଏ । ଭଲରୂପେ ବିଚାର କରି ଦେଖିଲେ ଏ ବିଷୟର ସତ୍ୟତା ଉପଲବ୍ଧ ହେବ ।

ବନ୍ୟଜନ୍ତୁ ଆମର ଶସ୍ୟ-ସମ୍ପଦ ନଷ୍ଟ କରନ୍ତି, ଆମର ଗାଈଗୋରୁ ପ୍ରଭୃତିଙ୍କୁ ନାଶ କରନ୍ତି ଓ କେତେକ ସ୍ଥାନରେ ଆମର ଜୀବନ ମଧ୍ୟ ନିଅନ୍ତି । ତେଣୁ ସେମାନଙ୍କୁ ଧ୍ୱଂସ କରିବା ଉଚିତ ଓ ବନ୍ୟଜନ୍ତୁ ସଂରକ୍ଷଣ ଗୋଟାଏ ପାଗଳାମି ବୋଲି କେତେକ ଭାବନ୍ତି । ସେମାନେ କେବଳ ଗୋଟାଏ ଦିଗରୁ ଏପରି ଭାବନ୍ତି । ସବୁ ଦିଗରୁ ଭାବି କର୍ତ୍ତବ୍ୟ ନିର୍ଦ୍ଧାରଣ କରିବା ସୁଧୀ ଲୋକର କାର୍ଯ୍ୟ ।

ଆମର ବିଚାର କରିବା ଉଚିତ ଯେ ଏ ସଂସାରରେ ମନୁଷ୍ୟଜାତି, ଉଦ୍ଭିଦ ଓ ପ୍ରାଣୀ ପରସ୍ପର ଉପରେ ନିର୍ଭର କରନ୍ତି । ମନୁଷ୍ୟର ଜୀବନ-ଧାରଣ ଲାଗି ଉଦ୍ଭିଦ ଓ ପ୍ରାଣୀ ଉଭୟଙ୍କର

ଆବଶ୍ୟକତା ଅଛି । ଉଦ୍ଭିଦ ଓ ପ୍ରାଣୀ ଅବିଚ୍ଛେଦ୍ୟ ! ଯେଉଁ ଯେଉଁ ସ୍ଥାନରେ ଉଦ୍ଭିଦ-ଜଗତର ଅବାଧ ଧ୍ୱଂସ କରାଯାଇଛି, ସେହିଠାରେ ପ୍ରାଣି-ଜଗତର ମଧ୍ୟ ଧ୍ୱଂସ ହୋଇଛି ଓ ତାର ଶେଷ ପରିଣତି ହୋଇଛି ଶସ୍ୟହାନି ଓ ଖାଦ୍ୟାଭାବରେ ।

ଆମର ଜୀବନଧାରଣ ଲାଗି ଓ ଆମର ସମ୍ପଦ ବୃଦ୍ଧି ଲାଗି ବନ୍ୟଜନ୍ତୁଙ୍କର ସଂରକ୍ଷଣ ମଧ୍ୟ ଖୁବ୍ ଆବଶ୍ୟକ । ସଂରକ୍ଷଣର ଅର୍ଥ ଅବାଧ ବୃଦ୍ଧି ନୁହେଁ । ଏପରି ଭାବରେ ସଂରକ୍ଷଣ କରିବାକୁ ହେବ ଯେ, ଯେତିକି ଦରକାର ସେତିକି ବନ୍ୟଜନ୍ତୁ ରହିବେ ଓ ଯେତିକି ରହିବା ଉଚିତ ନୁହେଁ, ସେତିକି ପର୍ଯ୍ୟନ୍ତ ସେମାନଙ୍କୁ ଧ୍ୱଂସ କରାଯାଇ ପାରିବ । ବନ-ସମ୍ପଦରେ ଏହି ମତର ତାତ୍ପର୍ଯ୍ୟ ଆମ୍ଭେମାନେ ଉପଲବ୍ଧି କରିଅଛୁଁ । କାଠ ଓ ପଣ ଦରକାର ବୋଲି ସବୁ ଗଛ କାଟି ସମୁଦାୟ ବଣ ନଷ୍ଟ କରିବାଦ୍ୱାରା ଆମେ ଶେଷରେ ଖଣ୍ଡିଏ ଜାଳେଣି କାଠ ମଧ୍ୟ ପାଇନାହୁଁ । ଆମର ଆବଶ୍ୟକତା ମେଣ୍ଟାଇବା ଲାଗି ଗଛ ହାଣି କାଠ ନେବା ସଙ୍ଗେ ସଙ୍ଗେ ଅନ୍ୟ ଗଛ ବଢ଼ାଇବାଲାଗି ଆମେ ଯତ୍ନ କରୁଁ ଓ ଏକାବେଳକେ ସବୁ ଗଛ କାଟି ନ ନେଇ ଆବଶ୍ୟକତା ଅନୁସାରେ ଅଳ୍ପେ ଅଳ୍ପେ ଗଛ କାଟି ତା'ର ଉପଯୋଗ କରୁଁ । ଠିକ୍ ସେହି ମତ ବଣଜନ୍ତୁ ପ୍ରତି ଖାଟେ । ବନ୍ୟଜନ୍ତୁର ସମୂହ ବିନାଶ ଯେପରି କ୍ଷତିକାରକ, ବନ୍ୟଜନ୍ତୁର ଅବାଧ ବୃଦ୍ଧି ମଧ୍ୟ ସେହିପରି କ୍ଷତିକାରକ । ସଂରକ୍ଷଣର ମୂଳଲକ୍ଷ୍ୟ ସମନ୍ୱୟ ରକ୍ଷା କରିବା ।

ଭଗବାନଙ୍କ ରାଜ୍ୟରେ ପ୍ରକୃତି ଏହି ସମନ୍ୱୟ ବରାବର ରକ୍ଷା କରି ଆସିଛି । ବୃକ୍ଷଲତାଠାରୁ ଆରମ୍ଭ କରି ପଶୁପକ୍ଷୀ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଏହି ସମନ୍ୱୟ ରକ୍ଷା କରାହୋଇଛି;—ତା' ନ ହୋଇଥିଲେ ସଂସାରର ସୃଷ୍ଟି ସମ୍ଭବପର ହୋଇନଥାନ୍ତା ।

ବଣରେ ବାଘ ନ ଥିଲେ ବା ସବୁ ବାଘଙ୍କୁ ମାରିଦେଲେ, ହରିଣ ବାର୍ହା ପ୍ରଭୃତି ଏତେ ବଢ଼ିଯିବେ ଓ ଏତେ ନିର୍ଭୟରେ ବିଚରଣ କରିବେ ଯେ ଆମର ଶସ୍ୟ ଓ ଆମର ବଗିଚା ପ୍ରାୟ ରହିବ ନାହିଁ । ପୁଣି ସବୁ ହରିଣ ଓ ବାର୍ହାଙ୍କୁ ମାରିଦେଲେ ଜଙ୍ଗଲରେ ଖାଦ୍ୟ ନ ପାଇ ବାଘ ବାଧ୍ୟ ହୋଇ ଜଙ୍ଗଲ ଛାଡ଼ି ଗାଁ ନିକଟକୁ ଆସିବ ଓ ଆମର ଗୋରୁମଇଁଷି ଓ ଆମକୁ ମଧ୍ୟ ଆକ୍ରମଣ କରିବ । ଆଦିବାସୀ ଅଞ୍ଚଳରେ ଯେଉଁ ଯେଉଁ ସ୍ଥାନରେ ବାଘ ଉପଦ୍ରବ ବେଶୀ, ସେଠାରେ ଅନୁସନ୍ଧାନରେ ଜଣାଯାଇଛି ଯେ ଆଦିବାସୀମାନେ ହରିଣ ପ୍ରଭୃତିଙ୍କୁ ବଣରୁ ସମୂଳେ ଶିକାର କରିବାଦ୍ୱାରା ବାଘ ଖାଦ୍ୟ ଅନ୍ୱେଷଣରେ ଗାଁ ନିକଟକୁ ଆସିଛି ଓ ଏବେ ସହଜ ଉପାୟରେ ଘରୋଇ ପଶୁ ଓ ମନୁଷ୍ୟ ଶିକାରର ସୁଖ ଲାଭ କରି ଆଉ ବନ୍ୟପଶୁ ଉପରେ ନିର୍ଭର କରୁନାହିଁ । ସେହିପରି ସାଧାରଣତଃ ସମସ୍ତେ ସାପକୁ ଦେଖିଲେ ମାରିବାକୁ ଚେଷ୍ଟା କରନ୍ତି; କିନ୍ତୁ ସାପ ଯେ ଆମର ଉପକାରରେ ଆସେ, ତାହା କ୍ୱଚିତ ଅନୁଭବ କରନ୍ତି । ବିଲବାଡ଼ିରେ ମୂଷା ପ୍ରଭୃତିଙ୍କ ଉପଦ୍ରବକୁ କେବଳ ସାପ ହିଁ ସମ୍ଭାଳି ନିଏ । ସେମାନେ ଯଦି ମୂଷା ପ୍ରଭୃତିଙ୍କୁ ମାରି ନ ଖାଆନ୍ତେ, ସେମାନଙ୍କର ସଂଖ୍ୟା ଏତେ ଅଧିକ ହୁଅନ୍ତା ଯେ ଆମେ କୌଣସି ଶସ୍ୟ ଆମଦାନି କରିପାରନ୍ତେ ନାହିଁ କି ଶସ୍ୟ ସଞ୍ଚୟ କରି ରଖିପାରନ୍ତେ ନାହିଁ । ପକ୍ଷୀମାନେ କୀଟ, ପୋକ, ପତଙ୍ଗ ଖାଇ ଆମର ପ୍ରଭୂତ ଉପକାର କରନ୍ତି । ପକ୍ଷୀମାନେ ନ ଥିଲେ ପୋକ, କୀଟ ଏତେ ବଢ଼ିଯାଆନ୍ତେ ଯେ ଆମର ସବୁ ଶସ୍ୟ ଓ ଉଦ୍ଭିଦ ନଷ୍ଟ କରନ୍ତେ । ସେହିପରି ଭଅଁର ପ୍ରଭୃତିଙ୍କ ଯୋଗୁଁ ଆମର ଫୁଲ ଓ ଫଳ ବଢ଼ିବାରେ ପରାଗଯୋଗ ହୁଏ ଓ ଆମେ ଫୁଲ ଓ ଫଳ ପାଉଁ । ଭଗବାନଙ୍କ ସୃଷ୍ଟିରେ ପ୍ରତ୍ୟେକ ପ୍ରାଣୀ ଓ ଜୀବର ମୂଲ୍ୟ ରହିଛି ଓ ତାର ସଦୁପଯୋଗ ଦରକାର । ଏପରି କି ଶାଗୁଣା, କାଉ, ଚିଲ, ବଣର

ଶକୁଣା ନ ଥିଲେ ମଲା ପଶୁପକ୍ଷୀଙ୍କର ମାଂସ ଓ ହାଡ଼ ପଚିଉଠି ଅନେକ ପ୍ରକାର ରୋଗ ସୃଷ୍ଟି କରନ୍ତା । ଏଥିରୁ ଜଣାପଡ଼େ, ସୃଷ୍ଟିରେ ସବୁ ଜୀବର ଆବଶ୍ୟକତା ରହିଛି ଓ ଗୋଟିଏ ଅନ୍ୟଟି ସହିତ ଏପରିଭାବରେ ସଂଶ୍ଳିଷ୍ଟ ଯେ ସୃଷ୍ଟିର ବିକାଶ ଲାଗି ସମସ୍ତେ ସମସ୍ତଙ୍କ ଉପରେ ନିର୍ଭର କରନ୍ତି ଓ ଆବଶ୍ୟକତା ଅନୁସାରେ ସେମାନଙ୍କର ହ୍ରାସ ବା ବିକାଶ ଘଟିଥାଏ । ସୃଷ୍ଟିର ଏ ସମନ୍ୱୟ ରକ୍ଷା କରିବାରେ ମନୁଷ୍ୟ ସାହାଯ୍ୟ କରିବା ଉଚିତ । ଏହା ବୋଧହୁଏ ସମସ୍ତେ ବର୍ତ୍ତମାନ ହୃଦୟଙ୍ଗମ କରିପାରୁଥିବେ ।

ଆମର ଧର୍ମଶାସ୍ତ୍ରରୁ ମଧ୍ୟ ଜଣାଯାଏ ଯେ ବୈଦିକ ଯୁଗରେ ଇତର ଜନ୍ତୁଙ୍କ ପ୍ରତି ପ୍ରେମ ଓ ଦୟା ଦେଖାଇବା ଲାଗି ନିର୍ଦ୍ଦେଶ ଦିଆଯାଇଅଛି । ବ୍ୟାଧର କ୍ରୌଞ୍ଚ-ଶିକାର ଦୋଷରୁ ବାଲ୍ମୀକି ମହର୍ଷିଙ୍କର ଗଭୀର ବ୍ୟଥା ଓ ଅଭିଶାପରୁ ଅମର-ଶ୍ଳୋକ ଓ ରାମାୟଣର ଉତ୍ପତ୍ତି । ରାମାୟଣର ଆଦର୍ଶ ମାନବ ରାମଚନ୍ଦ୍ରଙ୍କର ପ୍ରଧାନ ସହାୟକ ବନର ମର୍କଟ ଓ ଭଲ୍ଲୁକ । ହନୁମାନ ଆଜି ଦେବତାର ଆସନ ପାଇଛି । ଭଲ୍ଲୁକ-ରାଜ ଜାମ୍ବୁବାନର ପ୍ରଜ୍ଞା ରାମଚନ୍ଦ୍ରଙ୍କୁ ସାହାଯ୍ୟ କରିବାହାରୁ ବର୍ତ୍ତମାନ ସୁଦ୍ଧା ଭଲ୍ଲୁକ ଅବଧ୍ୟ । ଋଷି-ମାନଙ୍କର ଆଶ୍ରମସ୍ଥଳ ବନ୍ୟ ପଶୁପକ୍ଷୀ ତଥା ମନୁଷ୍ୟର ଅବାସସ୍ଥଳ ଓ କାମ୍ୟ । ଅହିଂସାର ବାସ୍ତବତା କେବଳ ସେହିଠାରେ । ଆଶ୍ରମରେ ଜୀବବଧ ତ ନିଷିଦ୍ଧ । ପୁଣି ସେଠାରେ ବନ୍ୟ ପଶୁ ଓ ପକ୍ଷୀମାନେ ମଧ୍ୟ ଅହିଂସା ଆଚରଣ କରି ନିର୍ଭୟରେ ମନୁଷ୍ୟ ସହିତ ବସବାସ ଓ ବିଚରଣ କରନ୍ତି । ପଞ୍ଚତନ୍ତ୍ର ଓ ହିତୋପଦେଶରେ ପଶୁପକ୍ଷୀମାନଙ୍କର ବୁଦ୍ଧି, ସଦାଚରଣ ଓ ମୂଲ୍ୟ ପ୍ରାଞ୍ଜଳ-ଭାବରେ ଉପସ୍ଥାପିତ କରାହୋଇଛି । ଆମର ଧର୍ମରେ ପ୍ରେମ ଓ ଅହିଂସା ମନୁଷ୍ୟ-ସମାଜ ମଧ୍ୟରେ ସୀମାବଦ୍ଧ ନ ରହି ପଶୁପକ୍ଷୀ ଇତର ପ୍ରାଣୀ ଓ ସମୁଦାୟ ଜୀବ-ଜଗତ ପର୍ଯ୍ୟନ୍ତ ବିସ୍ତୃତ । ବୌଦ୍ଧଧର୍ମ ଓ ବୈଷ୍ଣବଧର୍ମର ମୂଳମନ୍ତ୍ର ଜୀବପ୍ରତି ପ୍ରେମ, ଅହିଂସା । ପୁରାଣରେ ପଶୁ-ପକ୍ଷୀ ଦେବତାଙ୍କ ବାହନ ବୋଲି ଧରାଯାଇ ସେମାନଙ୍କୁ ବିଶେଷ ସ୍ଥାନ ଦିଆଯାଇଛି । ହିନ୍ଦୁ ସମାଜରେ ପଶୁ-ପକ୍ଷୀମାନଙ୍କୁ ନେଇ ଗୋତ୍ରର ପ୍ରାଧାନ୍ୟ ଲକ୍ଷିତ ହୁଏ । ନାଗସାପ, କଇଁଛ, ମୟୂର, ଭଦଭଦଳିଆ ପକ୍ଷୀ ଅନେକଙ୍କର ଗୋତ୍ର ଓ ଆଦରର ପାତ୍ର । ସିଂହାସନକୁ ଦେବତାର ଆସ୍ଥାନ ଓ ରାଜ୍ୟ ବା ବସ୍ତୁରକର ଆସନ କରି ସିଂହକୁ ଉଚ୍ଚସ୍ଥ ସ୍ଥାନ ଦିଆଯାଇଅଛି ।

କାବ୍ୟ, ଚିତ୍ରାଙ୍କନ ଓ ସ୍ଥାପତ୍ୟରେ ପଶୁପକ୍ଷୀ-ମାନଙ୍କର ସ୍ଥାନ କମ୍ ନୁହେଁ । ଅନେକ ଦିନରୁ ଜୀବ ପ୍ରତି ଦୟା ଓ ଜୀବର ରକ୍ଷଣାବେକ୍ଷଣ ଆମର ଶାସ୍ତ୍ରାନୁମୋଦିତ ହୋଇଛି । ପୁରୁଷ-ସୂକ୍ତରେ ଦ୍ୱିପଦ ଓ ଚତୁଷ୍ପଦଙ୍କ ପ୍ରତି ଦୟା ଓ ସହାନୁଭୂତି ଦେଖାଇବା ଲାଗି ଅନୁଶାସନ ଅଛି । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ଜୀବବଧ ନିଷେଧ କରାଯାଇଅଛି ଓ ଅରଣ୍ୟର କେତେକାଂଶ "ଅଭୟାରଣ୍ୟ" ଭାବେ ସଂରକ୍ଷିତ ହେବାର ବ୍ୟବସ୍ଥା ରହିଛି । କାଳିଦାସଙ୍କ ଯୁଗରେ ଦୁଷ୍ମନ୍ତଙ୍କ ଦ୍ୱାରା ପୀଡ଼ିତ ହୋଇ ହରିଣମାନେ ଋଷି ଆଶ୍ରମକୁ ଆଶ୍ରୟ ନିମିତ୍ତ ପଳାଇବାର ବର୍ଣ୍ଣନା ଅଛି । ଧର୍ମାଶୋକଙ୍କର ଅନୁଶାସନରେ ଜୀବମାନଙ୍କ ପ୍ରତି ଦୟାର ନିର୍ଦ୍ଦେଶ ସୁସ୍ପଷ୍ଟ । ଶାସ୍ତ୍ର-ପୁରାଣ ଓ କାବ୍ୟ-ମାନଙ୍କରେ ପଶୁପକ୍ଷୀମାନଙ୍କର ବୁଦ୍ଧି, ସଦ୍‌ଗୁଣର ପ୍ରଶଂସା ସହିତ କେତେକ ସ୍ଥାନରେ ପକ୍ଷୀର ଆକ୍ଷେପ ମଧ୍ୟ କରାଯାଇଛି । ଶୁକମୁଖରୁ ନିଃସୃତ ଭବିଷ୍ୟବାଣୀ ଅମୂଲ୍ୟ ସବଧାରୁ ଉଚ୍ଚାରଣ କରିଛୁ ।

ଏତଦ୍‌ବ୍ୟତୀତ ପ୍ରତ୍ୟେକ ସୌନ୍ଦର୍ଯ୍ୟ-ଉପାସକ ଜଗତରେ ପଶୁପକ୍ଷୀଙ୍କର ସ୍ଥାନ ବହୁ ଉଚ୍ଚରେ । ହଂସ, ମୟୂର, ହରିଣ, ହାତୀ ଏବଂ ଏପରିକି ସିଂହ ଓ ବାଘ ଦେଖି କିଏ ବା ଆନନ୍ଦ ଅନୁଭବ ନ କରେ ? ବନର

ସୌନ୍ଦର୍ଯ୍ୟ ଓ ଉଦ୍ୟାନର ସୌନ୍ଦର୍ଯ୍ୟ ବୃଦ୍ଧି କରେ କେବଳ ପ୍ରାଣି-ଜଗତ । ସୌନ୍ଦର୍ଯ୍ୟର ଆଧାର ଏହି ପଶୁପକ୍ଷୀମାନଙ୍କର ସମୂଳ ବିନାଶ କିଏ ବା ଇଚ୍ଛା କରିବ ?

ଆଫ୍ରିକା ମହାଦେଶକୁ ଛାଡ଼ିଦେଲେ ଆମର ଦେଶ ମୂଲ୍ୟବାନ ବନ୍ୟଜନ୍ତୁ-ସମ୍ପଦ ଦିଗରେ ଶ୍ରେଷ୍ଠ । ବିଦେଶୀ ଦର୍ଶକମାନେ ଅନେକାଂଶରେ ଏହି ସମ୍ପଦରେ ଆକୃଷ୍ଟ । ଜୀବନ୍ତ ବନ୍ୟ ପଶୁପକ୍ଷୀଙ୍କୁ ପଣ୍ୟ ଆକାରରେ ବ୍ୟବହାର କରି ବହୁ ମୁଦ୍ରା ଅର୍ଜନର ସୁବିଧା ଅଛି ।

ଏହିସବୁ ଦିଗରୁ ବିଚାର କଲେ ବନ୍ୟ ଜନ୍ତୁଙ୍କର ସମୂହବିନାଶ ବା ଧ୍ୱଂସ କୌଣସିମତେ ଉଚିତ ନୁହେଁ । ଅବଶ୍ୟ ମଣିଷଖିଆ ବାଘ, ପାଗଳ ହାତୀ ଓ କେତେକ ଅନିଷ୍ଟକାରୀ ପଶୁଙ୍କୁ ମାରିବାକୁ ହିଁ ହେବ । ମାଙ୍କଡ଼, ହରିଣ ଓ ବାରହା ପ୍ରଭୃତିଙ୍କୁ କେତେକାଂଶରେ ମାରିବାକୁ ହେବ । କିନ୍ତୁ ସେମାନଙ୍କର ସମୂହ ଧ୍ୱଂସ ଅନୁଚିତ । ଅନ୍ୟମାନଙ୍କର ଜୀବନଧାରଣ ସହିତ ପଶୁପକ୍ଷୀମାନଙ୍କର ଜୀବନଧାରଣର ସମନ୍ୱୟ ରକ୍ଷା କରିବା ସମସ୍ତଙ୍କର କର୍ତ୍ତବ୍ୟ । ଏହା ଜଣାଶୁଣା କଥା ଯେ ଶସ୍ୟର ରକ୍ଷଣାବେକ୍ଷଣ ଲାଗି ବନ୍ଧୁକ ବ୍ୟବହାରର ଲାଇସେନ୍ସ ବା ଅନୁମତି ନେଇ ବଣରେ ଅବାଧ ଶିକାର କରି କେତେକ ଲାଇସେନ୍ସର ସାଧାରଣ ଅପବ୍ୟବହାର କରନ୍ତି । ଶସ୍ୟକ୍ଷେତ୍ରରେ ବନ୍ୟଜନ୍ତୁର ପ୍ରାଦୁର୍ଭାବ କମାଇବା ଲାଗି ବନ୍ୟ ଜନ୍ତୁଙ୍କୁ ମରାଯାଇ-ପାରେ; କିନ୍ତୁ ଶିକାର-ତୃଷା ମେଣ୍ଟାଇବା ପାଇଁ ନୁହେଁ । ଯେତେବେଳେ ବଣରେ ବାଘ ପ୍ରଭୃତିଙ୍କର ସଂଖ୍ୟା ଅଧିକ ହୁଏ, କେତେକଙ୍କୁ ଶିକାର କରି ସେମାନଙ୍କର ସଂଖ୍ୟା କମାଇବାକୁ ହେବ । ଯେଉଁପରି ଯେଉଁଠାରେ ବନ୍ୟଜନ୍ତୁଙ୍କର ସଂଖ୍ୟା ଖୁବ୍ କମିଯାଇଛି, ସେଠାରେ କେତେକ ସମୟ ଲାଗି ଶିକାର ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ । ବଣରେ ଗଛପତ୍ର ବଢ଼ିତ ନ ବଢ଼ାଇ, ସବୁ ଗଛ କାଟି ନ ପକାଇ ଆବଶ୍ୟକତା ଅନୁସାରେ କାଟି, ବନ-ସମ୍ପଦ ରକ୍ଷା କଲା ପରି ବନ୍ୟଜନ୍ତୁ-ସମ୍ପଦ ରକ୍ଷା କରିବାକୁ ହେବ । ସେଥିଯୋଗୁଁ ଆଇନର ପ୍ରୟୋଜନୀୟତା ଅଛି ।

ହସ୍ତୀ ସଂରକ୍ଷଣ ଆଇନରେ ହସ୍ତୀ ଶିକାର ନିଷିଦ୍ଧ ହୋଇଛି । କିନ୍ତୁ ଅନୁମତି ନେଇ ପାଗଳା ହାତୀ କିମ୍ବା ଗାଁ ଆକ୍ରମଣ କରୁଥିବା ଦନ୍ତାହାତୀଙ୍କୁ ମାରିବାର ବ୍ୟବସ୍ଥା ଅଛି । କୌଟିଲ୍ୟଙ୍କର ଅର୍ଥଶାସ୍ତ୍ରରେ ସମଗ୍ର ବନର ଏକ-ଷଷ୍ଠାଂଶ "ଅଭୟାରଣ୍ୟ" ରୂପେ ରଖିବାର ବ୍ୟବସ୍ଥା ଅଛି । ସେହିପରି ଆମର ବନ ମଧ୍ୟରୁ କେତେକକୁ "ରିଜର୍ଭ ଜଙ୍ଗଲ" ଭାବରେ ରଖାଯାଇଛି । ଆମ ଦେଶରେ ବର୍ତ୍ତମାନ 'ବନ୍ୟପଶୁ ଉଦ୍ୟାନ' ବା ଆଶ୍ରୟସ୍ଥଳରୂପେ କେତେକ ସ୍ଥାନ ନିରୂପିତ ହୋଇ ବନ୍ୟ ପଶୁଙ୍କର ରକ୍ଷଣାବେକ୍ଷଣ କରାଯାଉଅଛି । ବାରଙ୍ଗର ନନ୍ଦନକାନନ ଏବଂ ବାମଣ୍ଡା ଓ ଫୁଲବାଣୀର ପଶୁ-ସଂଗ୍ରହଶାଳା ସେଥିମଧ୍ୟରୁ କେତୋଟି ମାତ୍ର ।

ପ୍ରତ୍ୟେକ ଗ୍ରାମବାସୀ ବିଶେଷତଃ ପ୍ରତ୍ୟେକ ପଞ୍ଚାୟତ ଏ ବିଷୟଟିକୁ ଭଲଭାବରେ ବିଚାରନ୍ତୁ ଏ ଦିଗରେ କେତେଗୁଡ଼ିଏ କାର୍ଯ୍ୟପନ୍ଥା ଅବଲମ୍ବନ କରିବା ପାଇଁ ଅନୁରୋଧ :—

୧ । ଗାଁର ଭାଇ ଓ ଭଉଣୀମାନଙ୍କୁ ଡାକି ଏ ବିଷୟଗୁଡ଼ିକୁ ଭଲଭାବରେ ବୁଝାଇବେ । ପ୍ରତ୍ୟେକ ଭାଇ ଓ ଭଉଣୀ ଯଦି ଥରେ ହୃଦୟଙ୍ଗମ କରିବେ ଯେ ବନ୍ୟଜନ୍ତୁର ଅବାଧ ଶିକାର ବା ସମୂହବିନାଶ ଆମର କ୍ଷତିକାରକ ଏବଂ ଆମର ଧର୍ମ, ସଂସ୍କୃତି ଓ ସମାଜନୀତି ଅନୁସାରେ ଅଯଥା ଶିକାର ଅନୁଚିତ; ତେବେ ଏ ଦିଗରେ ଯଥେଷ୍ଟ ଆଗେଇବା ସମ୍ଭବପର ହେବ ।

୨ । ପାଠ ପଢୁଥିବା ପିଲାମାନଙ୍କୁ ଓ ଗାଁର ବାଳକବାଳିକାମାନଙ୍କୁ ବନ୍ୟଜନ୍ତୁଙ୍କ ବିଷୟ କହି,

ଚିତ୍ର ଦେଖାଇ, ସେଥିପ୍ରତି ସେମାନଙ୍କର ଦୃଷ୍ଟି ଓ ମନ ଆକର୍ଷଣ କରିବାକୁ ହେବ । ସାମାନ୍ୟ ଘାସ ଓ ମୟୂର କି ସୁନ୍ଦର ଏବଂ ସେମାନଙ୍କୁ ନିର୍ଭୟରେ ବିଚରଣ କରିବାକୁ ସୁଯୋଗଦେଲେ ଆମେ କି ଆନନ୍ଦ ଓ ସୌନ୍ଦର୍ଯ୍ୟ-ସୁଖ ପାଇବା, ତାହା ବର୍ଣ୍ଣନା କଲେ ବାଳକ ଓ ବାଳିକାଙ୍କ ମନରେ ଉପଯୁକ୍ତ ପ୍ରଭାବ ପଡ଼ିବ ଓ ସେମାନେ ନଷ୍ଟ ଆଚରଣରୁ କ୍ଷାନ୍ତ ହେବେ ଏବଂ କ୍ରମେ ସେମାନଙ୍କ ପ୍ରାଣରେ ସୌନ୍ଦର୍ଯ୍ୟ-ପିପାସା ଜାଗି-ଉଠିବ ।

୩ । ଗାଁର ସଂରକ୍ଷିତ (Protected) ଜଙ୍ଗଲରେ କୌଣସି ପଶୁ-ଶିକାର ଆଇନତଃ ନିଷେଧ । ସେହି ଆଇନକୁ କାର୍ଯ୍ୟତଃ ପୂରାପୂରି ମାନି ଚଳିବା ଉଚିତ । କ୍ଷେତକ୍ଷେତ୍ରରେ ଶସ୍ୟହାନି କରୁଥିବା ସମୟରେ ବନ୍ୟଜନ୍ତୁ ବଧ ହୋଇପାରେ; କିନ୍ତୁ ଆମୋଦ-ପ୍ରମୋଦ ଲାଗି ଶିକାରର ସୀମା କମାଇବାକୁ ହେବ । ଯେ କୌଣସି ପ୍ରଭାବଶାଳୀ ବା ଉଚ୍ଚପଦସ୍ଥ ବ୍ୟକ୍ତି ହୁଅନ୍ତୁ ନା କାହିଁକି, ତାଙ୍କର ଆମୋଦ ବା ଶିକାର-ପିପାସା ମେଣ୍ଟାଇବା ପାଇଁ ଆଇନର ପରିସର ବାହାରେ ତାଙ୍କୁ ସାହାଯ୍ୟ କରାଯିବା ଅନୁଚିତ ।

୪ । ଗାଁର ବନସୀମା ମଧ୍ୟରେ ସୁନ୍ଦର ପଶୁପକ୍ଷୀ-ମାନଙ୍କର ରକ୍ଷଣାବେକ୍ଷଣ ଲାଗି ଯତ୍ନ ନିଆଯିବା ବିଧେୟ । ପଶୁ-ସଂଗ୍ରହଶାଳା ସ୍ଥାପନ ଲାଗି ସମସ୍ତଙ୍କର ସାହାଯ୍ୟ ପ୍ରାର୍ଥନୀୟ ।

୫ । ମାଈ ହରିଣ ଓ ମାଈ ପଶୁଙ୍କର ଶିକାର ସର୍ବଦୌ ଅବିଧେୟ ।

୬ । ଆଇନ ଅପେକ୍ଷା ଲୋକମତର ପ୍ରଭାବ ବେଶି । ଯଦି ଗ୍ରାମବାସୀମାନେ ଗାଁରେ ଏଥିପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରନ୍ତି ଏବଂ ବିନା କାରଣରେ ବନ୍ୟଜନ୍ତୁ ଶିକାରକୁ ବାରଣ କରି ଏହାକୁ ଗ୍ରାମ, ଜାତି, ସମାଜ ପକ୍ଷରେ ଏକ କ୍ଷତିକାରକ ଏବଂ ଦୋଷାବହ କାର୍ଯ୍ୟ ବୋଲି ଉପଲବ୍ଧି କରନ୍ତି, ତାହାହେଲେ ବୋଧହୁଏ, କେହି ଲୋକମତ ଉପରେ ପ୍ରମୋଦ-ଶିକାର ଲାଗି ମନ ବଳାଇବେ ନାହିଁ ।

୯ । ଯେଉଁସବୁ ପଶୁପକ୍ଷୀ ବିରଳ ଦେଖାଯାନ୍ତି, ସେମାନଙ୍କର ସଂରକ୍ଷଣ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ । ରେବା ରାଜ୍ୟରୁ ଦିଲ୍ଲୀ ବା କଲିକତାକୁ ଆସିଥିବା ଧଳା ବାଘର ସଂରକ୍ଷଣ ଲାଗି ରେବାରେ ପ୍ରକୃଷ୍ଟ ବ୍ୟବସ୍ଥା କରାଯାଇଛି । ଓଡ଼ିଶା ବଣ-ଜଙ୍ଗଲରେ ପରିପୂର୍ଣ୍ଣ । କୋରାପୁଟ, ଫୁଲବାଣୀ ଓ ସୁନ୍ଦରଗଡ଼ ଇତ୍ୟାଦି ଅଞ୍ଚଳରେ ଆଜି ସୁଦ୍ଧା କେତେକ ପଶୁପକ୍ଷୀ ଅଛନ୍ତି, ଯାହା କି ଅନ୍ୟତ୍ର ବିରଳ ଦେଖାଯାନ୍ତି । ବାଲସୁଡ଼ା ଅଞ୍ଚଳରୁ ଭଲ ବାଘ କଲିକତା ଓ ଦିଲ୍ଲୀ ଚିଡ଼ିଆଖାନାକୁ ପଠାଇଲେ, ଆମେ ମଧ୍ୟ ରେବା ରାଜ୍ୟର ଧଳା ବାଘ ପଠାଇବାର ଗର୍ବ ଅନୁଭବ କରନ୍ତେ ।

୧୦ । ଏ ଦିଗରେ ସମ୍ୟକ୍ ଜ୍ଞାନ ଓ ବାସ୍ତବ ଦୃଷ୍ଟିକୋଣ ତଥା ସମବେତ ଚେଷ୍ଟା ଆବଶ୍ୟକ ।

ପ୍ରତ୍ୟେକ ପଞ୍ଚାୟତ-ସ୍କୁଲ ଆସନ୍ତା 'ବନ୍ୟଜନ୍ତୁ ସପ୍ତାହ'ରେ ଉପରୋକ୍ତ ଅନୁରୋଧ ମଧ୍ୟରୁ କେତୋଟି-ମାତ୍ର କାର୍ଯ୍ୟରେ ପରିଣତ କରିବାର ସମ୍ୟକ୍ ଚେଷ୍ଟା କରିବା ଲାଗି ମୋର ଏକାନ୍ତ ଅନୁରୋଧ ।

# ଆମ ରାଜ୍ୟ

## ମଧ୍ୟ-ସ୍ୱତ୍ୱାଧିକାର ଉଚ୍ଛେଦ : ଟ୍ରଷ୍ଟ ସମ୍ପତ୍ତି ପ୍ରତି ପ୍ରଯୁଜ୍ୟ ନୁହେଁ

ଗତ ୨୯।୩।୬୩ ତାରିଖରେ ପ୍ରକାଶିତ ୧୯୬୩ ମସିହା ଏପ୍ରିଲ ୨୨ ତାରିଖର ନମ୍ବର ୨୨୪୬୮—ଆର, ବିଜ୍ଞପ୍ତି ଅନୁଯାୟୀ ପୂର୍ବତନ ଗଡ଼ଜାତମାନଙ୍କ ବ୍ୟତୀତ ପୁରୁଣା କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାସ୍ଥିତ ପ୍ରଚଳିତ ମଧ୍ୟ-ସ୍ୱତ୍ୱାଧିକାରକୁ ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନର ୩ ଏ (୧) ଧାରା ଅନୁଯାୟୀ ଉଚ୍ଛେଦ କରାଯାଇଛି । ଟ୍ରଷ୍ଟ ସମ୍ପତ୍ତି ପ୍ରତି ଏହି ବିଜ୍ଞପ୍ତି ପ୍ରଯୁଜ୍ୟ ନୁହେଁ । ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନର ୩ ଖ (୧) ଧାରାମତେ ୩ କ (୧) ଧାରାର ସାର-ମର୍ମକୁ ସାରା ରାଜ୍ୟରେ କିମ୍ବା କ୍ଷେତ୍ରବିଶେଷରେ ଏହି ବିଜ୍ଞପ୍ତି ଲାଗୁହେଉଥିବା ଅଞ୍ଚଳରେ ଢୋଲ ବଜାଇ ଘୋଷଣା କରାଯିବା ଆବଶ୍ୟକ ଏବଂ ବିଜ୍ଞପ୍ତି ପ୍ରକାଶିତ ହେବା ପରେ ଯେଉଁ ମଧ୍ୟ-ସ୍ୱତ୍ୱାଧିକାରୀମାନଙ୍କ ସ୍ୱାର୍ଥରେ ଆଞ୍ଚ ଆସିବ, ସେମାନେ ଯେପରି ଆଇନଗତ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇପାରିବେ, ସେଥିପାଇଁ ଉପରୋକ୍ତ ଘୋଷଣାକୁ ସେମାନଙ୍କର ଦୃଷ୍ଟିକୁ ଆଣାଯିବା ଆବଶ୍ୟକ । ତଦନୁଯାୟୀ କଟକ, ପୁରୀ ଓ ବାଲେଶ୍ୱର—ଏହି ୩ଟି ଜିଲ୍ଲାସ୍ଥିତ ପୂର୍ବତନ ରାଜ୍ୟଗୁଡ଼ିକୁ ବାଦ୍ ଦେଇ ପ୍ରତ୍ୟେକ ଗ୍ରାମରେ ଢୋଲ ବଜାଇ ଏହି ଘୋଷଣା କରାଯାଇଥିଲା । ଏହି ଘୋଷଣାରେ ଉଲ୍ଲେଖ କରାଯାଇଥିଲା ଯେ ଉପରୋକ୍ତ ବିଜ୍ଞପ୍ତି ପ୍ରକାଶିତ ହେବା ଦିନଠାରୁ (୨୯।୩।୬୩) ସରକାରଙ୍କଠାରେ ନ୍ୟସ୍ତ କରାଯାଇଥିବା ସମ୍ପତ୍ତି ସକାଶେ କୌଣସି ଖଜଣା, ସେସ୍ କିମ୍ବା ଅନ୍ୟାନ୍ୟ ସରକାରୀ ଦେୟ ଆଦିକୁ କୌଣସି ବ୍ୟକ୍ତି ମଧ୍ୟ-ସ୍ୱତ୍ୱାଧିକାରୀଙ୍କୁ ଦେବା ଉଚିତ ନୁହେଁ । ଏହି ଘୋଷଣାରେ ଟ୍ରଷ୍ଟ-ସମ୍ପତ୍ତିକୁ ସ୍ପଷ୍ଟରୂପେ ବାଦ ଦିଆଯାଇଛି ।

ଗ୍ରାମବାସୀମାନେ ଏହି ଘୋଷଣାର ପ୍ରକୃତ ବିଷୟ-ବସ୍ତୁକୁ ଭଲଭାବେ ହୃଦୟଙ୍ଗମ କରି ନ ଥିବା କଥା ସରକାରଙ୍କ ଦୃଷ୍ଟିଗୋଚରକୁ ଆସିଛି । ଦେବୋତ୍ତର ସମ୍ପତ୍ତି ବେଦଖଲ କରୁଥିବା ପ୍ରଜା-ମାନେ ଦେବୋତ୍ତର ସମ୍ପତ୍ତି ମଧ୍ୟ-ସ୍ୱତ୍ୱାଧିକାରୀମାନଙ୍କୁ କିମ୍ବା ସେମାନଙ୍କର ଏଜେଣ୍ଟମାନଙ୍କୁ ଖଜଣା ଓ ସେସ୍ ଇତ୍ୟାଦି ଦେଉନାହାନ୍ତି । ଏହା ଫଳରେ ଠାକୁର-ମାନଙ୍କର ପୂଜା ଓ ମାଣ୍ଡରେ ବହୁ ବିଶୃଙ୍ଖଳା ସୃଷ୍ଟି ହେଉଛି । ଏ କ୍ଷେତ୍ରରେ ଦେଖାଦେଉଥିବା ସମସ୍ତ ସନ୍ଦେହ ଦୂର କରିବା ପାଇଁ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଉପରୋକ୍ତ ୩ଟି ଜିଲ୍ଲାର ବହୁତ ଗ୍ରାମର ଯେଉଁ ସମସ୍ତ ସମ୍ପତ୍ତିକୁ ଟ୍ରଷ୍ଟ-ସମ୍ପତ୍ତି ବୋଲି ଦାବୀ କରି ଟ୍ରିବୁନାଲ ନିକଟରେ ଦାବି-ଦରଖାସ୍ତ ଦାଖଲ କରାଯାଇଛି କିମ୍ବା ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନର ୧୩ (ଘ) ଧାରା ଅନୁଯାୟୀ ଟ୍ରଷ୍ଟ-ସମ୍ପତ୍ତି କି ନୁହେଁ ତାହା ବିଗୁର କରିବା ପାଇଁ ଟ୍ରିବୁନାଲଙ୍କ ନିକଟରେ ଆବେଦନ କରାଯାଇଛି, ସେ ସମସ୍ତ ଟ୍ରଷ୍ଟ-ସମ୍ପତ୍ତି ପ୍ରତି ଉପରୋକ୍ତ ଘୋଷଣା ପ୍ରଯୁଜ୍ୟ ନୁହେଁ । ଦାବି-ଦରଖାସ୍ତ କିମ୍ବା କଲେକ୍ଟରମାନଙ୍କଦ୍ୱାରା ଟ୍ରିବୁନାଲ ନିକଟରେ କରାଯାଇଥିବା ଆବେଦନର ଶେଷ ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ଟ୍ରଷ୍ଟ-ସମ୍ପତ୍ତି ଦଖଲ କରୁଥିବା ପ୍ରଜାମାନେ ସମ୍ପୃକ୍ତ ମଧ୍ୟସ୍ୱତ୍ୱାଧିକାରୀଙ୍କୁ ପୂର୍ବଭଳି ଖଜଣା ଓ ସେସ୍ ଇତ୍ୟାଦି ଦେଉଥିବେ । ଉପରୋକ୍ତ ୩ଟି ଜିଲ୍ଲାସ୍ଥିତ ଯେଉଁସବୁ ସମ୍ପତ୍ତି ସକାଶେ ଦାବି-ଦରଖାସ୍ତ ଦାଖଲ କରାଯାଇଛି କିମ୍ବା ୧୩ (ଘ) ଧାରା ଅନୁଯାୟୀ ଟ୍ରିବୁନାଲଙ୍କ ମତାମତ ପାଇଁ ପଠାଯାଇଛି, ସେ ସମସ୍ତ ସମ୍ପତ୍ତିର ଏକ ତାଲିକା

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନିକଟରେ ଓଡ଼ିଶା ଗେଜେଟ୍‌ରେ ପ୍ରକାଶ କରାଯାଇଛି ।

## ପଲିଷ୍ଟିରିନ୍ (ପ୍ଲାଷ୍ଟିକ୍ ପାଉଡ଼ର) ବଣ୍ଟନ

ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ସମିତି, କଟକଙ୍କ ନିକଟରେ କେତେକ ପରିମାଣ ପଲିଷ୍ଟିରିନ୍ (ପ୍ଲାଷ୍ଟିକ୍ ପାଉଡ଼ର) ମହଜୁଦ ଅଛି । ପ୍ଲାଷ୍ଟିକ୍ ଦ୍ରବ୍ୟ ଉତ୍ପାଦନ କରୁଥିବା ଯେଉଁ କ୍ଷୁଦ୍ରଶିଳ୍ପ ସଂସ୍ଥାମାନେ ଏହି ପାଉଡ଼ର ନେବାକୁ ଚାହାନ୍ତି, ସେମାନଙ୍କର ଦରଖାସ୍ତ ୧୯୬୩ ମସିହା ଅକ୍ଟୋବର ୧୫ ତାରିଖ ସୁଦ୍ଧା ସଂପୃକ୍ତ ଜିଲ୍ଲା ଶିଳ୍ପ ଅଫିସରଙ୍କ ଜରିଆରେ ଶିଳ୍ପ ଡିରେକ୍ଟର, ଓଡ଼ିଶା, କଟକ-୧ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ।

## ନୋଟ୍ ଓ ବ୍ୟାଙ୍କ୍ ନୋଟ୍‌ଗୁଡ଼ିକୁ ବିକୃତ କରନ୍ତୁ ନାହିଁ

କେତେକ ବ୍ୟାଙ୍କ ଓ ବ୍ୟବସାୟ ଅନୁଷ୍ଠାନ ପ୍ରଚଳିତ ନୋଟ ଓ ବ୍ୟାଙ୍କ ନୋଟ୍‌ଗୁଡ଼ିକ ଉପରେ ସେମାନଙ୍କ ରବର ମୋହର (ଷ୍ଟାମ୍ପ) ମାରିଦେଉଥିବା ଓ କେତେକ ଅଫିସର ଅନ୍ୟତ୍ର ପଠାଉଥିବା ନୋଟ୍-ଗୁଡ଼ିକ ଉପରେ ନିଜ ସ୍ୱାକ୍ଷର ଓ ପୂରା ଠିକଣା ଲେଖି ଦେଉଥିବା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଆହୁରି ମଧ୍ୟ ସମସ୍ତ ସମୟରେ ସାଧାରଣ ଲୋକେ ନୋଟ୍‌ଗୁଡ଼ିକ ଉପରେ ଗାରଗାର କରି ସେଗୁଡ଼ିକୁ ବିକୃତ କରି ଦେଇଥାନ୍ତି । ଏହା ଫଳରେ ପ୍ରଚଳିତ ନୋଟ ଓ ବ୍ୟାଙ୍କ ନୋଟଗୁଡ଼ିକ କମ୍ ସମୟରେ ନଷ୍ଟ ହୋଇଯାଇଥାଏ । ଏ ସମ୍ପର୍କରେ ଏହା ଜାଣିରଖିବା ଦରକାର ଯେ ପ୍ରଚଳିତ ନୋଟ୍ ଓ ବ୍ୟାଙ୍କ ନୋଟ୍‌ଗୁଡ଼ିକ ପାଇଁ ଯେଉଁ କାଗଜ ଆବଶ୍ୟକ ହୋଇଥାଏ, ତାହା ବିଦେଶରୁ ଆମଦାନୀ କରିବାକୁ ପଡ଼େ । ତେଣୁ ପ୍ରଚଳିତ ନୋଟ୍ ଓ ବ୍ୟାଙ୍କ ନୋଟଗୁଡ଼ିକ ଉପରେ ଏପରି ଗାରଗାର ଓ ରବର ମୋହର ମାରିବା ଫଳରେ ବିରୂପ ହୋଇଯାଇଥିବା ନୋଟ୍‌ଗୁଡ଼ିକୁ ବଦଳାଇବାରେ ଅଯଥା ବହୁ ବିଦେଶୀ ମୁଦ୍ରା ବ୍ୟୟ କରିବାକୁ ପଡ଼େ । ତେଣୁ ଜାତୀୟ ଖର୍ଚ୍ଚ-ସଙ୍କୋଚ ଦୃଷ୍ଟିରୁ ପ୍ରଚଳିତ ନୋଟ୍ ଓ ବ୍ୟାଙ୍କ ନୋଟ୍‌ଗୁଡ଼ିକ ଉପରେ ଗାରଗାର ନ କରିବା ପାଇଁ ଓ ସେଗୁଡ଼ିକ ଉପରେ ମୋହର ନ ମାରିବା ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଉଛି ।

## ହଇଜା ପ୍ରତିଷେଧକ ଇଞ୍ଜେକ୍‌ସନ ନେଇ ରୋଗ ଆକ୍ରମଣରୁ ନିଜକୁ ରକ୍ଷା କରନ୍ତୁ

ଖବର ମିଳିଛି ଯେ ରାଜ୍ୟର କେତେକ ଅଞ୍ଚଳରେ ହଇଜା ରୋଗର ପ୍ରାଦୁର୍ଭାବ ଦେଖାଦେଇଛି । କଟକ ଜିଲ୍ଲାର ଯାଜପୁର, ମାହାଙ୍ଗା ଓ ସାଲେପୁର ଅଞ୍ଚଳରେ ଏହି ରୋଗ ବ୍ୟାପୁଥିବାର ଖବର ମିଳିଛି । ଏ ଧରଣର ରୋଗ ଦୂଷିତ ଖାଦ୍ୟ, ଜଳ ଏବଂ ମାଛିମାନଙ୍କ ଦ୍ୱାରା ବ୍ୟାପିଥାଏ । ମୃତ ବ୍ୟକ୍ତିର ଶବ ଏବଂ ରୋଗୀର ମଳମୂତ୍ରକୁ ଏଣେତେଣେ ନିକ୍ଷେପ କରିବା ଫଳରେ ଏହି ସଂକ୍ରାମକ ରୋଗ ପ୍ରସାରଲାଭ କରିଥାଏ । ତେଣୁ ଜନସାଧାରଣଙ୍କୁ ଏତଦ୍ୱାରା ପରାମର୍ଶ ଦିଆଯାଉଛି ଯେ ସେମାନେ :—

(୧) ନଦୀ, ନାଳ, ପୋଖରୀ ଓ ଅପରିଷ୍କାର କୂଅର ପାଣିକୁ ନ ଫୁଟାଇ କିମ୍ବା ବିଶୋଧିତ ନ କରି ପିଇବା ଉଚିତ ନୁହେ ;

(୨) ନଦୀ, ପୋଖରୀର ଜଳକୁ ଅନ୍ୟମାନେ ବ୍ୟବହାର କରୁଥିଲେ, ସେପରି ସ୍ଥାନରେ ରୋଗୀର ଅପରିଷ୍କୃତ ଲୁଗାପଟା ଧୋଇବା ଉଚିତ ନୁହେଁ । ଏପରି ଲୁଗାପଟାକୁ ସମ୍ପୂର୍ଣ୍ଣଭାବେ ଫୁଟାଇବାକୁ ହେବ କିମ୍ବା ପୋଡ଼ିଦେବାକୁ ପଡ଼ିବ;

(ଗ) ମିଷ୍ଟାନ୍ନଦ୍ରବ୍ୟ, କଟା ହୋଇଥିବା ଫଳମୂଳ ଏବଂ ମାଛି ବସୁଥିବା କିମ୍ବା ଧୂଳି ଜମିଥିବା ଖାଦ୍ୟ-ପଦାର୍ଥ ଖାଇବା ଅନୁଚିତ;

(ଘ) ନଦୀ ଓ ନାଳରେ ମୃତବ୍ୟକ୍ତିର ଶବ ପକାଇବା ଅନୁଚିତ ।

ହଇଜା ରୋଗରୁ ରକ୍ଷା ପାଇବା ପାଇଁ ହେଲେ ହଇଜା ପ୍ରତିଷେଧକ ଇଞ୍ଜେକ୍‌ସନ ହେଉଛି ଏକମାତ୍ର ଉପାୟ । ରାଜ୍ୟରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ-ମାନଙ୍କ ଦ୍ୱାରା ବିନା ମୂଲ୍ୟରେ ଏହି ପ୍ରତିଷେଧକ ଇଞ୍ଜେକ୍‌ସନ ଦିଆଯାଇଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ତଥା ତାଙ୍କ ପରିବାରର ପ୍ରତ୍ୟେକ ଲୋକ ତୁରନ୍ତ ହଇଜା ପ୍ରତିଷେଧକ ଇଞ୍ଜେକ୍‌ସନ ନେଇ ଏହି ରୋଗ-ହାତରୁ ନିଜକୁ ରକ୍ଷା କରନ୍ତୁ । ଜନସାଧାରଣଙ୍କୁ ପୁନର୍ବାର ଅନୁରୋଧ କରାଯାଉଛି ଯେ ସେମାନେ ଗ୍ରାମରେ କୌଣସି ବ୍ୟକ୍ତି ଝାଡ଼ାବାନ୍ତିଦ୍ୱାରା ଆକ୍ରାନ୍ତ ହେବାର ଦେଖିଲେ ନିକଟବର୍ତ୍ତୀ ଗ୍ରାମପଞ୍ଚାୟତ ଅଫିସକୁ ଅବିଳମ୍ବେ ଜଣାନ୍ତୁ । ଗ୍ରାମପଞ୍ଚାୟତ ଏ ବିଷୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ଖବର ଦେବେ । ଖବର ଦେବାରେ ଡେରି ହେଲେ ରୋଗ ବ୍ୟାପିଯିବାର ଯଥେଷ୍ଟ ସମ୍ଭାବନା ରହୁଛି ।

## ଜମିଦାରୀ ଓ ମଧ୍ୟସ୍ୱତ୍ୱ ଉଚ୍ଛେଦରୁ ଅବ୍ୟାହତି ପାଇବାକୁ ଚାହୁଁଥିବା ଟ୍ରଷ୍ଟିମାନେ ୩ ମାସ ମଧ୍ୟରେ ଆବେଦନ କରନ୍ତୁ

ସମସ୍ତ ପ୍ରକାର ମଧ୍ୟସ୍ୱତ୍ୱ ଲୋପ କରି ସରକାର ଓ ରଇତଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରିବା ଉଦ୍ଦେଶ୍ୟରେ ୧୯୫୧ ମସିହାରେ ଓଡ଼ିଶା ଜମିଦାରୀ ଆଇନ ପ୍ରଣୟନ କରାଯାଇଅଛି । ଏହି ଆଇନବଳରେ ସମସ୍ତ ପକ୍‌କା ଓ କଚା ମାହାଲ, କେତେକ ଲାଖରାଜ ବାହେଲ ଓ ମଧ୍ୟ-ସ୍ୱତ୍ୱାଧିକାରୀ ସ୍ୱତ୍ୱ ଲୋପ କରାଯାଇ-ଥିଲେ ମଧ୍ୟ ଲକ୍ଷାଧିକ ଷ୍ଟେଟ ଷ୍ଟେଟ ଲାଖରାଜ ବାହେଲ ଓ ବିଭିନ୍ନ ପ୍ରକାରର ମଧ୍ୟସ୍ୱତ୍ୱ ଉଚ୍ଛେଦ ହୋଇ ନ ଥିଲା । କେତେକ ସର୍ବସାଧାରଣ ଧର୍ମାର୍ଥ ଓ ଦାତବ୍ୟ ଅନୁଷ୍ଠାନର ଜମିଦାରୀ ଏବଂ ମଧ୍ୟସ୍ୱତ୍ୱ ଉଚ୍ଛେଦ ହୋଇଯିବା ଫଳରେ ସେମାନଙ୍କର ଆୟ ବିଶେଷ ହ୍ରାସ ପାଇ ପରିଚାଳନାରେ ବ୍ୟାଘାତ ଘଟିଲା । ଏହା ଫଳରେ ଧର୍ମପ୍ରାଣ ଜନସାଧାରଣଙ୍କ ମନରେ କେତେକ ଆଶଙ୍କା ପ୍ରକାଶ ପାଇଥିଲା । ଏଣୁ ଏହି ସର୍ବସାଧାରଣ ଅନୁଷ୍ଠାନଗୁଡ଼ିକୁ ସାଧାରଣ ଜମିଦାରୀ ଦୃଷ୍ଟିରେ ନ ଦେଖି ଏମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଅନେକ ଦିନରୁ ସରକାରଙ୍କ ବିଚାରାଧୀନ ଥିଲା ।

ଗତ ବିଧାନସଭା ଅଧିବେଶନରେ ଏହି ବିଷୟରେ ଆଲୋଚନା କରି ସରକାର ଜମିଦାରୀ ଉଚ୍ଛେଦ ବିଜ୍ଞାପନ ପ୍ରକାଶ ପାଇବା ଦିନଠାରୁ ୩ ମାସ ମଧ୍ୟରେ ଉପରୋକ୍ତ ସାଧାରଣ ଅନୁଷ୍ଠାନମାନଙ୍କର ଟ୍ରଷ୍ଟିମାନେ ସଂପୃକ୍ତ ଟ୍ରିବ୍ୟୁନାଲଙ୍କ ନିକଟରେ ସେମାନଙ୍କର ସମ୍ପତ୍ତିକୁ ଟ୍ରଷ୍ଟ ଇଷ୍ଟେଟ୍ ବା ସର୍ବସାଧାରଣ ଧର୍ମାର୍ଥ କିମ୍ବା ଦାତବ୍ୟ ଅନୁଷ୍ଠାନର ସମ୍ପତ୍ତି ( ଯହିଁରେ ଆୟର କୌଣସି ଅଂଶ ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ନିୟୋଜିତ ନ ହୋଇ କେବଳ ସର୍ବସାଧାରଣ ଧର୍ମାର୍ଥ କିମ୍ବା ଦାତବ୍ୟ ଉଦ୍ଦେଶ୍ୟରେ ଉତ୍ସର୍ଗ ହୋଇଥାଏ ) ବୋଲି ଦାବି କରି ସେଗୁଡ଼ିକୁ ୩-କ ଧାରା ଅନୁସାରେ ଜାରି ହୋଇଥିବା ଉଚ୍ଛେଦ ବିଜ୍ଞାପନ ଲାଗୁ ନ ହେବା ପାଇଁ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କରିପାରିବେ । ଉପରୋକ୍ତ ୩ ମାସ ପରେ ଟ୍ରିବ୍ୟୁନାଲ ଦରଖାସ୍ତକାରୀ ଅନୁଷ୍ଠାନମାନଙ୍କର ଏକତା ତାଲିକା ସଂପୃକ୍ତ ଜିଲ୍ଲା କଲେକ୍ଟରଙ୍କ ନିକଟକୁ ପଠାଇବେ ଓ ଜିଲ୍ଲା କଲେକ୍ଟର ସଙ୍ଗେ ସଙ୍ଗେ ଉକ୍ତ ତାଲିକା ଓଡ଼ିଶା ଗେଜେଟ୍‌ରେ

ପ୍ରକାଶ କରିବେ । ତାଲିକାଭୁକ୍ତ ସମ୍ପତ୍ତି ବ୍ୟତୀତ ଅବଶିଷ୍ଟ ସମସ୍ତ ସମ୍ପତ୍ତି ଉଚ୍ଛେଦ ବିଜ୍ଞପ୍ତିର ବଳରେ ସରକାରଙ୍କଠାରେ ନ୍ୟସ୍ତ ହେବ । ଟ୍ରିବ୍ୟୁନାଲ ମଧ୍ୟ ଏ ଅନୁଷ୍ଠାନମାନଙ୍କର ଦାବୀର ବିବରଣୀ ବିଜ୍ଞପ୍ତି ଦ୍ୱାରା ପ୍ରକାଶ କରି ଜନସାଧାରଣ ଓ ସମ୍ପୃକ୍ତ ପକ୍ଷମାନଙ୍କୁ ଆପତ୍ତି ଅଭିଯୋଗ ୩୦ ଦିନ ମଧ୍ୟରେ ଜଣାଇବା ପାଇଁ ନିର୍ଦ୍ଦେଶ ଦେବେ । ଟ୍ରିବ୍ୟୁନାଲ ସମସ୍ତ ଆପତ୍ତି-ଅଭିଯୋଗ ବିଚାର କରି ଯେଉଁ ସମ୍ପତ୍ତିକୁ ସର୍ବସାଧାରଣ ବୋଲି ବିବେଚନା କରିବେ, ସେଗୁଡ଼ିକ ପ୍ରତି ଉଚ୍ଛେଦ ବିଜ୍ଞପ୍ତି ଲାଗୁହେବ ନାହିଁ । ଟ୍ରିବ୍ୟୁନାଲଙ୍କ ସିଦ୍ଧାନ୍ତ ବିରୁଦ୍ଧରେ ହାଇକୋର୍ଟରେ ୩୦ ଦିନ ମଧ୍ୟରେ ଅପିଲ ଦାଏର ହୋଇପାରିବ । ଯେଉଁ ସମ୍ପତ୍ତି ଟ୍ରିବ୍ୟୁନାଲ କିମ୍ବା ହାଇକୋର୍ଟର ନିଷ୍ପତ୍ତି ଅନୁଯାୟୀ ସର୍ବସାଧାରଣ ବୋଲି ବିବେଚିତ ନ ହେବ, ସେଗୁଡ଼ିକ ଉକ୍ତ ନିଷ୍ପତ୍ତି ତାରିଖଠାରୁ ସରକାରଙ୍କଠାରେ ନ୍ୟସ୍ତ ହେଲା ବୋଲି ବିବେଚିତ ହେବ । ନ୍ୟସ୍ତ ହେବା ଦିନଠାରୁ ଜମିଦାରୀ ଉଚ୍ଛେଦ ମୂଳ ଆଇନର ଅନ୍ୟାନ୍ୟ ସମସ୍ତ ଧାରା ଲାଗୁହେବ; ମାତ୍ର ସରକାର ଇଚ୍ଛା କଲେ ଏହି ସାଧାରଣ ଧର୍ମାର୍ଥ ବା ଦାତବ୍ୟ ଅନୁଷ୍ଠାନଗୁଡ଼ିକୁ ମୂଳ ଆଇନର ୩ ଧାରା ବଳରେ ଉଚ୍ଛେଦ କରି ପାରିବେ ।

ରାଜସ୍ୱ ବିଭାଗର ତା ୩୦-୮-୬୩ ରିଖ ନ ୫୦୭୮୪ ମ୍ବର ବିଜ୍ଞପ୍ତି ଅନୁଯାୟୀ କେନ୍ଦୁଝର ଜିଲ୍ଲା ଅର୍ଥାତ୍ ପୂର୍ବତନ କେନ୍ଦୁଝର ଗଡ଼ଜାତ ଅନ୍ତର୍ଗତ କେତେକ ପ୍ରକାର ମଧ୍ୟସ୍ୱତ୍ୱ ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନର ୩-କ ଧାରା ଅନୁଯାୟୀ ଉଚ୍ଛେଦ କରାଯାଇଛି । ୧୯୬୩ ମସିହା ଜମିଦାରୀ ଉଚ୍ଛେଦ (ସଂଶୋଧନ) ଆଇନ ଅନୁସାରେ ଯେଉଁ ସର୍ବସାଧାରଣ ଧର୍ମାର୍ଥ ବା ଦାତବ୍ୟ ଅନୁଷ୍ଠାନ ଉପରୋକ୍ତ ଜମିଦାରୀ ଉଚ୍ଛେଦ ବିଜ୍ଞପ୍ତିରୁ ଅବ୍ୟାହତି ପାଇବାକୁ ଇଚ୍ଛା କରନ୍ତି, ତହିଁର ଟ୍ରଷ୍ଟିମାନେ ଉକ୍ତ ବିଜ୍ଞପ୍ତି ତାରିଖଠାରୁ ୩ ମାସ ମଧ୍ୟରେ ସଂପୃକ୍ତ ଟ୍ରିବ୍ୟୁନାଲଙ୍କ ନିକଟରେ ନିର୍ଦ୍ଦିଷ୍ଟ ଫାରମ (ଠ)ରେ ଆବେଦନ କରିପାରିବେ । ଏଥିପାଇଁ ନିମ୍ନଲିଖିତ ଟ୍ରିବ୍ୟୁନାଲ ଗଠିତ ହୋଇଅଛି । ଯେଉଁମାନେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆବେଦନ ନ କରିବେ, ତାଙ୍କର ସମ୍ପତ୍ତି ଉପରୋକ୍ତ ତାରିଖଠାରୁ ସରକାରଙ୍କଠାରେ ନ୍ୟସ୍ତ ହୋଇଅଛି ବୋଲି ବିବେଚିତ ହେବ ।

ଟ୍ରିବ୍ୟୁନାଲ—

୧ । ସବ୍‌ଜଜ କେନ୍ଦୁଝର କଲ

## ପରିବର୍ଦ୍ଧିତ ପୁଷ୍ଟି କାର୍ଯ୍ୟକ୍ରମ

ଗତ ସେପ୍ଟେମ୍ବର ୨୫ତାରିଖରେ ସେକ୍ରେଟାରିଏଟ୍ ସମ୍ମିଳନୀ-କକ୍ଷରେ ପରିବର୍ଦ୍ଧିତ ପୁଷ୍ଟି-କାର୍ଯ୍ୟକ୍ରମ ସମ୍ପର୍କରେ ଏକ ବୈଠକ ବସିଥିଲା । ଗ୍ରାମପଞ୍ଚାୟତ କମିଶନର ଶ୍ରୀ ଭି. ଏସ୍. ମାଥୁରଙ୍କ ଅଧ୍ୟକ୍ଷତାରେ ପୁଷ୍ଟି-କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିବା ବ୍ଲକର କର୍ମଚାରୀମାନଙ୍କ ସହିତ ଏହି କାର୍ଯ୍ୟକ୍ରମର ଫଳାଫଳ ସମ୍ପର୍କରେ ଆଲୋଚନା ହୋଇଥିଲା ।

ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା, ପୁଷ୍ଟିକର ଖାଦ୍ୟ ପଦାର୍ଥ ଉତ୍ପାଦନ କରିବାରେ ଗ୍ରାମବାସୀଙ୍କୁ ସାହାଯ୍ୟ କରିବା । ଏହି କାର୍ଯ୍ୟକ୍ରମକୁ ୧୯୫୯-୬୦ ମସିହାରେ ପ୍ରଥମ ଥର ପାଇଁ ପରୀକ୍ଷାମୂଳକଭାବେ ୩୨ଟି ବ୍ଲକରେ କାର୍ଯ୍ୟକାରୀ କରାଯାଇଥିଲା । ଏହାର ଫଳାଫଳ ବିଶେଷ ସନ୍ତୋଷଜନକ ହେବାରୁ ଅନ୍ୟାନ୍ୟ ବ୍ଲକମାନଙ୍କରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରାଗଲା । ବର୍ତ୍ତମାନ ରାଜ୍ୟର ୫୮ଟି ବ୍ଲକ ଓ ୧୦ଟି ତାଲିମ କେନ୍ଦ୍ରରେ ଏହି ପୁଷ୍ଟି-କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏହାକୁ କାର୍ଯ୍ୟକାରୀ କରିବା ଦିଗରେ 'ୟୁନିସେଫ୍' ଓ ଅନ୍ୟାନ୍ୟ ଆନ୍ତର୍ଜାତିକ ସଂସ୍ଥା ଆବଶ୍ୟକୀୟ ସାହାଯ୍ୟ ଓ ସହଯୋଗ ପ୍ରଦାନ କରୁଛନ୍ତି ।

## ସିମେଣ୍ଟ ଦର ବୃଦ୍ଧି

୧୯୬୩ ମସିହା ଅଗଷ୍ଟ ୨୦ ତାରିଖଠାରୁ ଭାରତ ସରକାର ସିମେଣ୍ଟର ମୂଳ ରେଳଷ୍ଟେସନମାନଙ୍କରେ ମେଟ୍ରିକ୍ ଟନ ପିଛା ଟ ୧୩୮.୬୮ ନ: ପ: ରୁ ଟ ୧୩୯.୬୨ ନ: ପ:କୁ ବୃଦ୍ଧି କରିଛନ୍ତି । କିନ୍ତୁ ଅଗଷ୍ଟ ୧୯ ତାରିଖ ମଧ୍ୟରାତ୍ର ପୂର୍ବରୁ ଲଦିତ ଥିବା କମ୍ପା କାରଖାନାରୁ ଅନ୍ୟ ସ୍ଥାନକୁ ପଠାଯିବା ଅବସ୍ଥାରେ ଥିବା ସିମେଣ୍ଟକୁ ପୂର୍ବ ମୂଲ୍ୟରେ ବିକ୍ରି କରାଯିବ । ଅଗଷ୍ଟ ୨୦ ତାରିଖ ପରେ ରେଳଷ୍ଟେସନମାନଙ୍କରେ ଥିବା ସିମେଣ୍ଟ ବିକ୍ରୟ କେନ୍ଦ୍ରମାନଙ୍କରେ ଖୁଚୁରା ମେଟ୍ରିକ୍ ଟନ ପିଛା ଟ ୧୪୮.୬୨ ନ: ପ: ବିକ୍ରି କରାଯିବ । ଏହାଛଡ଼ା ବିକ୍ରେତାଙ୍କୁ ବିକ୍ରି-କର ଓ ଅନ୍ୟାନ୍ୟ ସ୍ଥାନୀୟ କର ଦେବାକୁ ପଡ଼ୁଥିଲେ, ସେ ଏହା କ୍ରେତାଙ୍କ ନିକଟରୁ ଆଦାୟ କରି ପାରିବେ ।

## ସର୍ବଭାରତୀୟ ପରୀକ୍ଷା ପାଇଁ ତାଲିମ ବ୍ୟବସ୍ଥା

କେନ୍ଦ୍ର ପବ୍ଲିକ୍ ସର୍ଭିସ୍ କମିଶନଦ୍ୱାରା ଅନୁଷ୍ଠିତ ଆଇ.ଏ.ଏସ୍., ଆଇ.ପି.ଏସ୍. ଓ ଆଲାଏଡ୍ସ୍ ସର୍ଭିସ୍ ପାଇଁ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସମ୍ପ୍ରଦାୟର ଛାତ୍ରମାନଙ୍କୁ ତାଲିମ ଦେବା ସକାଶେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରେ ଗୋଟିଏ ତାଲିମ କେନ୍ଦ୍ର ଖୋଲାଯାଇଛି । ବର୍ତ୍ତମାନ ଏହି କେନ୍ଦ୍ରରେ ୬୦ ଜଣ ଛାତ୍ର ତାଲିମ ପାଇପାରିବେ । ପରେ ଏହି ସ୍ଥାନ-ସଂଖ୍ୟାକୁ ୮୦କୁ ବୃଦ୍ଧି କରାଯିବା ପାଇଁ ସ୍ଥିର ହୋଇଛି । ଏହି କେନ୍ଦ୍ରରେ ଛାତ୍ରୀମାନଙ୍କ ତାଲିମ ସକାଶେ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା ରହିଛି । ଛାତ୍ର-ମାନଙ୍କର ରହିବା, ଖାଇବା ବ୍ୟୟ ଓ କଲେଜ-ଦରମା ଭାରତ ସରକାର ବହନ କରିବେ । ୧୯୬୩ ନଭେମ୍ବର ୨୫ ତାରିଖଠାରୁ ଆଗାମୀ ତାଲିମ ପାଠ୍ୟକ୍ରମ ଆରମ୍ଭ ହେଉଥିବାରୁ ଛାତ୍ରମାନଙ୍କୁ ନଭେମ୍ବର ୨୫ ତାରିଖ ସୁଦ୍ଧା ଯୋଗଦାନ କରିବାକୁ ପଡ଼ିବ । ଓଡ଼ିଶାର ତଫସିଲଭୁକ୍ତ ଜାତି ଓ ସମ୍ପ୍ରଦାୟର ଛାତ୍ରମାନେ ଏହି ସୁଯୋଗ ନେଇ ପାରିବେ ।

## ଗାର୍ଡେନରିଚ କାରଖାନାରେ ପାରାଦୀପ ବନ୍ଦର ପାଇଁ ଡ୍ରେଜର ନିର୍ମାଣ

ପାରାଦୀପ ବନ୍ଦର ସକାଶେ ଗୋଟିଏ ବୃହତ୍ ଧରଣର ଡ୍ରେଜର ନିର୍ମାଣ କରିବା ପାଇଁ ସ୍ଥିର କରାଯାଇଛି । ଏହି ଡ୍ରେଜରଟି କଲିକତାସ୍ଥ ଗାର୍ଡେନରିଚ କାରଖାନାରେ ୧୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯିବ । ଏ ସଂକ୍ରାନ୍ତ ଏକ ଚୁକ୍ତି ଗତ ସେପ୍ଟେମ୍ବର ୨୪ ତାରିଖରେ ଭୁବନେଶ୍ୱରଠାରେ ସ୍ୱାକ୍ଷରିତ ହୋଇଛି । ୧୯୬୫ ମସିହା ସେପ୍ଟେମ୍ବର ସୁଦ୍ଧା ଏହି ଡ୍ରେଜରଟି ପାରାଦୀପରେ ପହଞ୍ଚିପାରିବ ବୋଲି ଆଶା କରାଯାଏ ।

ଏ ଧରଣର ଡ୍ରେଜର ଭାରତରେ ସର୍ବପ୍ରଥମ ଥର ପାଇଁ ନିର୍ମାଣ କରାଯାଉଛି ଓ ଏହା ୧୫୦୦ ଟନ ବାଲି ବହିନେବା ସଙ୍ଗେ ସଙ୍ଗେ ୫୫ ଫୁଟ ଗଭୀର ପର୍ଯ୍ୟନ୍ତ ଖୋଳାଯାଇ ପାରିବ । ପଶ୍ଚିମ-ଜର୍ମାନୀର ଗୋଟିଏ ବିଖ୍ୟାତ କାରଖାନାର ସହଯୋଗକ୍ରମେ ଏହି ଡ୍ରେଜରଟି ନିର୍ମାଣ କରାଯିବ ।

# ଜାଣନ୍ତି କି ?

## ମକା ଫସଲରେ ରାସାୟନିକ ସାରର ପ୍ରୟୋଗ

ନୂଆଦିଲ୍ଲୀସ୍ଥ ଭାରତୀୟ କୃଷି-ଗବେଷଣା କେନ୍ଦ୍ର ଜଣାଇଛନ୍ତି ଯେ ମକା ଫସଲ ପାଇଁ ନାଇଟ୍ରୋଜେନ୍ ସାର ସର୍ବାପେକ୍ଷା ଅତ୍ୟନ୍ତ ଉପଯୋଗୀ । ଏକର ପିଛା ୮୦ରୁ ୧୨୦ ପାଉଣ୍ଡ ନାଇଟ୍ରୋଜେନ୍ ସହିତ ଫସଫରସ ଓ ପୋଟାସିଅମ୍ ପ୍ରତ୍ୟେକରୁ ୪୦ରୁ ୮୦ ପାଉଣ୍ଡ ପ୍ରୟୋଗ କଲେ ଉତ୍ପାଦନ ଆଶାତୀତଭାବେ ବୃଦ୍ଧି ପାଇଥାଏ । ବିହନ ବୁଣିବାବେଳେ ଫସ୍‌ଫରସ ଓ ପୋଟାସିଅମ୍ ପ୍ରୟୋଗ କରାଯାଇଥାଏ । ନାଇଟ୍ରୋଜେନ୍ ୩ ଦଫାରେ, ଯଥା—ବିହନ ବୁଣିବାବେଳେ, ମାସକ ପରେ ଓ ମକା ଗଛରେ ଫୁଲ ଧରିବାବେଳେ ପ୍ରୟୋଗ କରାଯାଇଥାଏ ।

●

## ଜଙ୍ଗଲ ସମବାୟ

ପଞ୍ଜାବ ରାଜ୍ୟରେ କାଙ୍ଗ୍ରା ଜିଲ୍ଲାରେ ଏକ ନୂତନ ପରୀକ୍ଷାର ସୂତ୍ରପାତ ହୋଇଛି । ଏହା ହେଲା "ଜଙ୍ଗଲ ସମବାୟ ସମିତି"; ଅର୍ଥାତ୍ ଗ୍ରାମବାସୀମାନେ ନିଜ ଅଞ୍ଚଳରେ ଥିବା ଜଙ୍ଗଲର ସୁରକ୍ଷା, ଉନ୍ନତିବିଧାନ ତଥା ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଏ ଧରଣର ସମବାୟ ସମିତିମାନ ଗଠନ କରିଛନ୍ତି । ବର୍ତ୍ତମାନ ୭୦ଟି ଗ୍ରାମରେ ସର୍ବମୋଟ ୭୦,୦୦୦ ଏକର ପରିମିତ ଅଞ୍ଚଳରେ ଏହି ପରୀକ୍ଷାର ସୂତ୍ରପାତ ହୋଇଛି । ଏହି ନୂତନ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ପାଇଁ ଗ୍ରାମବାସୀଙ୍କୁ ସରକାରଙ୍କ ତରଫରୁ ଆର୍ଥିକ ସାହାଯ୍ୟ ସମେତ ଅନ୍ୟାନ୍ୟ ଇଞ୍ଜିନିୟରିଂ ସାହାଯ୍ୟ ବି ଯୋଗାଇ ଦିଆଯାଉଛି ।

●

## ଉତ୍ତରପ୍ରଦେଶର ଟି-୪ ଯବ

ଉତ୍ତରପ୍ରଦେଶର କୃଷି ବିଭାଗ ତରଫରୁ ଟି-୪ ନାମକ ଏକ ଉନ୍ନତ ଧରଣ ଯବର ଆବିଷ୍କାର କରାଯାଇଛି । ଏହା ଖୁବ୍ ଶୀଘ୍ରରେ ( ୧୪୦ ଦିନ ) ହୁଏ ଏବଂ ସର୍ବାପେକ୍ଷା ଅଧିକ ଅମଳ ହୋଇଥାଏ । ଏହାର ଦାନା ମୋଟା ଓ ସଫେଦ ହୋଇଥିବା ଯୋଗୁଁ ସୁନ୍ଦର ରୁଟି ତିଆରି ହୋଇପାରୁଛି ।

●

## ବାଇଗଣ ଗଛରେ ପୋକ

ଉଭୟ ବାଇଗଣ ବୁଦା ଓ ଫଳନ୍ତି ଗଛରେ ପୋକ ଲାଗିବାଯୋଗୁଁ ବହୁ କ୍ଷତି ଘଟିଥାଏ । ସ୍ପ୍ରେ ସାହାଯ୍ୟରେ ଡି.ଡି.ଟି. ପ୍ରୟୋଗ କରାଗଲେ ବାଇଗଣ ଗଛକୁ ସହଜରେ ପୋକଦାଉରୁ ରକ୍ଷା କରାଯାଇ ପାରିବ । ମହାରାଷ୍ଟ୍ରର ପୁନାସ୍ଥିତ କୃଷି କଲେଜ ପରୀକ୍ଷା କରି ଏହା ଜାଣିପାରିଛନ୍ତି ।

●

## ହଳଦିପତ୍ରରେ ଦାଗ

ହଳଦି ପତ୍ରରେ "ଦାଗ" ହୋଇ କ୍ରମେ କ୍ରମେ ଗଛ ରୋଗାକ୍ରାନ୍ତ ହୁଏ । ଏହି ରୋଗଜନିତ ଦାଗକୁ ନିୟନ୍ତ୍ରଣ କରିବାକୁ ହେଲେ Bordeaux ମିଶ୍ରଣ କିମ୍ବା 'ଡାଇଥେନ୍' ସ୍ପ୍ରେ କରିବାକୁ ହେବ । ଏକ ଏକର ଜମି ସକାଶେ ୭୦ ଗ୍ୟାଲନ୍ ପାଣିରେ ଏକ ପାଉଣ୍ଡ ଡାଇଥେନ୍ ମିଶାଇ ସ୍ପ୍ରେ କରିବାକୁ ହେବ ।

●

## ଆଖୁଗଛରେ ପୋକ

ଆଖୁଗଛରେ ପୋକ ଲାଗିଲେ "କେଲଥେନ" ସ୍ପ୍ରେ ଦ୍ୱାରା ଉତ୍ତମ ଫଳ ମିଳିଥାଏ । ଏହା ଫଳରେ

ଶୋକ ଓ ତମ୍ବୁ ଜରଗୁ ନଷ୍ଟ ହୋଇଥାଏ । ଏହାଛଡ଼ା କେଲଫେନ୍‌ର ପ୍ରତିରୋଧୀ ବର୍ଦ୍ଧିତ ବଦଯାଏ ରହିବା ଯୋଗୁଁ ଏହି ରୋଗ ପୁନର୍ବାର ଆକ୍ରମଣ କରିପାରେ ନାହିଁ । ନୂଆଦିଲ୍ଲୀସ୍ଥ ଭାରତୀୟ କୃଷି-ଗବେଷଣା କେନ୍ଦ୍ର ଏହା ଆବିଷ୍କାର କରିଥିବାର ଜଣାଯାଇଛି ।

## ଜାତୀୟ ପ୍ରତିରକ୍ଷା ପାଣ୍ଠି

ଜାତୀୟ ପ୍ରତିରକ୍ଷା ପାଣ୍ଠି କେନ୍ଦ୍ର ଶାଖାରେ ୧୯୬୭ ମସିହା ଅଗଷ୍ଟ ୩୧ ତାରିଖ ସୁଦ୍ଧା ସର୍ବମୋଟ ୬୬.୩୫ କୋଟି ଟଙ୍କା ମିଳିଛି । ବ୍ରିଟେନ୍‌ରୁ ପ୍ରାପ୍ତ ୫୮ ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ଦେଶରୁ ପ୍ରାପ୍ତ ୪୮ ଲକ୍ଷ ଟଙ୍କା ମଧ୍ୟ ଏହାର ଅନ୍ତର୍ଭୁକ୍ତ ଅଛି । ଏହାବ୍ୟତୀତ ୨୨,୪୦,୮୭୭ ଗ୍ରାମ୍ ଓଜନର ସୁନା ଅଳଙ୍କାର ଏହି ପାଣ୍ଠିକୁ ଦାନ କରାଯାଇଛି ।

## ଜୀବନରକ୍ଷା ପଦକ


ନିଜ ଜୀବନକୁ ଅତ୍ୟନ୍ତ ବିପନ୍ନ କରି ଅସୀମ ସାହସର ସହିତ ଜଳ, ଅଗ୍ନି, କମ୍ପା ଖଣି ଆଦି ଦୁର୍ଘଟଣାରୁ ଅପରକୁ ଯେ ରକ୍ଷା କରିଥାଏ, ସେ ଧରଣର ବ୍ୟକ୍ତିଙ୍କୁ ତାଙ୍କର ଉଲ୍ଲେଖଯୋଗ୍ୟ ସାହସିକତା ତଥା ଆତ୍ମତ୍ୟାଗ ପାଇଁ ଏହି ସମ୍ମାନସୂଚକ ପଦକ ପ୍ରଦାନ କରାଯାଇଥାଏ । ଏଭଳି ବ୍ୟକ୍ତିଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ବିଭକ୍ତ କରାଯାଇଥାଏ । ପ୍ରଥମ ଶ୍ରେଣୀର ବ୍ୟକ୍ତିଙ୍କୁ ସ୍ୱର୍ଣ୍ଣପଦକ, ଦ୍ୱିତୀୟ ଶ୍ରେଣୀର ବ୍ୟକ୍ତିଙ୍କୁ ରୌପ୍ୟ ଓ ତୃତୀୟ ଶ୍ରେଣୀର ବ୍ୟକ୍ତିଙ୍କୁ କାଂସ୍ୟ ପଦକ ପ୍ରଦତ୍ତ ହୋଇଥାଏ ।

ଗତ ବର୍ଷ ପ୍ରଥମ କରି ୨୧ ଜଣ ବ୍ୟକ୍ତିଙ୍କୁ ସେମାନଙ୍କର ଅପୂର୍ବ ସାହସିକତା ପାଇଁ ଏହି ଜୀବନ-ରକ୍ଷା ପଦକ ପ୍ରଦାନ କରାଯାଇଛି । ଏମାନଙ୍କ ମଧ୍ୟରେ ଓଡ଼ିଶାର କୁମାରୀ ଇନ୍ଦିରା ପାଣିଗ୍ରାହୀ ଅନ୍ୟତମ । ମହାନଦୀରେ ଜଣେ ୧୦ ବର୍ଷର ବାଳିକା ଓ ୨ ଜଣ ବୟସ୍କା ମହିଳା ବୁଡ଼ିଯାଉଥିବା ବେଳେ ବାଙ୍କୀ ବୀରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଛାତ୍ରୀ କୁମାରୀ ଇନ୍ଦିରା ସେମାନଙ୍କୁ ରକ୍ଷା କରିଥିବାରୁ ଆଜି ଜୀବନରକ୍ଷା ସ୍ୱର୍ଣ୍ଣପଦକ ଲାଭ କରିବାର ଗୌରବ ହାସଲ କରିପାରିଛନ୍ତି ।

## ରାଜ୍ୟ ବିଧାନସଭାମାନଙ୍କର ସ୍ଥାନସଂଖ୍ୟା

ଆଗାମୀ ସାଧାରଣ ନିର୍ବାଚନ ସକାଶେ ବିଭିନ୍ନ ରାଜ୍ୟର ବିଧାନସଭାଗୁଡ଼ିକ ପାଇଁ ସୀମା ନିର୍ଦ୍ଧାରଣ କମିଶନ ନିମ୍ନଲିଖିତ ସଂଖ୍ୟାରେ ସ୍ଥାନ ସ୍ଥିର କରିଛନ୍ତି ।

| ରାଜ୍ୟ | ମୋଟ ସ୍ଥାନସଂଖ୍ୟା | ତଫସିଲ-ଭୁକ୍ତ ଜାତି | ତଫସିଲ-ଭୁକ୍ତ ସମ୍ପ୍ରଦାୟ |
|---|---|---|---|
| ଉତ୍ତର ପ୍ରଦେଶ | ୪୨୫ | ୮୯ | — |
| ବିହାର | ୩୧୮ | ୪୫ | ୨୯ |
| ମହାରାଷ୍ଟ୍ର | ୨୭୦ | ୧୫ | ୧୬ |
| ଆନ୍ଧ୍ର ପ୍ରଦେଶ | ୨୮୭ | ୪୦ | ୧୧ |
| ପଶ୍ଚିମ-ବଙ୍ଗ | ୨୮୦ | ୫୫ | ୧୬ |
| ମାନ୍ଦ୍ରାଜ | ୨୩୪ | ୪୨ | ୨ |
| ମଧ୍ୟପ୍ରଦେଶ | ୨୯୬ | ୩୯ | ୬୧ |
| ମହୀଶୂର | ୨୧୬ | ୨୯ | ୨ |
| ଗୁଜୁରାଟ | ୧୬୮ | ୧୧ | ୨୨ |
| ପଞ୍ଜାବ | ୧୬୧ | ୩୩ | — |
| ରାଜସ୍ଥାନ | ୧୮୪ | ୩୧ | ୨୧ |
| ଓଡ଼ିଶା | ୧୪୦ | ୨୨ | ୩୪ |
| କେରଳ | ୧୩୩ | ୧୧ | ୨ |
| ଆସାମ | ୧୨୬ | ୮ | ୧୦ |



ଗତ ସେପ୍ଟେମ୍ବର ୧୨ ତାରିଖ ଦିନ ଭୁବନେଶ୍ୱରସ୍ଥ ବାଣୀବିହାରଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବ ସ୍ନାତକଙ୍କର ଏକ ସାମାଜିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏଥିରେ ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ ।

ଚିତ୍ରରେ—ଶ୍ରୀ ପଟ୍ଟନାୟକଙ୍କର [illegible] ଉଦ୍‌ବୋଧନ

---

ଦକ୍ଷିଣ ପୂର୍ବାଞ୍ଚଳ ଡାକ ଓ ତାର ବିଭାଗର ସନ୍ତରଣ ପ୍ରତିଯୋଗିତା ଗତ ଜାନୁଆରୀରେ [illegible] ଲାଲବନ୍ଧା ପୋଲ୍ ନିକଟସ୍ଥ ସନ୍ତରଣ ପୁଷ୍କରିଣୀରେ ଅନୁଷ୍ଠିତ ହୋଇଥିଲା ।

ଚିତ୍ରରେ—୧୦୦ ମିଟର [illegible] ଦୃଶ୍ୟ



Vol. XX No. 3 UTKAL PRASANGA Regd. No. 0-2
Licence No. C. R. N. P. 5. Licensed to post without prepayment

## ଶପଥ

ଶାନ୍ତିପୂର୍ଣ୍ଣ ଉପାୟରେ ମତଭେଦର ସମାଧାନ କରାଯିବା ଉଚିତ । ଭାରତର ଜଣେ ନାଗରିକ ହିସାବରେ ମୁଁ ସର୍ବ-ସମାଜର ଏହି ସାର୍ବଜନୀନ ନୀତିରେ ଦୃଢ଼ ଆସ୍ଥା ପ୍ରକାଶ କରିବା ସଙ୍ଗେ ସଙ୍ଗେ ଶପଥ ନେଉଛି ଯେ ଲୋକମାନଙ୍କ ମଧ୍ୟରେ ଉପଗତ ଜୀବନର ଆବଶ୍ୟକତା ଦୃଷ୍ଟିରୁ ଧର୍ମ, ଭାଷା, ପ୍ରାଦେଶିକତା କିମ୍ବା ସର୍ବସାଧାରଣଙ୍କ ଅନ୍ୟାନ୍ୟ ବ୍ୟାପାର ସଂପର୍କୀୟ ବାଦ-ବିସମ୍ବାଦରେ କେବେହେଁ ହିଂସା-ମାର୍ଗ ଅବଲମ୍ବନ କରିବି ନାହିଁ ।




୧୯୬୩ ଅକ୍ଟୋବର ପ୍ରଥମରେ
ଗାନ୍ଧିଜୀଙ୍କ ସହକର୍ମିଣୀ ଓ ଭାରତୀ
ଜାତୀୟ କଂଗ୍ରେସର ଏକଦା
ସଭାପତି ୮ ଅକ୍ଟୋବର
ଜୟନ୍ତୀ ଉପଲକ୍ଷେ ଭାର
ତାର ବିଭାଗଦ୍ୱାରା ପ୍ରସ୍ତୁତ
ନୂ.ପ: ମୂଲ୍ୟର ନୂଆ ଡାକ ଟିକ

ସମଗ୍ର ଓଡ଼ିଶାରେ ବିଶେଷତଃ ସ୍କୁଲଛାତ୍ରମାନଙ୍କ ମଧ୍ୟରେ ସ୍ୱଳ୍ପ ସଞ୍ଚୟ ଯୋଜନା ଲୋକପ୍ରିୟ ହୋଇପଡ଼ୁଛି
କଟକରେ—ମଧୁବନ କ୍ଲବ ଲେକଚର୍ସଙ୍କ ଦ୍ୱାରା ଆୟୋଜିତ ସ୍ୱଳ୍ପ ସଞ୍ଚୟ ପ୍ରଚାର କକ୍ଷରୁ
ଜଣେ ୮ ବର୍ଷ ବୟସ୍କା ଛାତ୍ରୀ ଗୋଟିଏ ସଞ୍ଚୟ-ବାକ୍ସ କିଣୁଛନ୍ତି

